www.duradrusti.org

# ଦୂ ର ଦୃ ଷ୍ଟି



ଉଚ୍ଚ ହେବାପାଇଁ ଯେବେ କର ଆଶା, ଉଚ୍ଚକର ଆଗେ ନିଜ ମାତୃଭାଷା ।




Journal of Odia Samaja
Volume 7, Issue 2, September2009



# ପ୍ରଚ୍ଛଦରେ…

ଅବଧାନ ଆପଣ,

ଆମ ହାତରେ ଖଡି ଖଣ୍ଡେ ଧରେଇ
ଜୀବନର ସବୁ ଅଛିଣ୍ଡା ଅଙ୍କର
ସମାଧାନ ସୂତ୍ର
ବତେଇ ଦେଇଛନ୍ତି ଆପଣ ।

କାନ ମୋଡି ଶିଖେଇଛନ୍ତି
ମଣିଷ ପରି ମଣିଷଟିଏ ହୋଇ
ଜିଇବାର ନିଗୂଢ ରହସ୍ୟ ।

ବି ଖଣ୍ଡିଏ ବେତ ଧରି
ଆମ ମଣିଷ ଜନ୍ମର
ସବୁ ଅଜ୍ଞାନ ପଣକୁ
ସାବାଡ କରିଛନ୍ତି, ଆପଣ;
ଏଣୁ ଆପଣଙ୍କୁ
ଅନନ୍ତ କୋଟି ପ୍ରଣାମ !

ପରିକଳ୍ପନା
ପ୍ରଶାନ୍ତ କୁମାର ସାହୁ

ଅଳଙ୍କରଣ
ପ୍ରଶାନ୍ତ କୁମାର ସାହୁ
ରବିନ୍ଦ୍ର କୁମାର ପଣ୍ଡା
ପ୍ରଣବ ପ୍ରକାଶ ନାୟକ
ବିଶ୍ୱବନ୍ଧୁ ମହାପାତ୍ର

ଓଡିଆ ସମାଜର ମୁଖପତ୍ର

# ଦୂରଦୃଷ୍ଟି

# ସୂଚୀପତ୍ର


| | | | |
|---|---|---|---|
| ସଂପାଦକୀୟ | ପ୍ରଶାନ୍ତ କୁମାର ସାହୁ | | |
| ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କ ବାର୍ତ୍ତା | ପ୍ରଶାନ୍ତ କୁମାର ସାହୁ | | ୫ |
| ସହ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କ ବାର୍ତ୍ତା | ବିଶ୍ୱରଂଜନ ଗୋସ୍ୱାମୀ | | ୬ |
| ପ୍ରବନ୍ଧ | ସଂଗୀତରେ ସାହିତ୍ୟ | ରସରାଜ ନାରାୟଣ ପ୍ରସାଦ ସିଂହ | ୯ |
| | ପ୍ରଶ୍ନର ଜଡତା | ସୁଦର୍ଶନ ଦାସ | ୧୧ |
| କବିତା | ଭାବ ପର୍ବ | କମଳ କୁମାର ମହାନ୍ତି | ୧୫ |
| | ଘର | ଦିଗମ୍ବର ପାତ୍ର | ୧୭ |
| | ଓଡିଆ ଦାୟାଦଙ୍କୁ | ପ୍ରଫେସର ହୃଷିକେଶ ମହାନ୍ତି | ୧୯ |
| | ଭାରତବର୍ଷର ଝିଅ | ଶ୍ରୀମତି କୁମ୍‌କୁମ୍‌ ରାୟ | ୨୧ |
| | ତୁମେ ଆସୁଛ ବୋଲି | ଡଃ ସଂଜୀବ କୁମାର କର୍ମୀ | ୨୩ |
| | ଯାହା ହଜିଗଲା | ଅଶୋକ ଚଂଦ୍ର ମହାପାତ୍ର | ୨୪ |
| | ବସନ୍ତ ଆସିଛି | ଘାସିରାମ ପଣ୍ଡା | ୨୫ |
| | ମୁଁ | ମନୋଜ ସାହୁ | ୨୬ |
| | ଆଇନା | ଶ୍ରୀ ରମାକାନ୍ତ ମିଶ୍ର | ୨୭ |
| | ଭଙ୍କୁଆ | ଶ୍ରୀ ରମାକାନ୍ତ ମିଶ୍ର | ୨୯ |
| | ତୁମେ ଆଉ ମୁଁ | | ୩୧ |
| | ମୁଁ ହାରିଗଲା ପରେ | ଇଂ ଶ୍ରୀନିବାସ ଭୂୟାଁ | ୩୩ |
| | ହଳଦୀ ବସନ୍ତର ରଙ୍ଗଲାଲ | ପ୍ରଣବ ପ୍ରକାଶ ନାୟକ | ୩୪ |
| ଗାଳ୍ପ | ଆହତ ବର୍ତ୍ତମାନ | ଅଧ୍ୟାପକଅତୁଲ ବଳ | ୩୬ |
| | କାଠିକଲମର ଛବି | ଶ୍ରଦ୍ଧାଂଜଳି କାନୁନ୍‌ଗୋ | ୪୦ |
| | ସ୍ୱପ୍ନ ଦେଖିବାର ଦିନ | ଭାସ୍କର ଜେନା | ୪୬ |
| | ଜେଜେଙ୍କ କୋଥଳି | ଗୌରୀ ଶଙ୍କର ମହାପାତ୍ର | ୫୧ |
| | କଇଁ | ରଜଂନ ସାହୁ | ୫୫ |
| ଇଂରାଜୀ ବିଭାଗ | All My Life | Divya Mohanty | 62 |
| | Paradigm Shift-8: My Memoir | By Biswaranjan Jena | 64 |
| | Experiencing The Amazon | By Nitin Indurkhya | 70 |
| | Secondary Science Education in Orissa | S. S. Tripathy, | 83 |
| | Trip To ARUSHA – An Experience (In Tanzania) | Anwesha Sahu | 87 |

ପ୍ରଶାନ୍ତ କୁମାର ସାହୁ



# ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ବାର୍ତ୍ତା

ଦୂରଦୃଷ୍ଟିର ଅଗଣିତ ପାଠକ ପାଠିକାମାନଙ୍କୁ ଶାରଦୀୟ ଅଭିନନ୍ଦନ ।

ଆଜିର ଏହି ପବିତ୍ର ଅବସରରେ ଯେଉଁ ଗୋଟିଏ କଥା ବାରମ୍ବାର ମନକୁ ଆନ୍ଦୋଳିତ କରୁଛି ତାହା ହେଲା, ସତରେ କ'ଣ ଓଡିଶା ଗୋଟେ ପଛୁଆ ରାଜ୍ୟ ? କିଏ ପଛୁଆ, ଓଡିଆ ଜାତି ନା ଓଡିଆଙ୍କ ମନବୃତି ? ଓଡିଆଙ୍କ ଅବଚେତନରେ ବସାବାଂଧିଥିବା ହୀନମନ୍ୟତାକୁ ଚିରଦିନଲାଗି ବିତାଡିତ କରିବା ପାଇଁ 'ଓଡିଆ ସମାଜ' ପ୍ରତିଜ୍ଞାବଦ୍ଧ ।

ଇତିହାସ କହେ, "ଓଡିଆମାନେ ଭାରତବର୍ଷର ପ୍ରଥମ ଏବଂ ସମ୍ଭବତଃ ବିଶ୍ୱର ବହୁ ପୁରାତନ ଉପନିବେଶବାଦୀ ଜାତି । "ଓଡିଆ ସାଧବ ମାନଙ୍କର ବାଲି, ବୋର୍ଣ୍ଣିଓ, ସୁମାତ୍ରା, ଜାଭା ଓ ସିଂହଳ ଦ୍ୱୀପମାନଙ୍କ ସହ ନୌବାଣିଜ୍ୟ କୌଣସି ଏକ କିମ୍ବଦନ୍ତିର କଥା ନୁହେଁ, ଇତିହାସର ଏକ ଅଧ୍ୟାୟ । ଇଣ୍ଡୋନେସିଆରେ ଓଡିଆ ବଂଶୋଦ୍ଭବ ଶୈଳେନ୍ଦ୍ର ବା ଶ୍ରୀବିଜୟ ସାମ୍ରାଜ୍ୟ ସମ୍ଭବତଃ ବିଶ୍ୱଇତିହାସରେ ସୁଦୀର୍ଘକାଳବ୍ୟାପି (ପ୍ରଥମ ଶତାବ୍ଦୀ ଏକଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୧୧୦୦ ବର୍ଷ) ତିଷ୍ଠିରହିଥିବା ଏକମାତ୍ର ସାମ୍ରାଜ୍ୟ । ଭାରତ ବାହାରେ ଓଡିଆଙ୍କ ବ୍ୟତୀତ ଅନ୍ୟକୌଣସି ଜାତି ଦ୍ୱାରା ଏମିତି ଏକ ସାମ୍ରାଜ୍ୟ ପ୍ରତିଷ୍ଠାର କିଛି ନଜିର ଅଛି କି ?

ଓଡିଆ ଜାତିର ଅସ୍ମିତାକୁ ବଜାୟ ରଖିବା ପାଇଁ 'ଓଡିଆ ସମାଜ' ର ଏହି ସ୍ୱାଭିମାନ ଆନ୍ଦୋଳନରେ ସାମିଲି ହେବାକୁ ଆମେ ସମସ୍ତ ଓଡିଆ ଭାଇ ଓ ଭଉଣୀ ମାନଙ୍କୁ ଦୂରଦୃଷ୍ଟିର ଏହି ସଂସ୍କରଣରେ ଆହ୍ୱାନ ଜଣାଉଛୁ ।

ଧନ୍ୟବାଦ ।

ବଶ୍ୱରଂଜନ ଗୋସ୍ୱାମୀ



## ସହ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ବାର୍ତ୍ତା

"ଓଡିଆ ସମାଜ" ପ୍ରତ୍ୟେକ ଓଡିଆଙ୍କୁ ଏକ ଡୋରିରେ ବାନ୍ଧି ରଖିବାର ଏକ ଉଦ୍ୟମ ।

"ଦୂରଦୃଷ୍ଟି" ସମସ୍ତ ଓଡିଶାର ପ୍ରତ୍ୟେକ ଘରେ ଘରେ, ପୁରପଲ୍ଲୀରେ ସମସ୍ତ ଓଡିଆ ଭାଇ ଭଉଣୀମାନଙ୍କୁ ଦୂରଦୃଷ୍ଟି ସଂପନ୍ନ କରାଇବାର ଏକ ସୁଦୃଢ ପ୍ରଚେଷ୍ଟା ।

ଓଡିଆ ଜାତି ସମଗ୍ର ବିଶ୍ୱପାଇଁ ଏକ ସଂଭାବନାର ଉଦାହରଣ ହୋଇ ରହୁ ଓ ଏକ ମହାନ ସ୍ୱାଭିମାନ ଓଡିଆଜାତିର ଜାତୀୟ ଅସ୍ମିତା ବଜାୟ ରହୁ ଏହା କାମନା କରେ ।

ଏହି ସଂସ୍କରଣରେ ସହଯୋଗ କରିଥିବା ସମସ୍ତ ସଂପାଦକ ମଣ୍ଡଳୀ, ତଥା ଅଗଣିତ ମୋର ଓଡିଶାର ଭାଇ-ଭଉଣୀଙ୍କୁ ମୋତରଫରୁ ଅନେକ ଶୁଭ ଅଭିନନ୍ଦନ ।

ନ ବୈଯାଚେ ରାଜ୍ୟଂ ନ ଚ କନକମାଣିକ୍ୟ ବିଭବମ୍
ନ ଯଚେରହଂ ରମ୍ୟଂ ସକଳଜନକାମ୍ୟାଂ ବରବଧୂମ୍
ସଦାକାଳେ କାଳେ ପ୍ରମଥପତିନା ଗୀତାଚରିତୋ
ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ॥

ମୋର ରାଜ୍ୟ ଲୋଡାନାହିଁ । ସୁନାରୁପା ମଣିମାଣିକ୍ୟରେ ମୋର ଲୋଭନାହିଁ । ସର୍ବଜନକାମ୍ୟ ଅପୂର୍ବ ସୁନ୍ଦରୀ ନାରୀରତ୍ନ ବି ମୁଁ ଚାହେଁ ନାହିଁ । ପ୍ରମଥପତି ସଦାଶିବ ମହେଶ ଯାହାଙ୍କ ନାମକୁ ଅହୋରାତ୍ର ଜପ କରନ୍ତି । ସେହି ପ୍ରଭୁ ମୋ ନୟନର ପଥଗାମୀ ହୁଅନ୍ତୁ ।

ଶ୍ରୀ ବିଶ୍ୱରଞ୍ଜନ ଗୋସ୍ୱାମୀ
ସହ ମୁଖ୍ୟ-କାର୍ଯ୍ୟନିର୍ବାହୀ, ଓଡିଆ ସମାଜ ।



Prastara Khodita Chitra ( Usakothi , Sundargarh )



Prastara Khodita Chitra ( Manikamunda, Sundargarh )



Prastara Khodita Chitra ( Lekhamunda, Sundargarh )



Chenga Pahada



Adibasi Loka Nrutya



Adibasi Krushi Jeebana



# ସଂଗୀତରେ ସାହିତ୍ୟ

ରସରାଜ ନାରାୟଣ ପ୍ରସାଦ ସିଂହ
ଲୋକପ୍ରିୟ ଗୀତିକାର, ଓଡିଆ ସଂଗୀତ
(ଭୁବନେଶ୍ୱର)

ସଂଗୀତ ହେଲା ଗୀତ, ନୃତ୍ୟ ଓ ବାଦ୍ୟର ମିଳିତ ନାମକରଣ । ସଂଗୀତ ଏକ ନାନ୍ଦନିକ କଳା ଯାହା ସହିତ ସାହିତ୍ୟ ଓତପ୍ରୋତ ଭାବରେ ଜଡିତ । ସବୁ ଦେଶର ସାହିତ୍ୟରେ କବିତାର ସୃଷ୍ଟି ସର୍ବ ପ୍ରଥମ । ପ୍ରାଚୀନ ବୌଦ୍ଧ ସିଦ୍ଧ ସାଧକଗଣଙ୍କ ଲିଖିତ ବୌଦ୍ଧଗାନ ଦୋହା ଠାରୁ ଆରମ୍ଭ କରି ଆଜିର ଆଧୁନିକ ବା ସୁଗମ ସଂଗୀତ ପର୍ଯ୍ୟନ୍ତ ସବୁ ଗୀତ ସେହି ସାହିତ୍ୟରୁ ସୃଷ୍ଟି । ସାଧାରଣ ବୋଧଗମ୍ୟ ସଂଗୀତ ହିଁ ସୁଗମ ସଂଗୀତ । ଜନ ଜୀବନରେ ଆଜି ତାହାର ବ୍ୟାପକତା ଏତେ ବେଶୀ ଏବଂ ଏହା ଏତେ ମଧୁମୟ ଯେ ଗୀତଟିଏ ଶୁଣିଲେ ଚଲା ବାଟୋଇର ପାଦ ଅଟକି ଯାଏ ।

ପ୍ରତି ସାହିତ୍ୟକ ଜୀବନରେ ସୃଜନର ପହିଲି ପୁଲକ ହେଲା କବିତା ରଚନା । ସେଇ କବିତା ଲେଖୁ ଲେଖୁ କିଏ ଗଳ୍ପ, କିଏ ଉପନ୍ୟାସ, କେହି କେହି ରମ୍ୟ ରଚନା, ପ୍ରବନ୍ଧ, ସମାଲୋଚନା ନାଟକ, ଭ୍ରମଣ କାହାଣୀ ଲେଖି ସେହି ବିଭାଗରେ ପାରଦର୍ଶିତା ଲାଭ କରିଛନ୍ତି । ହେଲେ କବିତା ଲେଖା ହେଲା ସେମାନଙ୍କ ସାହିତ୍ୟିକ ଜୀବନର ପ୍ରଥମ ଉନ୍ମେଷ ଏବଂ କବି ଜୀବନର ପ୍ରଥମ ରଚନା । ଏହା ଏକ ଅବଧାରିତ ସତ୍ୟ ।

ସଂଗୀତ ହିଁ ସାହିତ୍ୟ । ନୃତ୍ୟକଳା, କାବ୍ୟ କଳା ଓ ଚିତ୍ରକଳା ମଧ୍ୟ ସଂଗୀତରେ ଅର୍ନ୍ତଭୁକ୍ତ । ଏହା ଯେଉଁ ବିଜ୍ଞାନ ଦ୍ୱାରା ପ୍ରମାଣିତ ଓ ସିଦ୍ଧ, ତାହାର ନାମ ନନ୍ଦନ ବିଜ୍ଞାନ । ତା'ର ପ୍ରଥମ ସଂଗୀତ ହେଲା ଓଁକାର । ସେଇ ଓଁକାରରେ ପୃଥିବୀର ସୃଷ୍ଟି, ସ୍ଥିତି ଓ ବିଲୟ । ତେଣୁ ଓଁକାର ହିଁ ସୃଷ୍ଟିର ପ୍ରଥମ ସଂଗୀତ ।

କବିତାର ବିଭାଗୀକରଣ କଲେ ଜଣାଯାଏ ଯେ ଆଜିର କବିତାରେ ତିନୋଟି ବିଭାଗ । ଗଦ୍ୟ କବିତା, ଗୀତି କବିତା ଓ ଛନ୍ଦ କବିତା । ଗୀତି କବିତା ହେଲା ସର୍ବ ପ୍ରାଚୀନ । ଛନ୍ଦ କବିତା ମଧ୍ୟ ପୁରାତନ । କିଂତୁ ଗଦ୍ୟ କବିତାର ଆରମ୍ଭ ହେଲା ବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ।

'ଧାତୁ' ଓ 'ମାତୁ' ମିଳନରେ ଗୀତିକବିତାର ସୃଷ୍ଟି । ଧାତୁର ଅର୍ଥ ହେଲା 'ସାହିତ୍ୟ' ଓ ମାତୁର ଅର୍ଥ ହେଲା 'ସଂଗୀତ' । ଗୀତିକବିତାର ଏକ ସ୍ୱତନ୍ତ୍ର ବ୍ୟାକରଣ ଅଛି । ଛନ୍ଦ, ତାଳ, ଲୟ ଉପଧା ମିଳନ, ଉପାନ୍ତ ଓ ପ୍ରାନ୍ତ ମିଳନ ପ୍ରଭୃତି ଜଟିଳ ନିୟମମାନ ସହ ଗୀତିକବିତା ରଚନା କରିବାକୁ ହୁଏ । ତେଣୁ ଗୀତି କବିତା ରଚନା କଷ୍ଟକର । ଗୀତିକବିତା ରଚନାର ଏଇ ଦୁର୍ଗମ, ଜଟିଳ ଓ ପିଚ୍ଛିଳ ପଥ ବାଛି ନେବାକୁ କବିମାନେ ଆଗ୍ରହ ପ୍ରକାଶ ନକରିବା ହିଁ ସ୍ୱାଭାବିକ । ତେଣୁ ପୃଥିବୀର ଯେ କୌଣସି ଭାଷାରେ ଗୀତି କବିତା ରଚନା କରୁଥିବା କବିମାନେ ସଂଖ୍ୟାଲଘୁ । କିଂତୁ ସହଜରେ ମନ ଜିଣି ନେବାର ସାମର୍ଥ୍ୟ ଓ ସ୍ୱତନ୍ତ୍ରତା ଅଛି ଗୀତି କବିତାରେ । କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ ଭାଷାରେ –

"ବିଲେ ବୋଲେ ଚଷା, ଅନ୍ତଃପୁରେ ଯୋଷା
ନୃତ୍ୟାଙ୍ଗନେ ବାରାଙ୍ଗନା"

ଗୀତିକବିତା ଆକାରରେ ସଂକ୍ଷିପ୍ତ ହେଲେ ମଧ୍ୟ ଭାବରେ ସ୍ୱୟଂ ସଂପୂର୍ଣ୍ଣ । ପଢିବା ବା ଶୁଣିବାର ମୁହୂର୍ତ୍ତକ ମଧ୍ୟରେ ପାଠକ ବା ଶ୍ରୋତାକୁ ଏକ ଅତୀନ୍ଦ୍ରିୟ ଭାବ ରାଜ୍ୟକୁ ନିୟନ୍ତ୍ରଣ କରିନିଏ । ମନ ପ୍ରାଣକୁ ରସାଣିତ କରି ଏକ ମଧୁର ଆବେଗ ସୃଷ୍ଟି କରେ । ଭାବରେ ମହକ ଭରା ଶବ୍ଦର ରଂଗୀନ ଫୁଲମାନଙ୍କୁ ସୁରର ସୂତାରେ ଗୁନ୍ଥି ମାଳା ରଚନା କରିବାର ଅନ୍ୟନାମ ଗୀତିକବିତା । ରଚନା ଏବଂ ସୁର ଓ ତାଳ ସହ ଏହାର ପରିବେଷଣରେ ଗୀତ ହୋଇଯାଏ । ଗୀତିକବିତା ହେଲା କବିର ନିଜସ୍ୱ ଅନୁଭୂତିର ଗୀତିମୟ ଅଭିବ୍ୟକ୍ତି । ଶବ୍ଦ ଓ ଧ୍ୱନିର ମାଧ୍ୟମରେ ଏହା ସହଜରେ ଅନ୍ୟର ହୃଦୟରେ କଂପନ ସୃଷ୍ଟି କରେ । ତେଣୁ ରସରାଜ କବିତାରେ ସଂଜ୍ଞା ନିରୂପଣ କରିବାକୁ ଯାଇ ଗୋଟିଏ କବିତାରେ କହିଛନ୍ତି –

"ଅଳପ ଭାଷାରେ ଅନେକ କଥା ମୁଁ
କହିବାକୁ ଲେଖେ କବିତା
ସେ କଥାର ମାନେ ବୁଝେନା ରାଧିକା
ବୁଝିପାରେ ଏକା ଲଳିତା"

ଅଳ୍ପ ଭାଷାରେ ଅନେକ କଥା କହିହୁଏ ଗୀତି କବିତାରେ ।

ନାଟ୍ୟକ୍ୟର ନାଟକର ସଂଳାପରେ, ଗାଳ୍ପିକ ଗଳ୍ପର କଥାରେ, ଏବଂ ଔପନ୍ୟାସିକ ଉପନ୍ୟାସର ବହୁ ପୃଷ୍ଠା ରଚନାକରି ଯାହା କହିବାକୁ ସକ୍ଷମ ହୋଇ ପାରେନା, ଗୀତିକବି ଗୀତିକବିତାରେ ଗୋଟିଏ ପଂକ୍ତିରେ ତାହା କହିବାକୁ ସକ୍ଷମ ହୁଏ ।

ସମାଲୋଚକମାନଙ୍କ ଭାଷାରେ ଗୀତି କବିତାର ଧର୍ମହେଲା ସଂକ୍ଷିପ୍ତତା, ଆବେଗଧର୍ମିତା, ସରସତା,ସ୍ୱୟଂ ସମ୍ପୂର୍ଣ୍ଣତା ଏବଂ ଗୀତିମୟତା । ଗୀତିମୟତା ହେଲା ଗୀତିକବିତାର ଏକ ଏପରି ବିଶେଷ ଗୁଣ ଯାହାକୁ କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାରମାନେ ଖୋଜି ବୁଲନ୍ତି । କିଂତୁ ଏହା ଗୀତିକବିତାରେ ବିଶେଷ ପରିସ୍ଫୁଟନ ହୁଏ ।

ସଂଗୀତ ଓ ସାହିତ୍ୟ ଆବହମାନ କାଳରୁ ପରସ୍ପର ସହ ସଂପର୍କିତ ଓ ଅନୁବନ୍ଧିତ । ଶ୍ରୁତିମଧୁର ଗୀତଟିଏ ପାଇଁ ସବୁବେଳେ ମନଛୁଆଁ କବିତାର ଆବଶ୍ୟକତା ରହିଛି । କେବଳ ସା-ରେ-ଗା-ମା ବା ଷଡଜ, ଋଷଭ, ଗାନ୍ଧାର, ମଧ୍ୟମ ଓ ଧୈବତ ଭଳି ସ୍ୱର ଅଳଙ୍କାର ବ୍ୟବହାର କରି ଶ୍ରୋତାମାନଙ୍କ ମନକୁ ଦୀର୍ଘ ସମୟ ଧରି ବାନ୍ଧି ରଖାଯାଇ ପାରେନା । ସେଥିପାଇଁ ଭାଷା ସାହିତ୍ୟର ଆବଶ୍ୟକତା ରହିଛି । ତେଣୁ ସଂଗୀତ ସବୁବେଳେ ଭାଷା ସାହିତ୍ୟ ଉପରେ ନିର୍ଭରଶୀଳ । ଗୀତର ସାହିତ୍ୟ ଥିବାରୁ ଏହା 'ଗୀତି ସାହିତ୍ୟ' ର ମାନ୍ୟତା ଲାଭ କରିଛି ।

# ପ୍ରଶ୍ନର ଜଡତା

ସୁଦର୍ଶନ ଦାସ

୧୪୪, କାନନ ବିହାର,
ଫେଜ୍-୧, ପଟିଆ,
ଭୁବନେଶ୍ୱର

ମାନବ ସଭ୍ୟତାର ବିକାଶ ସହିତ 'ପ୍ରଶ୍ନ'ର ସଂପର୍କ ଅତ୍ୟନ୍ତ ନିବିଡ ଏବଂ ସୁକ୍ଷ୍ମ । ମଣିଷ ଆଜି ପର୍ଯ୍ୟନ୍ତ ଯେତେ ଉଦ୍‌ଭାବନ ବା ଆବିଷ୍କାର କରିଛି, ତାର ମୂଳରେ ରହିଛି ଏହି ପ୍ରଶ୍ନ । ଗଛରୁ ଆପେଲ୍ ମାଟିରେ ପଡିବାକୁ ନେଇ ନିଉଟନ ଯଦି ପଶ୍ନ କରିନଥାନ୍ତେ ଯେ ଆପେଲ୍‌ଟି ଉପରକୁ ନଯାଇ କାହିଁକି ତଳକୁ ଖସିଲା ? ତେବେ ମାଧ୍ୟାକର୍ଷଣ ତତ୍ତ୍ୱକୁ ନେଇ ବୈଷୟିକ ଉଦ୍‌ଭାବନ ମାନ ସମ୍ଭବ ହୋଇ ନଥାଆନ୍ତା । ମଣିଷ ସମାଜରେ, ବିକାଶର ପ୍ରତ୍ୟେକଟି ସନ୍ଧିକ୍ଷଣରେ ଯେତେବେଳେ କୌଣସି ପରିବର୍ତ୍ତନ ସୂତ୍ରପାତ ହୁଏ, ସେତେବେଳେ ଏହି ପ୍ରଶ୍ନର ଭୂମିକା ଥାଏ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଦିମ ଦାସ ସମାଜର ବର୍ବର ପ୍ରଥା ଏବଂ ବ୍ୟବସ୍ଥାକୁ ପ୍ରଶ୍ନ ନ କରିଥିଲେ, ସେ ସମାଜ ବ୍ୟବସ୍ଥାର ପରିସମାପ୍ତି ଘଟି ନଥାଆନ୍ତା । ଉତ୍ପାଦନ ପ୍ରକ୍ରିୟାରେ ମଣିଷର ଶ୍ରମର ଅମାନବୀୟ ବିନିଯୋଗକୁ ଯଦି ପ୍ରଶ୍ନ କରାଯାଇ ନଥାନ୍ତା, ତେବେ ଶିଳ୍ପ ବିପ୍ଳବ ହୁଏତ ସଂଗଠିତ ହୋଇ ନଥାଆନ୍ତା କି ମଣିଷର ଜୀବନକୁ ସ୍ୱଚ୍ଛନ୍ଦ କରିବାରେ ଯନ୍ତ୍ରର ଅବଦାନକୁ ଆମେ ଅନୁଭବ କରିନଥାନ୍ତେ । ପୃଥିବୀ ତମାମର ଉପନିବେଶିକ ପରାଧିନତାକୁ ମୁକ୍ତିକାମୀ ଜନଗଣ ପ୍ରଶ୍ନ କରିନଥିଲେ ହୁଏତ ଆଜିପର୍ଯ୍ୟନ୍ତ ଦୁର୍ବଳ ଇଲାକାର ମଣିଷମାନେ ସବଳ ଇଲାକାର

ମଣିଷଙ୍କର ଶୋଷଣ ଏବଂ ପରାଧୀନତାର ଶୃଙ୍ଖଳରେ ବନ୍ଧା ପଡିଥାଆନ୍ତେ। ବ୍ରିଟିଶ୍ ଶାସନର ପରାଧୀନତାକୁ ଭାରତର ଅସଂଖ୍ୟ ନରନାରୀ ପଶ୍ନକରି ନଥିଲେ ହୁଏତ ଆଜିବି ବ୍ରିଟିଶର ଉପନିବେଶ ହୋଇ ଭାରତ ରହିଥାଆନ୍ତା।

ଜାଣିବାର ଉତ୍ସୁକତାର ଜଠର ଭିତରୁ ପ୍ରଶ୍ନ ଜନ୍ମନିଏ। ଆଉ ପ୍ରଶ୍ନ ନୂତନ ଆବିଷ୍କାର ଏବଂ ଉଦ୍ଭାବନକୁ ଜନ୍ମଦିଏ। ପ୍ରଶ୍ନ ବ୍ୟବସ୍ଥାର ଜଡତାକୁ ଭାଂଗେ। ପଶ୍ନ ବି ସମାଜର ସକଳ ଅଶୁଭ, ବିକାରଗ୍ରସ୍ତ, ଅମାନବୀୟ ଧ୍ୟାନ ଧାରଣା ଓ କାର୍ଯ୍ୟକଳାପକୁ ଆହ୍ୱାନ୍ ଦିଏ। ନୂତନତ୍ୱର ଜନ୍ମଦାତା ବି ହେଉଛି ପ୍ରଶ୍ନ। ଅପରିଷ୍କାର, ଆବର୍ଜନା ଭିତରୁ ପରିଷ୍କାର ଏବଂ ଶୁଭ୍ରତା ଆଡକୁ ବାଟ କଢେଇ ନେବାର ଉପାଦାନଟି ମଧ୍ୟ ଏହି ପ୍ରଶ୍ନ। ପ୍ରଶ୍ନର ବାଣ ଯେଉଁଟି ତୀବ୍ର, ସେଇଠି ବି ସ୍ୱଛତାର ତୀକ୍ଷଣତା ସେତେ ପ୍ରଖର।

ଯେକୌଣସି ଦେଶ ବା ଭୂଖଣ୍ଡର ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ଅବସ୍ଥାର ଭଲ ଓ ମନ୍ଦ ଦିଗଟି ପ୍ରଶ୍ନର ତୀବ୍ରତା ଉପରେ ଅନେକାଂଶରେ ନିର୍ଭରଶୀଳ। ଯେଉଁଠି ନାଗରିକ ସମାଜ ତାର ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ଅବସ୍ଥା ଏବଂ ବ୍ୟବସ୍ଥାକୁ ଯେତେ ତୀବ୍ରତାର ସହିତ ପ୍ରଶ୍ନ କରିଛି, ସେ ଦେଶ ବା ଭୂଖଣ୍ଡ ସେତେ ଉନ୍ନତ ଏବଂ ପ୍ରଗତିଶୀଳ। ଯେଉଁଠି ନାଗରିକ ସମାଜ ଶାସନ ବ୍ୟବସ୍ଥାକୁ ଅହରହ ପ୍ରଶ୍ନ କରେ, ସେଠି କ୍ରିୟାଶୀଳ ବ୍ୟବସ୍ଥା ଆତ୍ମ ପ୍ରକାଶ କରିବାକୁ ବାଧ୍ୟ। ପ୍ରଶ୍ନର ଅବର୍ତ୍ତମାନରେ ବ୍ୟବସ୍ଥା ଜଡ ପାଲଟି ଯାଏ, ଗତାନୁଗତିକତାର ଶିକାର ହୁଏ, ତାର ଦାୟିତ୍ୱ ଏବଂ କର୍ତ୍ତବ୍ୟ ପ୍ରତି ବିମୁଖ ହୋଇଉଠେ। କେତେକାଂଶରେ ଜନବିରୋଧୀ, ରାଷ୍ଟ୍ର ବିରୋଧୀ ଆଚରଣ ମଧ୍ୟ ପ୍ରଦର୍ଶନ କରାଏ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରଶ୍ନ ହେଉଛି ନାଗରିକ ସମାଜ ବା ଜନଗଣଙ୍କ ହାତରେ ସବୁଠୁ ବଡ ହତିଆର। ଏହି ହତିଆର ଶାଣିତ ହୁଏ ଯଦି ଜନଗଣ ବା ନାଗରିକ ସମାଜ ସଚେତନ ହୁଅନ୍ତି। ଯେଉଁ ଦେଶର ଜନଗଣ ଯେତେ ସଚେତନ, ବ୍ୟବସ୍ଥା ପ୍ରତି ପ୍ରଶ୍ନ କରିବାର ଶକ୍ତି ସେମାନଙ୍କର ସେତିକି ପ୍ରଖର। ଆଉ ପ୍ରଶ୍ନବିଦ୍ଧ ବ୍ୟବସ୍ଥା ଯେତେ କ୍ଷତାକ୍ତ ହୁଏ, ତାହା ଜନଗଣଙ୍କ ପ୍ରତି ସେତେ ସମ୍ବେଦନଶୀଳ ଓ ଅନୁରକ୍ତ ହେବାକୁ ବାଧ୍ୟ ହୁଏ। ଜନଗଣଙ୍କ ସେବା କ୍ଷେତ୍ରରେ ସେତେ ନମ୍ର ହୁଏ। ବ୍ୟବସ୍ଥାର ସୂତ୍ରଧରମାନେ ଲୋକଙ୍କର ମୁରବୀ ସାଜି, ସେମାନଙ୍କର ସେବକ ସାଜନ୍ତି।

ଗୋଟିଏ ରାଜ୍ୟର ନାଗରିକ ସମାଜର ବ୍ୟବସ୍ଥାକୁ ପ୍ରଶ୍ନ କରିବା କ୍ଷେତ୍ରରେ ଥିବା ଗୁରୁତ୍ୱ ପରିପ୍ରେକ୍ଷୀରେ ଓଡିଶାକୁ ବିଚାର କରିବା। ଓଡିଶା ହେଉଛି ସ୍ୱର୍ଣ୍ଣଗର୍ଭା। ପ୍ରାକୃତିକ ବିଭବରେ ଭରପୁର ଏହି ଭୂଖଣ୍ଡ। ଏହାର ମାଟିତଳେ ଖଣିଜ ସଂପଦର ବିଭବ ଯେମିତି ଭରି ରହିଛି, ଏହାର ମାଟି ଉପରେ ସଂପଦର ପ୍ରାଚୁର୍ଯ୍ୟ ସେମିତି ଲହଡି ଭାଙ୍ଗେ। ଜଙ୍ଗଲ ସଂପଦ କ୍ଷେତ୍ରରେ ଏହା ଦେଶର ଅନ୍ୟ ରାଜ୍ୟ ତୁଳନାରେ ଦ୍ୱିତୀୟ। ଏହାର ବକ୍ଷରେ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ଇନ୍ଦ୍ରାବତୀ ପରି ନଦୀ ପ୍ରବାହିତ ହୁଏ, ଯାହାକି ଜଳ ସଂପଦର ସମ୍ଭାର ସୃଷ୍ଟି କରିଛି। ୪୮୦ କି·ମି· ଦୈର୍ଘ୍ୟ ବିଶିଷ୍ଟ ଉପକୂଳ ଏ ରାଜ୍ୟ ପାଇଁ ଏକ ବିଶେଷ ସମ୍ବଳର ପ୍ରାଚୁର୍ଯ୍ୟ ଦେଇଛି। ଏହାର ମାଟି, ପାଣି, ପବନ ଭିତରେ ସଂପଦର ଉତ୍କୃଷ୍ଟତା ଜାଜ୍ୱଲ୍ୟମାନ। ମାନବ ସମ୍ବଳର ଅଭାବ ବି ନାହିଁ ଏ ରାଜ୍ୟରେ।

ତଥାପି ଏ ରାଜ୍ୟ କାହିଁକି ଗରିବ ? ରାଜ୍ୟର ଲୋକ ସଂଖ୍ୟାର ପ୍ରାୟ ଅଧେ ଭାଗ ପେଟପୁରା ଖାଇବାକୁ ପାଆନ୍ତି ନାହିଁ। ଗ୍ରାମାଞ୍ଚଳ କଥା ଯଦି ଦେଖିବା, ପ୍ରାୟ ଶତକଡା ୮୦ ଭାଗ ଦାରିଦ୍ୟ ସୀମାରେଖା ତଳେ। ଏମାନଙ୍କର ଦିନକୁ ହାରାହାରି ଆୟ ହେଉଛି ମାତ୍ର ୧୨ ଟଙ୍କା। ନିକଟରେ ଇଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (Institute of Human Development) ଏବଂ ୟୁ ଏନ୍· ୱାଲର୍ଡ ଫୁଡ୍ ପ୍ରୋଗ୍ରାମ୍ (U.N World Food Programme) ତରଫରୁ ଓଡିଶାର ଖାଦ୍ୟ ନିରାପତ୍ତା ସକ୍ରାନ୍ତରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଓଡିଶାର ଖାଦ୍ୟ ନିରାପତ୍ତା ଏବଂ ଦାରିଦ୍ୟ କିପରି ଉତ୍କଟ ତାହା ପରସ୍ଫୁଟିତ ହୋଇଛି। ରାଜ୍ୟର କିଛି ଜିଲ୍ଲା ଯଥା- କନ୍ଧମାଳ, ମାଲକାନାଗିରି, ଗଜପତି ଓ ରାୟଗଡା ଇତ୍ୟାଦିକୁ "ଭୋକର ଭୂଗୋଳ" ବୋଲି ଆଖ୍ୟା ଦିଆଯାଇଛି।

ଏହି ଭୋକ ପାଇଁ ଏ ରାଜ୍ୟରେ ଅନାହାର ମୃତ୍ୟୁ ହୁଏ। ଏହି ଭୋକ ପାଇଁ ଏଠି ମାଆ ତାର କଅଁଳ ଛୁଆକୁ ଛେଳି କୁକୁଡା ଦରରେ ବିକ୍ରି କରେ। ଭୋକର ଦାଉକୁ ଉପସମ କରିବା ପାଇଁ ଏଠାରୁ ଲକ୍ଷ୍ୟ ଲକ୍ଷ୍ୟ ଭେଣ୍ଡିଆ ଯୁବକମାନେ ଦେଶାନ୍ତର ହୋଇଯାଆନ୍ତି ବମ୍ବେ, ସୁରାଟ, ଦିଲ୍ଲୀ, କଲିକତା ପରି ମହାନଗରୀମାନଙ୍କୁ। ଏହି ଭୋକପାଇଁ ବାପା/ମାଆ ସେମାନଙ୍କର ଜନ୍ମକଲା ଛୁଆକୁ ବିଷ ଦେଇ ଆତ୍ମହତ୍ୟା କରିବା ଖବର ଗଣମାଧ୍ୟମରେ ପ୍ରକାଶ ପାଏ।

ପ୍ରାଚୁର୍ଯ୍ୟର ପାହାଡ ତଳେ ଦାରିଦ୍ୟର ଏକ ବିଶାଳ ଉପତ୍ୟକା କାହିଁକି ? ଏଥିପାଇଁ ଦାୟୀ କିଏ ? ଏହି ଦାରିଦ୍ୟରୁ

କଣ ମୁକ୍ତି ନାହିଁ ? ଦାରିଦ୍ର୍ୟର ଏହି ଉପତ୍ୟକା ଏମିତି ଲମ୍ବି ଚାଲିଥିବ ନା ଏହାର କୌଣସି ଉପଷମ ଅଛି ? ଭାଗ୍ୟ ଉପରେ ଆମେ ଏହାକୁ ଛାଡି ଦେବା ନା ଏଥିପାଇଁ କୌଣସି ଉପାୟ ବାହାର କରିବା ? ରାଜ୍ୟର ଦୁର୍ଭାଗ୍ୟ, ଓଡିଶାର ନାଗରିକ ସମାଜ, ତରଫରୁ ଏପରି ପ୍ରଶ୍ନ ଆୱାଜ ଧରେନି । ଯଦିବା କିଏ କେଉଁଠି ବ୍ୟକ୍ତିଗତ ଭାବରେ କରେ, ତାହା ଅତି ନଗଣ୍ୟ ଏବଂ ପ୍ରଭାବ ବିହୀନ ।

ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରକୁ ଆସନ୍ତୁ ବିଚାର କରିବା । ଗୋଟିଏ ଅଂଚଳର ଲୋକଙ୍କର ସ୍ୱାସ୍ଥ୍ୟ କେମିତି ଅଛି ତାହା ଜାଣିବାର ମୁଖ୍ୟ ସୂଚାଂକ ହେଉଛି ମାତୃ ଏବଂ ଶିଶୁ ମୃତ୍ୟୁହାର । ଏହି ଦୁଇଟି ସୂଚାଂକ କ୍ଷେତ୍ରରେ ଓଡିଶାର ସ୍ଥାନ ଅନ୍ୟ ରାଜ୍ୟ ତୁଳନାରେ ସବୁଠୁ ତଳେ । ଏଠି ପ୍ରତି ୧ ହଜାର ଜନ୍ମିତ ଶିଶୁଙ୍କ ଭିତରୁ ୭୧ ଜଣ କୁଆଁ କୁଆଁ ରାବ ଦେବା ପୂର୍ବରୁ ଆଖି ବୁଜି ଦିଅନ୍ତି । ପ୍ରତି ଏକ ଲକ୍ଷ ଜନ୍ମକଲା ମାଆଙ୍କ ଭିତରୁ ୩୦୭ ଜଣ ନିଜ ଛୁଆର ମୁହଁ ଦେଖିବା ପୂର୍ବରୁ ଯମପୁରକୁ ଟିକଟ କାଟନ୍ତି । ମ୍ୟାଲେରିଆ ପରି ରୋଗ ଗାଁ ଗହଳି ଏବଂ ବିଶେଷ କରି ଜଙ୍ଗଲ ପାହାଡ ଭିତରେ ଥିବା ଆଦିବାସୀ ଭିତରେ ଲାଗି ରହିଛି ଛାଇ ପରି । ସେମାନଙ୍କ ଭିତରୁ କେତେ ଜଣ ସ୍ୱାସ୍ଥ୍ୟ ସେବାର ବଟିକା ପାଆନ୍ତି ଆଉ କେତେ ଜଣ ଅକାଳରେ ଝଡି ପଡନ୍ତି, ତାର ସଠିକ୍ ହିସାବ ସ୍ୱାସ୍ଥ୍ୟ ବିଭାଗ ରଖେନା । ଗୋଟିଏ ଗୋଟିଏ ସ୍ଥାନରେ ହଇଜା ବ୍ୟାପିଲେ, କୁଢ କୁଢ ଶବ ବୁହାହୁଏ ମଶାଣୀକୁ, ଯେମିତି ୨୦୦୨ ମସିହାରେ କାଶୀପୁରରେ ଆମେ ଦେଖିଲେ । ଗ୍ରାମାଞ୍ଚଳରେ ବିଶେଷ କରି ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବୋଲି କିଛି ଅଛି ବୋଲି ବାସ୍ତବରେ କୁହାଯାଇ ପାରିବ ନାହିଁ । ଚେର-ମୂଳି, ଗାଁର ବୈଦ୍ୟ ବା ଗୁଣିଆ ଏବଂ ଭାଗ୍ୟ ଭଗବାନ ଉପରେ ନିଜର ସ୍ୱାସ୍ଥ୍ୟର ଅବସ୍ଥାକୁ ଟେକି ଦେଇ ବଞ୍ଚନ୍ତି ଏ ରାଜ୍ୟର ପ୍ରାୟ ଅଧାଅଧି ଲୋକ ।

ସେମିତି ଶିକ୍ଷା କ୍ଷେତ୍ର । ରାଜ୍ୟର ୮ ଭାଗ ଶିଶୁ ଏବେ ବି ବିଦ୍ୟାଳୟର ଏରୁଣ୍ଡିବନ୍ଧ ମାଡନ୍ତି ନାହିଁ । ଯେଉଁମାନେ ବିଦ୍ୟାଳୟର ଏରୁଣ୍ଡିବନ୍ଧ ମାଡନ୍ତି, ସେମାନଙ୍କ ଭିତରୁ ଶ୍ରେଣୀର ଗୋଟିଏ ଗୋଟିଏ ପାହାଚ ଡେଇଁଲା ବେଳକୁ ଝୁଣ୍ଟି ପଡନ୍ତି । ମ୍ୟାଟ୍ରିକ୍ ପାଶ୍ କରି ଉଚ୍ଚ ଶିକ୍ଷାକୁ ଗଲାବେଳକୁ ଏମାନଙ୍କ ସଂଖ୍ୟା ଶହେରେ ୭ ଜଣ । ଗୁଣାତ୍ମକ ଶିକ୍ଷା କଥା ଛାଡନ୍ତୁ । ଅସର (Annual Survey of Station of Education) ରିପୋର୍ଟରେ ପ୍ରକାଶିତ ତଥ୍ୟ ସବୁ ଆମ ରାଜ୍ୟର ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ମାନକୁ ଆହ୍ୱାନ୍ ଦିଏ । ପଞ୍ଚମ ଶ୍ରେଣୀ ପଢୁଥିବା ପିଲାଙ୍କ ଭିତରୁ 'ଅ, ଆ, କ, ଖ, ବା ମିଶାଣ-ଫେଡାଣ ଜାଣି ନଥିବା ପିଲାଙ୍କ ସଂଖ୍ୟା ୩୦ ଭାଗରୁ ଅଧିକ । ଏହା ମାତ୍ର ଗୋଟିଏ ଉଦାହରଣ । ଆଉ ଶିକ୍ଷାର ଗୁଣାତ୍ମକ ମାନ ସଂକ୍ରାନ୍ତରେ । ରାଜ୍ୟରେ ଟିପ ଦେଉଥିବା ବା ନାମ ଦସ୍ତଖତ କରି ପାରୁନଥିବା ଲୋକଙ୍କ ସଂଖ୍ୟା ସ୍ୱାଧୀନତାର ୬୪ ବର୍ଷ ପରେ ବି ୩୬ ଶତାଂଶ । ଏହା ହେଉଛି ଆମ ଶିକ୍ଷାର ସ୍ଥିତି । ଉଚ୍ଚଶିକ୍ଷା ବା ବିଶ୍ୱବିଦ୍ୟାଳୟ ଶିକ୍ଷା କଥା ନ କହିଲେ ଭଲ ।

ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ରାଜ୍ୟର କାହିଁକି ଏପରି ଦୂରବସ୍ଥା ? ଏହି ଦୁଇଟି ମୌଳିକ ସାମାଜିକ ସେବା କ୍ଷେତ୍ରରେ କାହିଁକି ସରକାର ଗୁରୁତ୍ୱ ଦେଉନାହାନ୍ତି ? ଯେଉଁସବୁ ଯୋଜନା ଏ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି ସେସବୁର ସୁଫଳ କାହିଁକି ଲୋକମାନଙ୍କ ପାଖରେ ପହଂଚୁନି । ସର୍ବଶିକ୍ଷା ଅଭିଯାନକୁ କାହିଁକି ଲୋକେ ସର୍ବଗିଳା ଅଭିଉଯାନ ବୋଲି କହୁଛନ୍ତି । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନରେ ଆସୁଥିବା କୋଟି କୋଟି ଟଙ୍କା କାହିଁକି ଖର୍ଚ୍ଚ ନ ହୋଇ ଫେରିଯାଉଛି ? ରାଜ୍ୟରେ ଆବଶ୍ୟକ ମୁତାବକ ଡାକ୍ତର ସୃଷ୍ଟି ପାଇଁ କାହିଁକି ବିହିତ ପଦକ୍ଷେପ ନିଆଯାଇନି ? ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ନଦେଇ କାହିଁକି ଶିକ୍ଷକତାର ଧାର ଧାରୁ ନଥିବା ଲୋକଙ୍କୁ ଶିକ୍ଷକ କରି ନିଯୁକ୍ତି ଦିଆଯାଇଛି ? ଯେହେତୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଦୁଇଟି ରାଜ୍ୟର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା, ଏଥିପାଇଁ ଯଥେଷ୍ଟ ଖର୍ଚ୍ଚ ବଜେଟ୍‌ରେ ବ୍ୟୟବରାଦ କରାଯାଉନି ? ଏସବୁ ପ୍ରଶ୍ନ ଗୁଡିକ ପଚାରିବା ପାଇଁ କାହାନ୍ତି ସଭ୍ୟସମାଜ ? ସାଧାରଣ ଲୋକଙ୍କର ତ ସ୍ୱର ଖୁବ୍ କ୍ଷୀଣ । ସେମାନେ ତାଙ୍କର ଅଧିକାର ବିଷୟରେ ସଚେତନ ନୁହନ୍ତି । କିନ୍ତୁ ଆମ ରାଜ୍ୟର ବୁଦ୍ଧିଜୀବୀ ମାନେ ତ ଏସବୁ ପ୍ରଶ୍ନଗୁଡିକୁ ବ୍ୟବସ୍ଥାକୁ ପଚାରି ପାରିବେ ?

ଏବେ ଆମ ରାଜ୍ୟ ପ୍ରଗତି ପଥରେ ଆଗଉଛି ବୋଲି ସରକାର ଦାବି କରୁଛନ୍ତି । କାହିଁକି ନା ବୈଦେଶିକ ପୁଞ୍ଜିର ସୁଅ ଛୁଟୁଛି ଓଡିଶାକୁ । ପୋସ୍କୋ, ବେଦାନ୍ତ ପରି କେତେକ କଂପାନୀ ଆସୁଛନ୍ତି ଓଡିଶାକୁ । କୁହାଯାଉଛି ୪/୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଓଡିଶାକୁ ଆସିଛି ବା ଆସିବ । ଆମର ଘରୋଇ ଉତ୍ପାଦନ (ଜି·ଡି·ପି)ର ଅଭିବୃଦ୍ଧି ମଧ୍ୟ ବେଶ୍ ସନ୍ତୋଷଜନକ । ଆଉ ନିଅଣ୍ଟିଆ ବଜେଟର ଯୁଗ ନାହିଁ । ଗତ କିଛି ବର୍ଷଧରି ବଳକା ବଜେଟର ଦାମ୍ଭିକତା ଆମ ଅର୍ଥମନ୍ତ୍ରୀ ଦେଖାଉଛନ୍ତି ।

ମାତ୍ର ଅଭିବୃଦ୍ଧିମାନେ କ'ଣ ବିକାଶ ? ଜି·ଡି·ପିର ଅଭିବୃଦ୍ଧି ହୋଇଗଲେ କଣ ଲୋକଙ୍କର ବିକାଶ ହୋଇଯିବ ? ଯେଉଁ ବୈଦେଶିକ ପୁଞ୍ଜି ଓଡିଶାକୁ ଆସୁଛି ବା ଆସିବ, ତାହା ଓଡିଶାବାସୀଙ୍କର ବିକାଶ କ୍ଷେତ୍ରରେ କେତେ ଉପଯୋଗ ହେବ ?

ନା କେବଳ ଆମର ଖଣିଜ ସଂପଦ ସବୁ ଲୁଟ୍ ହେବାକୁ ଆମେ ଛାଡି ଦେବା ? ରାଜ୍ୟରେ ଗଚ୍ଛିତ ଥିବା ଖଣିଜ ସଂପଦର ଉତ୍ତୋଳନ କେତେ ପରିମାଣରେ ହେବା ଉଚିତ ? ଗୋଟିଏ ପିଢିର ଜୀବନ କାଳ ଭିତରେ ଆମେ ସେସବୁକୁ ସାରିଦେବା ନା ଭବିଷ୍ୟତ ପିଢି ପାଇଁ କିଛି ଗଚ୍ଛିତ କରି ରଖିବା ? ଏସବୁ ପ୍ରଶ୍ନ ଏବେ ଆଲୋଚିତ । ଏନେଇ ଯେଉଁ ଗବେଷଣା ହେବା ଦରକାର, ତାହା ହେଉ ନାହିଁ । ବୌଦ୍ଧିକ ଅନୁଷ୍ଠାନ ଯଥା ବିଶ୍ୱବିଦ୍ୟାଳୟ, ଗବେଷଣା କେନ୍ଦ୍ର ଇତ୍ୟାଦି ରେ ଏନେଇ ଯେଉଁ ପ୍ରଶ୍ନ କରିବା କଥା ଏବଂ ସେ ସବୁର ଉତ୍ତର ଖୋଜିବା କଥା, ତାହା ଏବେ ଓଡିଶାରେ ଦେଖା ଯାଉ ନାହିଁ । ବିଶ୍ୱବିଦ୍ୟାଳୟଗୁଡିକ ସାର୍ଟିଫିକେଟ ପ୍ରଦାନର ଏକ କେନ୍ଦ୍ର ପାଲଟିଗଲାଣି । ଏଠାରେ ଆଉ ତର୍କ-ବିତର୍କର ପରିସର ସୃଷ୍ଟି ହେଉନି । ନୂଆ ଚିନ୍ତନ ଜନ୍ମ ନେଉନି । କାରଣ ପ୍ରଶ୍ନର ଜଡତା ଏଗୁଡିକୁ କାବୁ କରିସାରିଲାଣି । ପ୍ରଶ୍ନ ନଥିଲେ ନୂଆ ଚିନ୍ତନ ଆସିବବା କେଉଁଠୁ ? ଆଉ ନବକୃଷ୍ଣ ଚୌଧୁରୀ ବିକାଶ ପ୍ରତିଷ୍ଠାନ ପରି ଗବେଷଣା କେନ୍ଦ୍ରମାନେ ଯେଉଁ ଗବେଷଣା ସବୁ କରୁଛନ୍ତି ସେ କଥା ନକହିଲେ ଭଲ । ସେମାନଙ୍କର ଗବେଷଣା ସବୁ ଗରାଚ୍ୟ (Client) କେନ୍ଦ୍ରିକ ନୁହଁ, ବୋଲି ମୋର ବିଶ୍ୱାସ ।

ଏ ସମସ୍ତ ନକାରାତ୍ମକ ଦିଗ ଭିତରେ ଆଶାର ଆଲୋକ ଯେ ନାହିଁ, ତାହା ଭ୍ରମାତ୍ମକ । ଓଡିଶାର ପୁରପଲ୍ଲୀ, ସହର ବଜାର, ସ୍କୁଲ, କଲେଜ, ବେସରକାରୀ ଅନୁଷ୍ଠାନ ଗୁଡିକ ଭିତରେ ଅନେକ ବୁଦ୍ଧିଜୀବୀ/ ଜନଗଣ ଅଛନ୍ତି । ଯେଉଁମାନଙ୍କ ଭିତରେ ବ୍ୟବସ୍ଥାକୁ ଯେଉଁ ପ୍ରଶ୍ନ ଉଙ୍କିମାରେ, ଅନେକ ଜାଗାରେ ସେ ପ୍ରଶ୍ନ ସବୁ ପ୍ରତିବାଦର ଚାପ ନିଏ । ଏପରି ଉଦାହରଣ ଅନେକ ରହିଛି । ସ୍ଥାନୀୟ ସ୍ତରରେ ବିଭିନ୍ନ ଯାଗାରେ ବିଭିନ୍ନ ସମସ୍ୟା ନେଇ ଜନଗଣ ରୁଷ୍ଟ ହେଉଛନ୍ତି । ବ୍ୟବସ୍ଥାରମଙ୍ଗୁଆଳ ମାନଙ୍କୁ ପ୍ରଶ୍ନ କରୁଛନ୍ତି । ଉତ୍ତର ମଧ୍ୟ ପାଉଛନ୍ତି । କିନ୍ତୁ ତାହା ଯଥେଷ୍ଟ ନୁହଁ । ସମୟ ଏବଂ ଭୌଗୋଳିକ ବ୍ୟାପକ ଭିତରେ ତାହା ସ୍ଥାନୀୟ ହୋଇ ରହିଯାଉଛି । ରାଜ୍ୟସ୍ତରରେ ବ୍ୟାପକ ପ୍ରଭାବ ସୃଷ୍ଟି କରିବାରେ ସକ୍ଷମ ହେଉନାହିଁ ।

ଓଡିଶାର ଏବଂ ଓଡିଶାବାସୀଙ୍କର ପ୍ରଗତି ଏବଂ ବିକାଶ ଚାହୁଁଥିବା ପ୍ରତ୍ୟେକଟି ବ୍ୟକ୍ତି ବିଶେଷ ପାଇଁ ଆଜି ଆହ୍ୱାନ୍ । ସେମାନେ ବ୍ୟବସ୍ଥାକୁ ଏବଂ ଶାସନର ଧାରାକୁ ପ୍ରଶ୍ନ କରିବେ କି ନାହିଁ ? ସମ ମନୋଭାବାପନ୍ନ ଗୋଷ୍ଠୀମାନେ ସମ୍ମିଳିତ ହୋଇ ଯଦି ଏହି ପ୍ରଶ୍ନକୁ ଏକ ପ୍ରକାଶର ରୂପ ଦେଇପାରିବେ, ତେବେ ଯାଇ ଓଡିଶାର ଭାଗ୍ୟ ବଦଳିବ । ଓଡିଶାବାସୀଙ୍କ ଦୁଃଖ ଲାଘବ ହେବ । ଆସନ୍ତୁ ସଭିଏଁ ମିଶି ଏକ ପ୍ରକାଣ୍ଡ ପ୍ରଶ୍ନର ଘୂର୍ଣ୍ଣିବାତ୍ୟା ସୃଷ୍ଟି କରିବା ନିଜ ମାଟି ମାଆର ସୁରକ୍ଷା ପାଇଁ ।

ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ଦୀର୍ଘ ଅଣଚାଷ ବର୍ଷ ପରେ ହିଁ ଆମ ଓଡିଆଙ୍କ ନିଦ ଭାଙ୍ଗିଲା । ଅର୍ଥାତ ପହିଲା ଅପ୍ରେଲ୍ ୧୯୮୫ ଠୁ ହିଁ ଓଡିଆ ଭାଷା ସରକାରୀ ଭାଷାର ମର୍ଯ୍ୟଦା ପାଇଲା । ସଚିବାଳୟ ଠାରୁ ବ୍ଲକ ପର୍ଯ୍ୟନ୍ତ ଯେପରି ସବୁସ୍ତରରେ ଓଡିଆ ଭାଷାର ବ୍ୟବହାର ଠିକ୍‌ଭାବରେ ହୋଇ ପାରିବ,ସେଥିପ୍ରତି ଦୃଷ୍ଟିଦେବାକୁ ତତ୍କାଳିନ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କୁ ନିର୍ଦ୍ଦେଶ ଦେଲେ । ଏହା ଭିତରେ ବିତି ଗଲାଣି ପ୍ରାୟ ଦୁଇ ଦଶନ୍ଧି । ପରନ୍ତୁ, ପରିଣତି ସମସ୍ତଙ୍କ ସାମ୍ନାରେ ।

ହିଁ ଆଜ୍ଞା, ଏବେ ସମୟ ଆସିଛି, ଅତିତରେ ଭାଷାପ୍ରତି ଆମେ ପ୍ରଦର୍ଶନ କରିଥିବା ସମସ୍ତ ଅବହେଳାରେ ପୂର୍ଣ୍ଣଛେଦ୍‌ଟିଏ ଟାଣିବା ପାଇଁ, ଇଣ୍ଟରନେଟ୍ ମାଧ୍ୟମରେ ଶିକ୍ଷିତ ଲୋକମାନଙ୍କୁ ସଚେତନ କରିବା ପାଇଁ; ସର୍ବୋପରି, ଓଡିଆଭାଷାର ପ୍ରଚୁର ବ୍ୟବହାର କଲେ ହିଁ ଓଡିଆଭାଷା ସମୃଦ୍ଧ ହୋଇପାରିବ ।



# ଭାବ ପର୍ବ

କମଳ କୁମାର ମହାନ୍ତି

ଦୁଃଖର ଦଦରା କାଥରେ
ଏବେ ବି ସାଇତି ରଖିଛି
ସ୍ମୃତିର ଟିକିନିଖି ଅନୁଭୂତି
ଯେଉଁଠି ଶୈଶବର ବାଲିରଥ
ତଥାପି ଜକଜକ
ତାକୁ କି ପାଶୋରି ପାରିବି ?

ନୀଳ କଂଦରରେ ଶୋଭାପାଏ ସିଏ
ନୀଳ ବରଣ ବେଶରେ
ମୁଁ ଖୋଜୁଥାଏ ତାକୁ
ଦିବ୍ୟ ଆଷାଢର କୋମଳ ଗାନ୍ଧାରରେ
ତା'ଠାରେ ବାରମାସୀ ବଡ ବଡୁଆଂକ
କିମ୍ଭୁତ ବିଳାସର ଡୋର ଲଗେ
ମୁଁ ତ ମୂରୁଖ ଡୋର ବାନ୍ଧିଛି
କାହିଁ କେଉଁ ଜନ୍ମରୁ
ମୋ' ମନ କଳ୍ପବଟ ପୁରାଣ ବେଢାରେ ।

ଆରସା, ଭଦ୍ରକ
ଯୋଗାଯୋଗ - ସଂସଦୀୟ ବ୍ୟାପାର ବିଭାଗ
ସଚିବାଳୟ, ଭୁବନେଶ୍ୱର

ଲାଭ ଲୋଭରେ ନାହିଁ ମୁଁ
ଲୋକ ସାନିରେ ନାହିଁ
ପ୍ରଣୟ ପର୍ବରେ ନାହିଁ କି
ବିରହ ଲୁହରେ ନାହିଁ
ଦରଦ ଉଛୁଳା ସରାଗ ବାଂଧି ଚାଲିଛି
ସାତଶ' ପଚାଶ କୋଶ ଗାଁ ମୂଲକରୁ
ଲଂବା ଲଂବା ପାହୁଣ୍ଡ ପକାଇ
ଖୋଜି ଖୋଜି କାଳେ ପାଇବି
ଗୋଟିଏ ବଡଦାଣ୍ଡ
ଯେଉଁଠି ଉଛୁଳି ଉଠୁଥିବ ଅୟୁତ ଆର୍ତ୍ତିର
ଲୁହ ବତୁରା ଆଖି
ନୀଳଚକ୍ରକୁ ଦେଖି
କାଳେ ପହଂଚି ପାରିବି ସେହି ସିଂହଦ୍ୱାରଠିଁ
ଯେଉଁଠି ଯୋଗୀଠୁଁ ଯୋଗଜନ୍ମା
ପୁଣ୍ୟବନ୍ତ ଠୁଁ ପତିତ
ଚାହିଁ ବସିଥିବେ ଚାତକିତ ଅପେକ୍ଷାର
ଦିବ୍ୟ ପହଣ୍ଡିକୁ ...........
ସତେ ପହଂଚି ପାରିବି ସେଇଠି !

"ଧନଯଉବନ ନିତ୍ୟନୁହେଁ ବାବୁ
ପଦ୍ମଦଳେ ଜଳ ଯଥା
ଯେ ଯାହାକରିବ ଚିରଦିନ ପାଇଁ
ରହିଯିବ ସିନା କଥା ।"

(ଭାରତୀ-ରୋଦନ)
**ସ୍ୱଭାବକବି ଗଙ୍ଗାଧର ମେହେର**



# ଘର

ଦିଗମ୍ବର ପାତ୍ର

ମଝିରେ ଘର
ଏ ପାଖ
ନା ସେ ପାଖ ।

ଏ କାଛ ଡେଇଁଲେ
ଶରତ
ସେ କାଛ ପାରି ହେଲେ
ବସନ୍ତ
ଗଲା ଦି ଡାକେ
ହାତ ମାରି
ଆସିବା ଦି ଟାଣେ
ଆଖି ଉଠାରି
କାହାକୁ
ଦେବି ନ୍ୟାୟ
ପିଲାଦିନ ଅଥବା
ବର୍ତ୍ତମାନ
ମଝିରେ ଦଣ୍ଡାୟମାନ ।

ଏଇନେ
ବାମ ପାଦକୁ
ମୋ ଘୁଙ୍ଗୁର
ଡାହାଣକୁ
ଡିସ୍କୋ ସ୍ୱର
ମିତ ହସେ ଏଠି
ଆପଣେ ଖାଇ
ସେପଟେ ସଂଗାତ
ରକ୍ଷେ ନ ଖୁଆଇ ।

ଏ ଫର୍ଶା କଣେ
ଜହ୍ନ ହାତ ହଲାଏ
ସେକଡ ଓଢଣା ତଳେ
ଜହ୍ନ ସରମାଏ
ଏ ଦୁଆର ମୁଖେ
ପାର୍ଟି, କାର୍‌ନିଭାଲ୍
ସେ ଦର୍ଜା ପାଖେ
ନୂଆଖାଇ, ଭସାଣିମେଢ ।

ମଝିରେ ଘର ଯା'ର
ତା'ର ସଦୃଶ
ନ ଥିବା ଘର
ହସେ ଯେଉଁଠି
କାନ୍ଦେ ସେଇଠି
ମଝି ରାସ୍ତାରେ
ତୋଳିଛି ମୁଁ ଘର
ଦି' ଟା ମୁଣ୍ଡ ସହ
ଗୋଟାଏ ଦିହର
ମଝିରେ ଘର ।

"ଭବିତବ୍ୟ ଯାହା ତା ଘଟୁ ବିଧି ଆୟତ ସିନା
ବୋଲି" କାପୁରୁଷ ନହୁଅ ମୂଳୁ ଉଦ୍‌ଯୋଗ ବିନା ।

(ଉତ୍କଳ-ଭାରତୀଙ୍କ ନିବେଦଅନ)

**ସ୍ୱଭାବକବି ଗଙ୍ଗାଧର ମେହେର**

# ଓଡିଆ ଦାୟାଦଙ୍କୁ

ପ୍ରଫେସର ହୃଷିକେଶ ମହାନ୍ତି

ସେ'ତ ସବୁବେଳେ କହେ –
"ଯେତେଦୂର ଯାଅ ଓ ଯେଉଁଠି ବି ରୁହ
ଥାଅ ସବୁ ସୁଖରେ, ଟିଭି ଚ୍ୟାନେଲ୍ କହୁ
ତୁମ ସଫଳ କାହାଣୀ
ମଣ୍ଡୁଥାଉ ତୁମନାମ
ଖବର କାଗଜ ପ୍ରଥମ ପୃଷ୍ଠା
ଏଇତ ମୋ ଆଶା
ତୁମେ ସବୁ ମନେ ପକାଉଥିବ
ଏପ୍ରିଲ ପହିଲା,
ଜାଣି ମୁଁ ଆନନ୍ଦରେ କହୁଥିବି
ତୁମେ ମୋ ଯୋଗ୍ୟ ଦାୟାଦ
ଏହାହିଁ ହେବ ମୋ'ରି ତୁମଠି ଆହ୍ଲାଦ ।

ଦିନେ ତା' ଅନ୍ତରର କଥା
କହୁଥିଲା ବସି ମୋ ପାଖରେ
କହିଥିବ ଦିନେ ସବୁରି କାନରେ
ତୁମେ ଚେଇଁଥିଲେ ଶୁଣିପାରିଥିବ
ସେ କହିବାର –

ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ
କମ୍ପୁଟର ବିଭାଗ

"ଆଣିବ ଥରେ ବୁଲାଇ ମୋ ଦାୟାଦଙ୍କୁ
କୋଳରେ ବସାଇ ବୁକୁରେ ଭିଡି ମୁଁ ଧରିବି
ଅଣ୍ଡାଳି ଆପାଦୁଁ ମସ୍ତକ ଯାଏଁ,
ନିଶ୍ଚୟ ସେ ବୁଝିବେ ବେଦନା
ତାଙ୍କୁ ଛାଡି ରହିବାର,
ଶୁଣିବେ
ହୃଦୟ ସ୍ପନ୍ଦନ
ପୁଣି, ପାଶେ ପାଇବାର ।

ନେଇତାଙ୍କୁ ବୁଲାଇବି ନନ୍ଦନକାନନ
ଦେଖାଇବି ହୀରାକୁଦ ବନ୍ଧ
ଖଣ୍ଡଗିରି ଗୁମ୍ଫା,
ଶୁଣାଇବି ରେବତୀ ଓ
ରାଣ୍ଡିପୁଅ ଅନନ୍ତା କାହାଣୀ
ଚନ୍ଦ୍ରଭାଗା ଧରମା
ଗୋପବନ୍ଧୁ ମଧୁସୂଦନ ଦରଦୀମନ
ଚିଲିକା ଦର୍ଶନ,
ଗାଇ ଚ--ଂପୂ ଛାନ୍ଦ ରଜଦୋଳି ଗୀତ
ଦେଖାଇବି ଛଉ ଓ ଓଢଣୀ
ଯେତେସବୁ ରଖିଛି ସାଇତି ତାଙ୍କ ପାଇଁ
ମୋ ପେଟରାରେ ।

ନକହନ୍ତୁ ପଛେ କଥା ମୋ ଭାଷାରେ
ଚିହ୍ନିବେ ନିଶ୍ଚୟ , ବୁଝିବେ ମୋତେ
ଦେଖି ଗୋଟି ଗୋଟି
ଯାହା ମୁଁ ସଜାଡି ରଖିଛି ତାଙ୍କପାଇଁ
ପଥରରେ ଆଙ୍କି ।
ସେମାନେ ତ ମୋ' ଦାୟାଦ
ତାଙ୍କ ବକ୍ଷ
ବ୍ୟାପ୍ତ ବୁଢାବଳଙ୍ଗ ଋଷିକୁଲ୍ୟା
ପୂର୍ବଘାଟ ପରି ବଜ୍ର କଠିନ
ଶତ୍ରୁପାଇଁ
ସୁରେନ୍ଦ୍ର, ଖୋରଧା ପାଇକ
ବାଘା ଯତୀନ ଓ ବାଜି ରାଉତ ।

ହାତେଧରି ଭାଗବତ ଯିବେ ଆଗରୁ ଆଗକୁ
ବିସ୍ତାରିତ ହୃଦୟ ନେଇ
ଜଗତ ଆପଣା କରିବେ ।
ସେ ଭୀମଭୋଇଙ୍କ ବଂଶଜ
ତାଙ୍କ ମନ୍ତ୍ର
ନିଜେ ନରକକୁ ଯାଅ ପଛେ
ଜଗତ ଉଦ୍ଧାର ।
ହେଉ ସେ ମନ୍ତ୍ର ଓଡିଆର
ଓଡିଆମୀର ଉତ୍ତର ।
ବୋଳିଦେବି ବଡଦାଣ୍ଡ ଧୂଳି ତାଙ୍କ ଶରୀରରେ
ଚିହ୍ନାଇଦେବି ମହାନଦୀ ଜଳ ବହେ ଧମନୀରେ
ଦେଖାଇ 'ଜଗା'କୁ ରଥରେ, କହିବି
ଏଇତ ଆମରି ଠାକୁର
ଓହ୍ଲାଇ ଆସେ ଆମ ଗହଣକୁ
ସୁଖ ଦୁଃଖ ବୁଝିବାକୁ,
ଯେବେ ତୁମେ ପଡିବହେ ଥକି
ଆସିବ ମୋ ପାଶେ
କୋଳାଇ ତୁମ ଅବଶ ମନକୁ
ନେବି ସମଲାଇ, ଭଟ୍ଟାରିକା, ଶାରଳା ତାରିଣୀ
ମହୋଦଧୀ କୂଳେ ବସାଇ ଦେଖାଇବି ପତିତପାବନ ।
ଜଗା ଜଗାଇବ ପୁଣି ଜୀବନର ସ୍ୱାଦ,
ତୁମେ ଥକି ପାରିବନି
ଆଗେହିଁ ଯିବ
ଆହେଃ ! ଓଡିଆ ଦାୟାଦ ।



# ଭାରତବର୍ଷର ଝିଅ

ଶ୍ରୀମତି କୁମ୍‌କୁମ୍ ରାୟ

ଭାରତ ବର୍ଷରେ
କେବେ ପୁଷ୍କରରୁ,
କେବେ ଲଙ୍ଗଳ ମୁନରୁ,
କେବେ ସାଗର ମନ୍ଥନରୁ,
କେବେ ଯଜ୍ଞ ବେଦୀରୁ,
କେବେ ଜରାୟୁରୁ ଝିଅ ଜନ୍ମ ନିଏ ।
ଭାରତବର୍ଷରେ ଝିଅ ଜନ୍ମ ନେଲା ପରେ
କେବେ ପୁଷ୍ପବୃଷ୍ଟି ହୁଏ
କେବେ ଶୂନ୍ୟବାଣୀ ହୁଏ
ମୁହୂର୍ତ୍ତକ ପାଇଁ କେବେ
ଗ୍ରହ ଓ ନକ୍ଷତ୍ରଙ୍କର ଗତି ସ୍ଥିର ହୁଏ ।
ଭୋର୍‌ର ଆକାଶ ଭଳି
ସେ ଝିଅର କମନୀୟ କପାଳରେ
ବିନ୍ଦୁଟିଏ ହେବାପାଇଁ
ସୂର୍ଯ୍ୟ ନିଜେ ଖବର ଦିଅନ୍ତି ।
ମୁକୁଟ ଓ ମଥାମଣି ଗଳାହାର କାନ ଝୁମୁକାକୁ
ଗୋଟି ଗୋଟି ତାରା ଖଞ୍ଜି

୧୧୩୧ ମହାନଦୀ ବିହାର
କଟକ, ଓଡ଼ିଶା

ଜନ୍ମ ନିଜେ ସଜାଇ ଦିଅନ୍ତି ।
ସେ ଝିଅର ମୁହଁ ଟିକେ ଝାଉଁଳି ପଡ଼ିଲେ
ବଉଦର ଆରପାଖୁ
ପରୀଏ ଆସନ୍ତି ନାନା ଉପହାର ନେଇ
ବାଦ୍ୟଯନ୍ତ୍ରମାନ ଧରି
ଗନ୍ଧର୍ବ ଓ ଅପ୍‌ସରାମାନେ ଆସନ୍ତି
ତା' ଓଠରେ ଟିକେ ହସ ପାଇଁ ।

ତାହାର ସୁଖ ସୁବିଧା
ସମ୍ମାନ ମର୍ଯ୍ୟାଦା ପାଇଁ
ଇନ୍ଦ୍ରଙ୍କର ଆସନ ଥରିଛି
ସେ ଚାହିଁବା ଅନେକ ଆଗରୁ
ଅମୃତ କଳସ ମାନ ଧରି
ଦେବଦୂତମାନେ ସବୁ ଓହ୍ଲାଇ ଆସନ୍ତି ।
ତା ଆଦେଶ ପାଇବା ମାତ୍ରକେ
ଏକ ରାତି ସାତ ରାତି ହୁଏ,
ସେ ଝିଅର ପ୍ରେମ ପାଖେ
ମୃତ୍ୟୁ ନିଜେ ହାର୍ ମାନିଯାଏ ।

ଭାରତବର୍ଷରେ
ଦୁଷ୍ଟ ଓ ଦାନବ, ଦୁର୍ଗତିର ନାଶ ପାଇଁ
ବ୍ରହ୍ମାଙ୍କର ଅସ୍ତ୍ର ସୁଦର୍ଶନ
ତ୍ରିଶୂଳ କି ତରବାରୀ ହାତେ ଧରି
ବାରବାର
ଝିଅଟିଏ ଜନ୍ମ ନେଉଥାଏ ।

ଭାରତବର୍ଷରେ
ସଂସାରର ସୁଖ ପାଇଁ
ପବିତ୍ରତାର ପରୀକ୍ଷା ପାଇଁ
ସୃଷ୍ଟି ଆଉ ସତ୍ୟ ପାଇଁ
ଯୌତୁକ ପାଇଁ, ଜୀବନ ପାଇଁ ଯନ୍ତ୍ରଣାରେ
ଝିଅଟି, ଅହରହ ଜଳୁଥାଏ ।

ପରଉପକାର ପୁର୍ଣ୍ୟମୟ ବ୍ରତ
ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପର ଉପକାରେ
ଦିଅନ୍ତି ଶସ୍ୟ କିରଣ ।

ପର ତାପଲଭି ମହତ କରନ୍ତି
ପରକୁ ଆହ୍ଲାଦ ଦାନ
ସୁଶୀତଳ ଜଳ ଦାନକରେ ରବି-
ରଶ୍ମିଲଭି ହିମବାନ ।

ଉଚ୍ଚେଥାଇ ମଧ୍ୟନମ୍ର ହୋଇଥାନ୍ତି
ସତତ ମହତ ଜନ,
ରବି, ଶଶୀ, ତାରା କେତେ ଉର୍ଦ୍ଧ୍ୱ ସ୍ଥିତ
ମସ୍ତେ ନତ ବଦନ ।

(ମହିମା)

**ସ୍ୱଭାବକବି ଗଙ୍ଗାଧର ମେହେର**



# ତୁମେ ଆସୁଛ ବୋଲି

ଡଃ ସଂଜୀବ କୁମାର ଦାଁ

ଆଖନ୍ ୟୁନିଭର୍ସିଟି ଅଫ୍ ଟେକନୋଲୋଜି,
ଆଖନ୍-୫୨୦୭୪, ଜର୍ମାନୀ

ତୁମେ ଆସୁଛ ବୋଲି
ସଜାଡି ରଖିଛି
ଝୋଟିଦିଆ କଳସ,
ସଦ୍ୟ ଫୁଟିଥିବା କଇଁଫୁଲ,
ଓ କାକର ଭିଜା କାଶତଣ୍ଡି
ସଜାଡିଛି ଜୁତା ତୁମେ ଆସୁଛ ବୋଲି
ବଣମଲ୍ଲିର ମାଳରେ ତୋଳିଛି ଘର
ଅତର ସିଂଚା ହୃଦୟରେ
ଜୁଇଜାଇର ପେଛାରେ ।।

ଦେଇ ସ୍ନେହର ଛାଉଣି,
ତା ଭିତରେ
ସାଇତି ରଖିଛି
ମୋର ସବୁ ସ୍ୱପ୍ନ
ଚାରିଆଡେ ଜାଳିଛି ଦୀପ
ମନର ଜ୍ୟୋସ୍ନାରେ,
ଦେବିବୋଲି
ସଂଧ୍ୟାର ଆରତି ।।

ତୁମେ ଆସୁଛ ବୋଲି
ନିଃଶ୍ୱାସ ମାନେ
ପାଲଟି ଯାଇଚନ୍ତି ପାଖୁଡା
ଓ ପଲକ ମାନେ
ଦେଖୁଛନ୍ତି ତୁମ ପ୍ରତିଛବି ।।

# ଯାହା ହଜିଗଲା

ଅଶୋକ ଚଂଦ୍ର ମହାପାତ୍ର
ଘ.ନଂ. – ଇ/୧୧, ସେକ୍ଟର – ୯
ରାଉରକେଲା – ୭୬୯୦୦୯, ଓଡିଶା

ଯାହା ହଜିଗଲା, ଗଲା
ହରେଇଥିବା ଜିନିଷର ତାଲିକା ଧରି
ବୁଲିବା ଆଜିଠାରୁ ବଂଦ

ଯାହା ଯାହା ସବୁ ଗଲା
ତାକୁ ଭୁଲାଇଦେବା ହିଁ ଠିକ୍ ହେବ
ଯାହା ମିଳିଲା ନାହିଁ
ଧରିନେବାକୁ ହେବ
ମୂଳରୁ ତାହା କେବେ ଥିଲା ହିଁ ନାହିଁ

ହଜିଥିବା ଜିନିଷର ତାଲିକା ଧରି
ବୁଲିବା ପ୍ରକୃତରେ ଆଜିଠାରୁ ବଂଦ

ସାଲିସ୍ କରିବାରେ ଟିକିଏ ଡେରି ପାଇଁ
ମୁହଁ ଫେରେଇନେଲେ କେତେ କିଏ
ଅସତର୍କ ଭାବେ ଖୋଲିଦେବାରୁ ନିଜକୁ
କେତେ ଅଘଟଣ ଘଟିଗଲା ପଛକୁପଛ

କିଛି ବେଳ ଖୋଳପା ପିନ୍ଧିଲେ
ଆଖ୍ୟା ଖଳନାୟକର, ଏଣେ
ଖୋଳପା ଭିତରେ ପଛେ ବଢୁଥାଉ
ଆତ୍ମାର ଆବେଗ

ଚାବିଦିଆ ହସ ଟିକେ ମୁହଁରେ ରଖି
ଲୁଚେଇନିଏ ମୁଁ ନିଜର ନିଃସ୍ୱପଣ
ତଥାପି ଆୟୁଷ ସରି ନ ଥାଏ
ଖାଲି ଜିଇଁବାର ଥାଏ ବୋଲି
ଧରି ନେବାକୁ ହୁଏ
ଛାଡ, ଯାହା ହଜିଗଲା, ଗଲା ।

# ବସନ୍ତ ଆସିଛି

ଘାସିରାମ ପଣ୍ଡା

ବସନ୍ତ ଆସିଛି . . . . .
ହେଲେ,
କୋଇଲିର କୁହୁତାନେ ନୁହେଁ,
ଅନାହାରିର ଆର୍ତ୍ତନାଦରେ ।
ଆମ୍ବ ଫୁଲର ସୁରଭିରେ ନୁହେଁ,
ମଉଳା ମଣିଷର ବାସ୍ନାରେ ।
ବସନ୍ତକୁ ସ୍ୱାଗତ କରିବାକୁ
କେହିନାହିଁ ଏଠି;

ହସ ଶୁଷ୍କ ଝରଣା ମୁହଁରୁ,
ଲୁହ ଶୁଷ୍କ ମଣିଷ ଆଖିରୁ,
ନିସ୍ତବ୍ଧତାର ରାଜୁତି ସବୁଠି
ତଥାପିବି ବସନ୍ତ ଆସିଛି!



# ମୁଁ

ମନୋଜ ଓଝା

ମହୁମାଛି ଉଡେ
ଛେଳି ହସେ,
ତୁମେ ଜଳ
ମୁଁ ହସେ ,
ରୋଷେଇ ଘରୁ
ଆକାଶରେ ଜହ୍ନ ହସେ,
ହାଣ୍ଡିରେ
ଟକ ମକ ଫୁଟେ ଭାତ,
ନୀରବ... ନିଃସଂଗ ମନ..
ଅବଶ ଚଳନ୍ତା ହାତ,
ସବୁ ସ୍ଵତଃ ସ୍ଫୂର୍ତ୍ତ...
ଜନ୍ମଗତ......!

ବଗିଚାରେ ଲାଲ ମନ୍ଦାର... ଗୋଲାପ...
କାହରୁ ଝରନ୍ତା ଚୁନ......
ମୁଁ ହସେ, ପୂଜିବି ... ଦେବି...
ପୁଣି ଭରିବି ।

ଭାବେ ସବୁ ସଂସ୍କୃତ... ପ୍ରାକ୍ତନ ...
ଅଭ୍ୟାସଗତ ,
ନା ',ମୁଁ ନୂତନ ... ଚୀରନ୍ତନ ...
ଜୀବନ / ମରଣ ,
ମୁଁ ହେବି ଅଭୀବ୍ୟକ୍ତି ହୀନ,
ପରିଚୟ ହୀନ, ସର୍ବଗ୍ରାହୀ ,
ଆଲୋକ ? ଆକାଶ ? ପବନ ?
ନା ଅସ୍ତିତ୍ଵ ହୀନ !!!!

# ଆଇନା

ଶ୍ରୀ ଉମାକାନ୍ତ ମିଶ୍ର

ଜଗତ କୁ ଦେଖୁ ଆମେ
ଦୁଇ ନେତ୍ରରେ ।
ଦୁଇ ନେତ୍ର ଦେଖେ ତାହା
ଦେଖିବାକୁ ଆମେ ଚାହୁଁ ଯାହା ।
ମୋ ଆଖିରେ ମୁଁ ସୁନ୍ଦର,
ମୋ ଆଖିରେ ମୋ କାମ ସୁନ୍ଦର,
ମୋ ଆଖିରେ ମୋ ଘର ସୁନ୍ଦର,
ମୋ ଆଖିରେ ମୋ ସ୍ତ୍ରୀ ସୁନ୍ଦର,
ମୋ ଆଖିରେ ମୋ ପିଲା ସୁନ୍ଦର ।
କହିଛନ୍ତି କବିବର-
ଦିଶଇ ନେତ୍ର ଯାହା ଚଉଦିଗର,
ସେ ସବୁର ମୁଁ ଅଟେ ଅଧୀଶ୍ୱର ।
ଜଗତକୁ ଆମେ ଦେଖୁ,
ଯେପରି ଆମ ଦୁଇ ଆଖିରେ,
ଜଗତର ସଭିଁଏ ଦେଖନ୍ତି,
ସେପରି ତାଂକ ଦୁଇ ଆଖିରେ ।
ତୁମ ଆଖିରେ ତୁମେ ସୁନ୍ଦର,

ପଚାରିଛ ଅପର ଆଖିରେ,
ତୁମେ ଦେଖାଯାଅ କିପରି ।
କରିଛ କି କେବେ କଳନା,
ଅପର ଆଖିରେ ତୁମ କଳ୍ପନା,
ଏ ନୁହେଁ ଚିନ୍ତା ଅନାବନା,
ଏ ନୁହେଁ କେବଳ ଭାବନା,
କରିଦେଖ ଥରେ ବିବେଚନା,
ଅପରକୁ କର ନିଜ ଆଇନା,
ପାଇବ ସଠିକ ଉତ୍ତର,
ସତେ ତୁମେ କେତେ ସୁନ୍ଦର ।

ମାଟି ଘଟ ପରି ସିନା ଦୁର୍ଜନ ଅନ୍ତର,
ଭାଙ୍ଗିବା ସହଜ ତାହା ଯୋଡିବା ଦୁଷ୍କର ।
କିନ୍ତୁ ସ୍ୱର୍ଣ୍ଣମୟ ଅଟେ ସାଧୁ ହୃଦ ଘଟ,
ଯୋଡିବା ସହଜ ତାହା ଭାଙ୍ଗିବା ଦୁର୍ଘଟ ।

ପୋଥିଗତ ବିଦ୍ୟା ପର ହସ୍ତଗତ ଧନ,
ସମୟରେ ଆସେ ନାହିଁ କାର୍ଯ୍ୟେ କଦାଚନ ।

**ପଣ୍ଡିତ ଗୋଦାବରିଶ ମିଶ୍ର**

# ଭକୁଆ

ଶ୍ରୀ ରମାକାନ୍ତ ମିଶ୍ର

ମାରିନେଲେ ମହାପାତ୍ର, ଚାହିଁଥିଲେ ଜଳକା,
ଆମେ ସବୁ ଜଳକାଂକ ଦଳ ଚାହିଁ ରହିଛୁ,
ଚାହିଁ ରହିଥିବୁ ଯୁଗ ଯୁଗ ଧରି,
ଆଉ ମହାପାତ୍ର ମାନେ ଆମ ଆଖିରେ,
ଆଂଗୁଠି ଗେଂଜି ମାରି ନେଉ ଥିବେ,
ଆମେ ସବୁ ଖାଲି ହିସାବ ରଖୁ ଥିବା,
କିଏ କେତେ ପାଇଗଲା ଆଉ କିଏ କେତେ ମାରିନେଲା ।
ଚାତକ ପକ୍ଷୀଂକ ବଂଶଧର ଆମେ,
ସେ ଯେମିତିସାରାଜୀବନ ଆକାଶ କୁ ଚାହିଁ ରହିଥାଏ,
ଚାରିଆଡ ଭିଜି କର୍ଦମାକ୍ତ ହୋଇ ଯାଏ,
କିନ୍ତୁ ତା ଥଣ୍ଟରେ ପଡେନି ପାଣି ବୁଂଦାଏ,
ତୃଷାର୍ତ ହୋଇ ସାରା ଜୀବନ ପାଣି ମୁନ୍ଦିଏ-
ପାଇବା ଆଶାରେ ଆକାଶକୁ ଚାହିଁ ଦି କଟାଏ,
ବୋଧହୁଏ ଏହାହିଁ ବିଧିର ବିଧାନ ।
ବିଧିର-ବିଧାନ ଭଲ କଥାଟିଏ,ଏହି କଥାକୁ,

ସ୍ମରଣ କରି କରି ଆମ ଭଳି ଲୋକ ମାନେ,
ମାନସିକ ଯନ୍ତ୍ରଣାଭୋଗ କରି-କରି ସାରା ଜୀବନ କଟାଇ ଦିଅନ୍ତି ।
ଏହାଛଡା ଆଉ ଅନ୍ୟ ଉପାୟ ମଧ୍ୟ କିଛି ନାହିଁ,
କରିବୁ ବା କଣ, କରି ପାରିବୁ ବା କଣ,
ପୌରୁଷ, ଅଧ୍ୟବସାୟ, ଲକ୍ଷ୍ୟ, ଏ ସବୁ ଖାଲି-
କଥା ର କଥା, କେତେ ତୁମେ କରିଚାଲ,
ନ ଥିଲେ ପାଇବା ସୁଖ, କୋଡି ହେବ କପାଳ ଖାଲି ।
ସବୁ କଥାର ଶେଷରେ ଯାଇ ରହିଲା ଭାଗ୍ୟ,
ଘୁରିଫେରି କଥା ଯାଇ ରହେ ସେଇଠି,
ହେ ବଂଧୁ ତେବେ ଆମେ କରିବା କଣ,
ଆଖି, କାନ, ମୁହଁ ବନ୍ଦ ରଖି ଚାତକ ପରି,
ଆକାଶ କୁ ଚାହିଁ କଟାଇ ଦିଅ ଜୀବନ ।

ମାତୃଭୂମି ମାତୃ-      ଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନି- ଗଣରେ ଗଣିବା
ଅଜ୍ଞାନ ରହିବେ ନାହିଁ ।

(ମାତୃଭୂମି)

**ସ୍ୱଭାବକବି ଗଙ୍ଗାଧର ମେହେର**

# ତୁମେ ଆଉ ମୁଁ

ତୁମେ କୁହ, ' ଭଲ ପାଅ ମୋତେ',
ମୁଁ ପଚାରେ, ' କେତେ ବେଶୀ ନା ଟିକିଏ ?'
ତୁମେ କୁହ, ' ବହୁତ ବେଶୀ, ତୁମେ ତ
ମୋ ନିଜଠୁ ବି ଅଧିକ ନିଜର ।'

ପୁଣି ପଚାରେ, ' ତୁମେ ନିଜେ କିଏ ?
ନିଜକୁ କି ବେଶୀ ଭଲ ପାଅ ?
ପୁଣି ମୋତେ ତା'ଠୁ ବି ବେଶୀ ?'

ତୁମେ ଝାଳେଇ ଯାଅ,
ମୁଁହରୁ ବିବ୍ରତାର ଛାପକୁ ଲୁଚାଇ
ତୁମେ ପୁଣି କୁହ ହସି ହସି,
' ମୋ ପ୍ରେମର ନାହିଁ ପଟାନ୍ତର,
ତୁମକୁ ପାଇବାରେ ହିଁ ଅଛି
ସାର୍ଥକତା ମୋ ଜୀବନର ।'

ମୁଁ ବି ହସି ହସି ପଚାରିବସେ
' କୁହ ଦେଖି ପ୍ରେମ ମାନେ କଣ ?
ତୁମ ପ୍ରେମର ଗଭୀରତା କଣ ବଳାଏ ଗଣ୍ଡିଏ ?
ନା ତୁମ ପ୍ରେମର ସାଗରରେ ନାହିଁ ପ୍ରେମ ହିଁ ଟୋପାଏ ?'
ତୁମେ ଭିତରେ ମଛି ହୁଅ
ଉପରେ ପୁଣି ହସି ଦେଇ କୁହ, ' ମୋ ପ୍ରେମ
ଦେହ ମନ ସମୟରୁ ବହୁତ ଉର୍ଦ୍ଧ୍ୱରେ ।'
କହି ଦେଇ, ଜାବୁଡି ଧର ମୋତେ ତୁମ ବାହୁ ବନ୍ଧନରେ ।

ତୁମ ଦେହରେ ଜଡାଇ ହୋଇ ଭାବୁଥାଏ,
ସତରେ କି ତୁମ ପ୍ରେମ
ସ୍ଥାନ କାଳ ପାତ୍ରରୁ ଆହୁରି ଉଚ୍ଚରେ ,
ଯାହା ଖୋଜୁଥାଏ ସାର୍ଥକତା ଅଳିକ ପ୍ରେମ ଆଲିଙ୍ଗନରେ ।
ଶେଷରେ ଭାବିବସେ ,
ତା'ହେଲେ ତୁମେ ମୋତେ କେବଳ ଭଲ ପାଅ, ପ୍ରେମ କର ,
ପୁଣି ପ୍ରେମର ଗଭୀରତା ମାପି ବସ ବିଭିନ୍ନ ସ୍କେଲରେ ,
ଯେହେତୁ ମୁଁ ରହି ନାହିଁ ତୁମ ଭିତରେ ବାହାରେ,
ପ୍ରତିକ୍ଷଣ ଜୀଇଁ ନାହିଁ ତୁମ ନିଃଶ୍ୱାସରେ .....।

କୌଶଳଜନକ ଜ୍ଞାନ ଅଟେ ସିନା,
ଜନମି ନପାରେ ଜ୍ଞାନ ଭାଷାବିନା ।
ଭାଷାଯୋଗୁଁ ସିନା ଦମି ଜୀବଗଣ
ମାନବ କରଇ ବିଶ୍ୱେ ରାଜପଣ ।

ଯେ ନର ନବୁଝେ ମାନ-ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ ?
କାହିଁ ତାର ରାଜଦୁଆରେ ସମ୍ମାନ ?
ଉଚ୍ଚହେବାପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା

(ଉଦ୍‌ବୋଧନ)

**ସ୍ୱଭାବକବି ଗଙ୍ଗାଧର ମେହେର**

# ମୁଁ ହାରିଗଲା ପରେ

ଡଂ ଶ୍ରୀନିବାସ ଭୂୟାଁ

ଯେବେ ମୁଁ ହାରିଯିବି ଏ ଦୁନିଆ ଆଗରେ
କି କରିବ ଏ ସମାଜ ମୋ ଶରିରରେ
ଯଦି ଦେଇ ଚାଲିଯାଏ ପାଦଚିହ୍ନ ମୋ ଉପରେ
ଲିଭାଇବା ପାଇଁ ଲୋଡା ମୃତ୍ୟୁ ଏ ଜୀବନରେ-
ଯେବେ ମୁଁ ହାରିଯିବି ଏ ଦୁନିଆ ଯୁଦ୍ଧରେ
ମୋ ପଛେଥିବା ଜୀବନଟା ମାଡି ଚାଲିଯିବ ମୋତେ
ଯଦି ମୁଁ ନଇଁଯାଇ ବସିଯାଏ ସେ ଆଘାତରେ
କିବା ମୁଁ ବଞ୍ଚିପାରିବି ଏ ଜୀବନରେ
ଯେବେ ମୁଁ ହାରିଯିବି ଏ ଦୁନିଆର ପ୍ରେମରେ
ବଞ୍ଚିଯିବି ଦେଇ ନିଜ ହୃଦୟକୁ ଆଉ କାହା ପାଖେ
ଯଦି ସେ କେବେ ବୁଲିଯାଇ ଭୁଲିଯାଏ ମୋତେ
ହସୁଥିବି ମୁଁ ବୁଝି ପ୍ରେମର ରୂପକୁ ସବୁବେଳେ ...
ଯେବେ ମୁଁ ହାରିଯିବି ଏ ଦୁନିଆର ସ୍ୱାର୍ଥପରତାରେ
ହୋଇ ପାରିବିକି ତାଙ୍କରି; ଋଣି ମୁଁ ଯାହାଙ୍କ ପାଖରେ
ଯଦି ମୁଁ ଭୁଲିଗଲି ତାଙ୍କୁ ମୋ ହୃଦୟରେ
ଜନମ ନେବିନି କେବେ ମଣିଷ ହୋଇ ଏ ଦୁନିଆରେ
ଯେବି ମୁଁ ହାରିଯିବି ଏ ଦୁନିଆର କପଟେ
ନିଜ ସ୍ୱାର୍ଥ ଆଗେ ପକାଇ ସଭିଙ୍କୁ ପଛରେ
ଯଦି ହୋଇ ଅଭିମାନି କରେ ଭୁଲ୍ କେବେ
ହସୁଥିବ ଏ ସମୟ ମୁଁ ହାରିଗଲା ପରେ ...

ଏନ୍· ଆଇ· ଟି· କ୍ୟାଂପସ
(ରାଉରକେଲା)



# ହଳଦୀ ବସନ୍ତର ରଙ୍ଗ ଲାଲ

ପ୍ରଣବ ପ୍ରକାଶ ନାୟକ

ଅମାବାସ୍ୟାର ସବାଶେଷ
ପହଡକୁ ପଛକରି
ଆମେ ଯଉବେଳେ
ସ୍ୱପ୍ନ ଗୁନ୍ଥିଲେ
ନୂଆକରି ଉଡାଶିଖୁଥିବା
ହଳଦୀ ବସଂନ୍ତ ଡେଣାରେ,
ତମେ ସେତେବେଳେ
ଛଳନା ମୁନରେ ଶାଣକରି
ଠୁକେଇ ଦେଇଥିଲ ତୋଳାରେ,
ହତ୍ୟାକଲ
ଧୁମ ଆକାଙ୍କ୍ଷାକୁ
ନିଜ ହାତରେ,
ଗୋଟାପଣ ସ୍ୱପ୍ନ
ନହୁନୁହାଣ ହେଲା
କବିତାରେ;

ଆହାରେ –
ହଳଦୀବସଂତକୁ ଲାଲ କରାଗଲା
ମୋ' ରକ୍ତରେ ।

ଈଶାଣୀ ପଲ୍ଲୀ, ରାଜନଗର,
କେନ୍ଦ୍ରାପଡା-୭୫୪ ୨୧୭
pranabpnayak@gmail.com

ତମେ
ଅବିକଳ ଆଉହଳେ
ଚାତୁର୍ଯ୍ୟ କିଣିଲ ମୋହରେ
ବହୁଦିନୁ ସମୁଦ୍ର ଆଡୁ
ଧାଇଁନଥିବା ଅଂଧାର ବେକରେ
ନାଉକରି ବିରହକୁ
ମୋହୋଦେଲ ମୋ'ଆଡେ ।

ଏମିତି ହେଲା !
ଯଉମାନେ ପ୍ରତ୍ୟକ୍ଷଦର୍ଶୀ
ବୟାନ କଲେ,
"ହଳଦୀବସଂତର ରଂଗ ଲାଲ୍,
ସମୁଦ୍ର ପିଠିରେ ଅଂଧାର
ଲାଲ୍, ସବୁ ଆୟୁଷର
କଳେବର ଲାଲ୍ ...
ଲାଲ୍ ହୁଏ କବିତାର ଢାଲ
ବି ଏଠି ଲାଲ୍ ତମ
ଆଖି, ଦାଂତ, ପାପୁଲିର ହାଲ୍ ।

ଯା' ଯେମିତି ଯଉବାଗେ
ଓଟାରି ନବାର ଥିଲା
ରକ୍ତ, ଦେହକିଳି
ସଅଁପି ଦେଇଛି – ଧୀରେ;
ମୋ' ଆୟୁଷ ବେକରେ
ରଶିବାଂଧି ଟାଂଗି ଦେଇଛି
ପବନର ସବାଉଚ୍ଚ ଡାହିରେ,
ମୁଁ ଏଇନେ
ରକ୍ତ ହୀନ, ଓଜନବିହୀନ
ମଲା ପ୍ରାଣ ।

ହାଃ'...ଏବେ
କଂକାଳରେ ଭେଦିଗଲାଣି
ପାକଳ ଅଂଧାର,
ଅଂଧାରରେ ହଳାହଳ
ସ୍ୱପ୍ନ ହଜାର;
ଯା' ସବୁ
ଏକାନ୍ତ ମୋ'ର ।।

ବଡପଣ ଭାଇ, ଏକାସିନା ସେହି
ଛାଡାଇ କେହି ଯା ନ ପାରଇ ନେଇ,
ବଡପଣ ସେହି, ଅନ୍ତେସୁଦ୍ଧା ଯାର
ସୌରଭେ ଚହଟୁ ଥାଏ ଏ ସଂସାର ।

ପ୍ରେମଟି ଧରମ ଦୟାଟି ଧରମ
ସାଧୁଙ୍କର ଏହାମତ,
ମିତ୍ର ହୋଇଥାନ୍ତି ସଧୁଶତ୍ରୁ ଯେବେ
ହୁଏ ପାଶେ ଉପଗତ ।

ସଜ୍ଜନ, ଧର୍ମପଥେ ସଦା ଚରଇ,
କଲ୍ୟାଣ ତାକୁ ଆସି ନିଜେ ବରଇ ।
ସଛଜନେ କଦାପି ଦୁଃଖ ନଘାରେ,
କୁଶଳ ଆସି ନିଜେ ଖଟେ ତା ଦ୍ୱାରେ ।

**କବିବର ରାଧାନାଥ ରାୟ**



# ଆହତ ବର୍ତ୍ତମାନ

ଅଧ୍ୟାପକ ଅତୁଲ ବଳ
ମୁଖ୍ୟ ସଂପାଦକ, 'ବନଫୁଲ'
ରାଜନଗର, କେନ୍ଦ୍ରାପଡା

ସରକାରୀ ଚାକିରିରୁ ଅବସର ନେଲା ପରେ ଯାହାସହ ମୋର ସବୁଠୁ ଅଧିକ ସମୟ କଟୁଥିଲା, ସେ ଥିଲା ମୋର ନାତି ଲୁଲୁ । ରାତି ପାହିଲାକ୍ଷଣି ସେ ତା' ବାପା ବୋଉଙ୍କ ବିଛଣାରୁ ଉଠିଆସି ମୋ ଘର ଭିତରକୁ ପଶି ଆସିବ ଚେନାଏ କୋମଳ ଆଲୋକ ପରି ଏବଂ ତା'ର ଗୁଲୁରୁ ଗୁଲୁରୁ କୌତୁକିଆ ପଣରେ ସତେଜ କରିଦେବ ସକାଳକୁ । ବିଛଣାରୁ ଉଠି ବଗିଚାକୁ ଯିବା ପର୍ଯ୍ୟନ୍ତ ସେ ମୋ ପାଖେ ପାଖେ ଥିବ । ଖାଇଲା ବେଳେ ସାଥିରେ ବସି ସବୁ ଖାଇଦେବ ବୋଲି କହୁଥିବ ଅଥଚ ତା ମା' ଯେତେ ଭୁଲେଇଲେ ବି ଥୁ ଥୁ କରି ଫିଙ୍ଗି ଦେଉଥିବ । ଖରାବେଳେ ବିଶ୍ରାମ ସମୟରେ ପେଟେଇ ପଡୁଥିବ ମୋ ପେଟ ଉପରେ ଏବଂ ମୁଁ ନିଜକୁ ଏକୁଟିଆ ଅନୁଭବ କରୁଥିବା ସମୟରେ ତା' ଖୋଜିଲା ଖୋଜିଲା ମନରେ ପ୍ରଶ୍ନ କରୁଥିବ ନାନା କଥା, ଯେଉଁ ପ୍ରଶ୍ନର ଉତ୍ତର ଦେବାକୁ ମୋ ବୁଦ୍ଧି ଏବଂ ଅନୁଭୂତି ବେଳେବେଳେ ପରାହତ ହେଉଥିବ । ମୋର ଅନୁଭବ ହୁଏ, ଶିଶୁ ପରି ସରଳ ଏବଂ ପବିତ୍ର ନ ହେଲେ ଶିଶୁମାନଙ୍କର ନାନା ଜିଜ୍ଞାସାକୁ ସମାଧାନ କରି ହେବନି । ସର୍ବୋପରି ଏ ପରିଣତ ବୟସରେ ମୋ ମାନସିକ ସ୍ଥିରତା ଏବଂ ବର୍ଦ୍ଧିତ ରକ୍ତଚାପର ଏକମାତ୍ର ନିଦାନ ଥିଲା ଲୁଲୁ ।

ଲୁଲୁ ଭୂମିଷ୍ଠ ହୋଇ ନ ଥିଲେ ସବୁଠାରୁ ଦୀର୍ଘ ଜଣାଯାଉଥିବା ଏ ଦିନଗୁଡିକ ଯେ ମୋର କେମିତି କଟିଥାନ୍ତା ମୁଁ କଳ୍ପନା କରିପାରେ ନାହିଁ ।

ଦିନେ ଆମ କଲୋନୀକୁ ମାଙ୍କଡନାଚ ଦେଖେଇବାକୁ ଆଣିଥିବା ଜଣେ କେଳାର ମାଙ୍କଡ ଖେଳ ଦେଖିସାରି ଲୁଲୁର ମାଙ୍କଡପ୍ରତି ଆକର୍ଷଣ ଏତେ ମାତ୍ରାରେ ବଢିଯାଇଥିଲା ଯେ, ତା' ବାପା ଗଡଜାତ ଅଂଚଳକୁ ଟୁର୍‌ରେ ଯାଇ ସାଥିରେ ଲୁଲୁ ପାଇଁ ନେଇଆସିଥିଲା କୁନି ପାତିମାଙ୍କଡଟିଏ । ମାଙ୍କଡକୁ ଲୁଲୁ 'ରମ୍ବୁ' ନାମରେ ଡାକିଲା ଏବଂ ଧୀରେ ଧୀରେ ସେଇ ନାମରେ ହିଁ ମାକଂଡ ପରିଚିତ ହୋଇଗଲା ଆମ ପରିବାର ତଥା ବନ୍ଧୁମାନଙ୍କ ମଧ୍ୟରେ । ରମ୍ବୁ ମା' ଛେଉଣ୍ଡ ଥିବାରୁ ସମସ୍ତେ ତା'ପ୍ରତି ସ୍ୱଭାବିକ ଭାବେ ଶ୍ରଦ୍ଧାଶୀଳ ଥିଲେ । ଘର ଅଗଣାର ଏକ ବାଉଁଶ ଖୁଣ୍ଟରେ ସେ ବଂଧା ହୋଇଥାଏ । ବେଳେ ବେଳେ ଖୁଣ୍ଟ ଉପରକୁ ଚଢିଯାଇ ପରକ୍ଷଣରେ ଓହ୍ଲେଇ ଆସୁଥାଏ । ତା' ବିବତ୍ର ଡିଆଁ କୁଦା ଏବଂ ମଉଜିଆ କ୍ରିୟାକଳାପକୁ ଲୁଲୁ ଉପଭୋଗ କରେ ଦିନତମାମ୍ ।

ରମ୍ବୁ ଆସିବା ଦିନଠାରୁ ଲୁଲୁର ମୋ ସହ ଅଝଟପଣିଆ କମିଯାଇଛି । ଏବେ ସକାଳ ହେଲେ ସେ ପ୍ରଥମେ ଖୋଜିବ ରମ୍ବୁକୁ । ଖାଇଲା ବେଳେ ପାଖରେ ବସିବନାହିଁ । ବିଶ୍ରାମ ସମୟରେ ତା କଅଁଳ ଦେହର ସ୍ପର୍ଶକୁ ମୁଁ ଝୁରି ହେଉଥିବି । ମୋତେ ଲଗୁଥିଲା, ଲୁଲୁ ଯେମିତି ଧୀରେ ଧୀରେ ମୋଠାରୁ ଦୂରେଇ ଯାଉଛି । ଦିନସବୁ ଅଧିକ ଓସାରିଆ ଏବଂ ମୁହୂର୍ତ୍ତସବୁ ନିରୁତା ଏକଲାପଣରେ ଭରିଯାଉଛି । ରମ୍ବୁ ପ୍ରତି ମୋର ଈର୍ଷା ମୋ ଧମନୀରେ ରକ୍ତଚାପ ବୃଦ୍ଧି କରୁଛି । ମୋ କୋଳ ଶୂନ୍ୟ ହୋଇଯାଉଛି ଧୀରେ ଧୀରେ । ଯେମିତି ମୋଠାରୁ କିଏ ଛଡେଇ ନେଇଯାଉଛି ମୋର ସବୁଠାରୁ ପ୍ରିୟତମ ଖେଳଣା ।

ଆମ ଘରକୁ ମାଙ୍କଡଟିଏ ଆସିଛି ବୋଲି ଶୁଣି ମୋର ଜଣେ ପୁରାତନ ବଂଧୁ ଦେବୁବାବୁ ହଠାତ୍ ଦିନେ ଆସି ପହଂଚିଗଲେ ତାକୁ ଦେଖିବାକୁ । ତାକୁ ଦେଖି ତାଙ୍କର ଏକ ପୋଷା ମାଙ୍କଡ ସମ୍ବନ୍ଧୀୟ ଅନୁଭୂତିକୁ ସେ ମୋ ସାମ୍ନାରେ ଯେଉଁ ଢଙ୍ଗରେ ଉପସ୍ଥାପିତ କଲେ, ସେହିଦିନୁ ମୁଁ ରମ୍ବୁ ପ୍ରତି ଥିବା ମୋର ମନୋଭାବକୁ ବଦଳେଇ ଦେଲି ।

ଦେବୁବାବୁଙ୍କର ଏକ ମାଙ୍କଡ ଥିଲା, ଯାହାକୁ ପୋଷିବାର ଢଙ୍ଗ ଥିଲା ତାଙ୍କର ଭିନ୍ନ ପ୍ରକାରର । ସେ କୁଆଡେ ତାକୁ ମଦ ପିଆଉଥିଲେ ନିଜ ସହ । ଫ୍ରିଜ ଭିତରୁ ଗ୍ଲାସ ଏବଂ ବୋତଲ ଆଣିବାରେ ମାଙ୍କଡ ତାଙ୍କୁ ସହଯୋଗ କରୁଥିଲା ।

ସଂଧ୍ୟାବେଳେ ସେ ଘରେ ଅନୁପସ୍ଥିତ ରହିଲେ ସେ କିମିତି ଉପଦ୍ରବ କରୁଥିଲା ଏବଂ ତାଙ୍କଠାରୁ ଟୋପେ ପିଇ ତଣ୍ଟି ଓଦା କରିଦେଲା ପରେ ବାଦ୍‌ଶାହା ପରି କିପରି ଅଭିନୟ କରୁଥିଲା, ତାହା ଦେବୁବାବୁ ହସି ହସି କହିଲେ । ସେ ଏକଥା ମଧ୍ୟ ଗର୍ବରେ କହିଲେ ଯେ, ନେତା ଏବଂ ଯନ୍ତ୍ରୀମାନଙ୍କୁ ବଶକରି ନିଜ ନାମରେ ଟେଣ୍ଡର ଆଣିବାକୁ ଯେପରି ମୋତେ ମଦ ର ଆଶ୍ରୟ ନେବାକୁ ପଡୁଥିଲା, ଠିକ୍ ସେମିତି ସେଇ ପାତିଟାକୁ ମଦ ପିଆଇ ପୋଷା ମନେଇବାକୁ ପଡିଥିଲା । କିନ୍ତୁ ଧୀରେ ଧୀରେ ମଦ ତାକୁ ଏତେ ମାତ୍ରାରେ କାବୁ କରି ନେଲା ଯେ, ସେ ଆରମ୍ଭ କରିଦେଲା ନାହିଁ ନଥିବା ଉପଦ୍ରବ । ତା'ର ଔଦ୍ଧତ୍ୟ ଆମ ମୁଣ୍ଡବ୍ୟଥାର କାରଣ ହେଲା । ତାକୁ ଯେତେ ଘଉଡେଇ ଦେଲେ ବି ନିର୍ଦ୍ଦିଷ୍ଟ ସମୟରେ ଆସି ଫ୍ରିଜକୁ ଟଣାଘୋଷରା କରିବା, ଟିଭିକୁ ଲେଉଟାଇ ଦେବା, ଠାକୁର ଘରେ ପଶି ଠାକୁରଙ୍କୁ ବାହାରେ କଟାଡିଦେବା, ପିଲାଙ୍କ ପଢାରେ ବ୍ୟାଘାତ ସୃଷ୍ଟି କରିବା ଇତ୍ୟାଦି ତା'ର ନିତିଦିନିଆ କାର୍ଯ୍ୟରେ ପରିଣତ ହେଲା । ଦିନେ ମୋର ବଂଧୁକ ଗୁଳିରେ ସେ ଟଳିପଡିଲା । ଅବଶ୍ୟ ତା'ର ମୃତ୍ୟୁଜନିତ ଶୂନ୍ୟତା ମୋତେ କେତୋଟି ମୁହୂର୍ତ୍ତ ପର୍ଯ୍ୟନ୍ତ ବିବତ୍ର କରିଦେଇଥିଲା ।

ଦେବୁବାବଙ୍କର ଅନୁଭୂତି ଭିତ୍ତିକ କାହାଣୀର ସମାପ୍ତି ଯେ ଏପରି ଏକ କରୁଣ ଏବଂ ବୀଭତ୍ସ ଦୃଶ୍ୟରେ ହୋଇଥିବ ମୁଁ ଅନୁମାନ କରୁଥିଲି । ଆଜିକାଲି ମଦରେ ତ ବଶ କରି ହେଉଛି ଅନେକ ଦୁର୍ନୀତିଖୋର ଲୋକଙ୍କୁ। ଡ୍ରଗସ୍ ପରି ମାରାତ୍ମକ ନିଶାରେ କାବୁକରି ଯୁବକମାନଙ୍କୁ ସନ୍ତ୍ରାସବାଦ ପରି ଅନେକ ଦୁଷ୍କର୍ମରେ ନିୟୋଜିତ କରି ଦେବୁବାବୁଙ୍କ ପରି ଲୋକମାନେ ତାଙ୍କର ନ୍ୟସ୍ତସ୍ୱାର୍ଥ ପୂରଣ କରିପାରୁଛନ୍ତି । ମଣିଷମାନେ ଦୁର୍ନୀତିଗ୍ରସ୍ତ ହୋଇପାରନ୍ତି କିନ୍ତୁ ପଶୁଟିଏ ତ ସବୁ ଦୁର୍ନୀତିର ଉର୍ଦ୍ଧ୍ୱରେ । ତାକୁ ବଶ କରିବାକୁ ନିଶାର କି ଆବଶ୍ୟକତା ଅଛି ?

ତା' ପିଇ ସାରି ଦେବୁବାବୁ ଉଠିଲେ ଏବଂ ମୋ ସାମ୍ନାରୁ ଅପସରି ଗଲେ ବେପରୁଆ ଢଙ୍ଗରେ । ତାଙ୍କ ଯିବା ବାଟକୁ ଚାହିଁ ମୁଁ ଭାବୁଥିଲି, ଶ୍ରଦ୍ଧାରେ କ'ଣ ଜୟ କରି ହେବନାହିଁ ସମଗ୍ର ବ୍ରହ୍ମାଣ୍ଡକୁ ? ଶ୍ରଦ୍ଧା ମାନବିକତାର ଏପରି ଏକ ବିଭବ ଯାହାର ବିକଳ୍ପ କିଛି ଅଛିକି ? ଆମ ସମାଜର ଦୁର୍ଗତି ତଥା ଆମ ଦୁଃସ୍ଥିତିର ଏକମାତ୍ର ନିରାକରଣର ଉପାୟ ହେଉଛି, ଭଲ ପାଇବାର ଏକ ବାତାବରଣ ସୃଷ୍ଟି କରିବା ।

ମୁଁ ଛୋଟ ହୋଇଯାଉଥିଲି ରମ୍ବୁ ପାଖରେ । ଏଇ କେଇଦିନ ହେବ ତା'ପ୍ରତି ମୋର ସୃଷ୍ଟି ହୋଇଥିବା ମନୋଭାବ ଦୂରେଇ ଯାଉଥିଲା ଅଦିନିଆ ବର୍ଷାପରି । ରମ୍ବୁର ବା ଦୋଷ

କ'ଣ ? ଲୁଲୁ ତା'ପ୍ରତି ଅଧିକ ଆକର୍ଷିତ ହେବା କ'ଣ ତା'ର ଦୋଷ । ଜୀବନର ସୂର୍ଯ୍ୟ ବୁଡିଯିବାକୁ ଆଉ କେତେ ଡେରି ? ନିରୀହ ମା'ଛେଉଣ୍ଡ ପଶୁଟିଏ ପ୍ରତି ଏମିତି ମନୋଭାବ ଅନ୍ତତଃ ମୋର ଶୋଭା ପାଇବା ଠିକ୍ ନୁହେଁ । ରମ୍ମୁ ଆଡକୁ ଦୃଷ୍ଟି ମୋର ପ୍ରସାରିତ ହେଲା । ଶୀତର କୋହଲା ସଂଜ ନଇଁଆସୁଥିଲା । କାକୁସ୍ଥ ମୁଦ୍ରାରେ ଅଗଣାର ଗୋଟିଏ କୋଣକୁ ରମ୍ମୁ ଆଉଜି ପଡିଥିଲା ଭାରି ଅସହାୟ ଭାବେ । ଅସହାୟତା କିପରି ନିରୁପଦ୍ରବ କରିପକାଏ ସଭିଙ୍କୁ ତା'ର ଦୁଃଖଦ ଚିତ୍ରଟିଏ ଉପସ୍ଥାପିତ କରୁଥିଲା ରମ୍ମୁ । ଅଗତ୍ୟା ତାକୁ ମୁଁ ନେଇ ଆସିଲି ମୋ ଘର ଭିତରକୁ । ଖଟଗୋଡରେ ବାନ୍ଧିଦେଇ ଛିଣ୍ଡା କପଡାଟିଏ ବିଛାଇ ଦେଲି ତା'ର ଉଷୁମ  ଏବଂ ଆରାମଦାୟକ ଶଯ୍ୟା ପାଇଁ । ଲୁଲୁ ମଧ୍ୟ ମୋ କୋଳର ଉଷୁମ ଟାଣୁଥିଲା ଏବଂ ତା'ର ଚିରାଚରିତ ପ୍ରଶ୍ନବାଣରେ ପରାସ୍ତ କରୁଥିଲା ମୋତେ ।

"ଜେଜେ ! ମା' କହୁଥିଲା ଆମର କୁଆଡେ ରମ୍ମୁ ପରିକା ଲାଞ୍ଜ ଥିଲା ? କୁଆଡେ ଗଲା ସେଇ ଲାଞ୍ଜ ?" ତାକୁ ଭୁଲେଇଦେବା ବ୍ୟତିତ ଠିକ୍ ଉତ୍ତରଟିଏ ଦେବାକୁ ବାସ୍ତବିକ୍ ମୋ ପାଖରେ କିଛି ନ ଥିଲା । କାରଣ ବିବର୍ତ୍ତନ ପରି ଗୂଢ ତତ୍ତ୍ୱକୁ ବୁଝିବାର ପରିପକ୍ୱତା ତା'ର ଆସି ନ ଥିଲା । ସେଦିନ ରାତି କାହିଁକି କେଜାଣି ମୋତେ ଭାରି ନିରାପଦ ଲାଗିଥିଲା । ବେଦୁବାବୁଙ୍କ କାହାଣୀ ଏବଂ ଲୁଲୁର ପ୍ରଶ୍ନ ତଥାପି ଲାଖି ରହିଥିଲା ମନରେ । ମୋତେ ଲାଗୁଥିଲା, ଆରଣ୍ୟକ ସମୟରୁ ମଣିଷର ସେଇ ଅବାଂଛିତ ଲାଞ୍ଜ ଟି କାଳକ୍ରମେ ଯେତେ କ୍ଷୁଦ୍ର ହୋଇଆସୁଥିବ, ତା'ମନରେ ବଢୁଥିବ ସେତିକି ଲାଳସା । ବହୁଗୁଣିତ ହୋଇଯାଉଥିବ ଅଭାବସବୁ । ନିଜକୁ ସବୁଦିଗରୁ ନିରାପଦ ରଖିବା ପାଇଁ ସେ ଠୁଳ କରୁଥିବ ସଂପଦ । ସେଥିପାଇଁ ଈର୍ଷା, ହିଂସା, ହତ୍ୟା, ଲୁଣ୍ଠନ, ରାଜ୍ୟଜୟ ଏବଂ ରାଜନୀତି । କିନ୍ତୁ ମୋ ଖଟତଳେ ଶୋଇଥିବା ସେଇ ଲାଞ୍ଜଯୁକ୍ତ ପ୍ରାଣୀଟି ସେସବୁର କେତେ ଉର୍ଦ୍ଧ୍ୱରେ । ପେଟ ପୂରିଗଲା ପରେ ଆଉ କିଛି ଚିନ୍ତା ଥାଏ କି ତା'ର ?

ଏଣିକି ରମ୍ମୁ ରହେ ମୋ କୋଠରିରେ । ତେଣୁ ଲୁଲୁ ସବୁବେଳେ ମୋ ପାଖରେ । ଏଣିକି ମୋ ପେନ୍‌ସନ୍ ପଇସାରୁ ମୁଁ ଲୁଲୁ ପାଇଁ ବିଭିନ୍ନ ଜିନିଷ ସହ ରମ୍ମୁ ପାଇଁ କିଣି ଆଣୁଥିଲି ନାନାଜାତି ଫଳ, ପାଚିଲା କଦଳୀ, ବିସ୍କୁଟ ଆଦି କେତେ ଚିଜ । ଏଣିକି ମୋ କୋଳ ଲୁଲୁର ଏକକ ଅଧିକାର ଭୁକ୍ତ ହୋଇ ନଥିଲା ବରଂ ଅଲକ୍ଷ୍ୟରେ ରମ୍ମୁ ପ୍ରତିଦ୍ୱନ୍ଦ୍ୱୀ ହୋଇସାରିଥିଲା ଲୁଲୁ ସହ । ସବୁଠାରୁ ଆଶ୍ଚର୍ଯ୍ୟ କଥା ତାକୁ ବାନ୍ଧିବାକୁ ଆଉ ଚେନ୍‌ର ଆବଶ୍ୟକତା ନ ଥିଲା । ସେ ଯାହା ବି ଚଗଲାମୀ କରେ କେବଳ ମୋ କୋଠରିରେ ଏବଂ କେବେ ବି ଅନୁପ୍ରବେଶ କରେ ନାହିଁ ମୋ ପାଇଁ ତଥା ତା' ପାଇଁ ଏକାନ୍ତଭାବେ ନିଷିଦ୍ଧ ପୁଅବୋହୂଙ୍କ ବେଡ୍‌ରୁମ୍ ଭିତରକୁ । ଘରପୁଅ ଭଳି ନିରବଧି ଆତଯାତ ହେଉଥାଏ ଏରୁଣ୍ଡିରୁ ଅଗଣା ପର୍ଯ୍ୟନ୍ତ । ମୁଁ ଘରେ ଥିଲାବେଳେ ମୋ ଗୋଡ ଚାରିକଡେ ଛନ୍ଦିରି ଯାଏ ଏବଂ ବଗିଚାର ଏ ଡାଳରୁ ସେଡାଳ ଡେଇଁ ମୋ ଶିଥିଳ ଅସହାୟତାକୁ ଆହ୍ୱାନ କରେ । ରାତିରେ ମୁଁ ନିଦରେ ଶୋଇପଡିଲା ପର୍ଯ୍ୟନ୍ତ ମୋ ପିଠିରେ କୁଦି ହୁଏ, ଚୂଳ ଟାଣେ ଏବଂ ମଶାଟିଏ ବସାଇଦିଏ ନାହିଁ ମୋ ଶରୀରରେ । ଯେମିତି ପୂର୍ବଜନ୍ମର ଋଣୀ ନାତିଟିଏ ଋଣ ପରିଶୋଧ କରୁଛି ତା' ଜେଜେ ବାପାଙ୍କର ଏ ପରିଣତ ବୟସରେ । ବାସ୍ତବିକ ଲୁଲୁ ପରି ସେ ବି ଗୋଟେ ନାତି ହୋଇଯାଇଥିଲା ମୋର ।

କିନ୍ତୁ ମୋର ଅଲକ୍ଷ୍ୟରେ କିଛି ଗୋଟେ ପୋଡି ଯିବାର ଉପକ୍ରମ କରୁଥିଲା, ତାହା ଥିଲା ଲୁଲୁମା'ର ମନର ଅରଣ୍ୟ । ବନରେ ନିଆଁ ଲାଗିଲେ ମଣିଷର ଅବଗତି ପାଇଁ ବହୁପୂର୍ବରୁ ସତର୍କ କରିଦିଏ ମାଙ୍କଡ । କିନ୍ତୁ ମନରେ ନିଆଁ ଲାଗିଲେ ରମ୍ମୁର ବା ଶକ୍ତି କାହିଁ ମୋତେ ଜଣାଇ ଦେବାକୁ ? କିଛି ଗୋଟେ ବାହାନା କରି ରମ୍ମୁ ପ୍ରତି ଚିଡ୍‌ଚିଡ୍ ହେବା ଭୟଭୀତ ହୋଇ ସାଙ୍କୁଡି ଯାଉଥିଲା ମୋ ଚାରିକଡେ । ରମ୍ମୁ ପ୍ରତି ତାଙ୍କର ଈର୍ଷାତୁର ମନୋଭାବ ପ୍ରତିଫଳିତ ହୋଇଯାଉଥିଲା ମୋ ସାମ୍ନାରେ ଝଲକାଏ ପବନରେ ପାଉଁଶତଳର ନିଆଁପରି । ତାଙ୍କ ଆଖିରେ ରମ୍ମୁ ଭଗାରି ପାଲଟି ସାରିଥିଲା ଲୁଲୁ ପାଇଁ । ଏପରିକି ତାକୁ ମୋ ଠାରୁ ଅଲଗା କରିବା ପାଇଁ କୌଣସି କେଳାକୁ ବିକିଦେବାର ସୁପରିକଳ୍ପିତ ଷଡଯନ୍ତ୍ରର ନକ୍‌ସାଟିଏ ତିଆରି ହେଉଥିଲା ।

ଦିନେ ବଜାରରୁ ରମ୍ମୁ ପାଇଁ ମୁଁ କଦଳୀ କେତୋଟି କିଣିଆଣିଥିଲି । କିନ୍ତୁ ସର୍ବସମକ୍ଷରେ ସେଇ ଲୋଭନୀୟ କଦଳୀ କେତୋଟିକୁ ରମ୍ମୁକୁ ଦେବା ମୋର ସତ୍‌ସାହସ ନ ଥିବାରୁ ମୁଁ ଲୁଚାଇଲୁଚାଇ ଦେଉଥିଲି ତାକୁ, ଯାହା କି ଧରା ପଡିଯାଇଥିଲା ଲୁଲୁ ମା'ର ଆଖିରେ । ମୋତେ ଲାଗୁଥିଲା ସେଇ କୁହୁଳୁଥିବା ନିଆଁ ହଠାତ୍ ଜଳି ଉଠିଛି ଏବଂ ମୁଁ ବଂଦୀ ହୋଇଯାଇଛି ଏକ ପ୍ରଜ୍ୱଳିତ ଅରଣ୍ୟ ଭିତରେ । ବହୁ ପୂର୍ବରୁ ଗଛର ଶାଖାରେ ବସିଥିବା ବାନରଟିଏ ମୋତେ ସତର୍କ କରିସାରିଛି, ଅଥଚ ମୁଁ ଅପରିଣାମଦର୍ଶୀଟିଏ ପରି ଏକାନ୍ତଭାବେ କବଳିତ ହୋଇସାରିଛି ସେଇ ନିଆଁର ଲେଲିହୀନ ଶିଖା ଭିତରେ । ଅନୁତାପର ନିଆଁ ଧାସରେ ମୋ କାନମୁଣ୍ଡ ଝିଞ୍ଜିରି ଯାଉଥିଲା ।

ମୋ ପକେଟରେ ପଇସା ଥିଲା ତ, ଅଥଚ ଲୁଲୁ ପାଇଁ କିଛି ଗୋଟେ ଆଣିପାରିଲିନି କାହିଁକି ? ମୋ ହୃଦୟ ଭିତରେ

ବାରମ୍ବାର ଉଚ୍ଚାରିତ ହେଉଥିଲା ଶବ୍ଦ କେତୋଟି "କିଛି ଭଲ କଥାଟିଏ ହେଲାନାହିଁ" । ମୁଁ ବାହାରକୁ ଚାଲିଯିବାକୁ ଇଚ୍ଛା କରୁଥିଲି ଏବଂ ମୋ ମନ ଭିତରେ ଭଉଁରି କାଟୁଥିବା ଅପରାଧବୋଧ ଏକ ଚମତ୍କାର ସଫେଇ ହୋଇ ବାହାରି ଆସିଲା ମୋ କଣ୍ଠରୁ, ଯାହାକୁ ମୁଁ ଶୁଣେଇବା ପରି କହୁଥିଲି ଲୁଲୁ ମା'କୁ । "ସତ କହୁଛି, ଏଇଟା ମୋର ଇଚ୍ଛାକୃତ ନୁହେଁ…ଲୁଲୁ ପାଇଁ ଆଜି କିଛି ବି ପାଇଲିନି ବଜାରରୁ ।"

ପାଗଳଙ୍କ ଭଳି ସହରର ଗୋଟିଏ ଦିଗରୁ ଅନ୍ୟ ଦିଗକୁ ମୁଁ ଯାଉଥିଲି । ଲୁଲୁ ଭଲପାଏ ବଲ୍‌ବ୍ୟାଟ, ଚାବିଦିଆ ମଟରଗାଡି, ବଂଧୁକ ଏବଂ କଲିକତି ସନ୍ଦେଶ । ଝାଳ ସରସର ହୋଇ ମୁଁ ଅଣ୍ଡାଳି ପକାଉଥିଲି ଗଳି ଉପଗଳି । ଭରସିକରି ଚାହିଁ ପାରୁନଥିଲି ଲୁଲୁ ଏବଂ ତା'ର ମା'କୁ । ଭାରି ଅନ୍ୟମନସ୍କ ଲାଗୁଥିଲା ମୋତେ । ଏକକାଳୀନ ଏତେଗୁଡିଏ ଉପହାର ଦେଖି ଲୁଲୁର ମୁହଁ ଉଜ୍ଜ୍ୱଳ ଦେଖାଯାଉଥିଲା । ଗାଡିଟିକୁ ଚାବି ଦେଲେ କେମିତି ଚାଲିବ, ବଂଧୁକକୁ କେଉଁ ଉପାୟରେ ଚଳେଇବାକୁ ହେବ, ତାକୁ ମୁଁ ଶିଖେଇ ଦେଉଥିଲି । ଲୁଲୁ ବିଭୋର ହୋଇଯାଉଥିଲା ସେସବୁ ଦେଖି । ହଠାତ୍ ମୋତେ ଚକିତ କରି ସେ କହିଲା, "ଜେଜେ, ରମ୍ମୁ ପାଇଁ କ'ଣ ଆଣିଛ ? ସେ ସନ୍ଦେଶ ଗୁଡା ତାକୁ ଦେଇଦେବା ।" ତା'ର ଉଦାର ସରଳତାରେ ମୁଁ ବିଚଳିତ ହୋଇଯାଇଥିଲି ।

କିନ୍ତୁ କହିଦେବାକୁ ଇଚ୍ଛା ଦେଉଥିଲା, ନାଇଁରେ, ତୁ ଖାଇବୁ ସେଇ ମିଠା । ରମ୍ମୁ ଗୋଟେ ଇତର ମାଙ୍କଡ । ତାର ସନ୍ଦେଶ ଖାଇବା କ'ଣ ଦରକାର । ସେ କେବଳ ଗାଳି ଶୁଣିବ ମଣିଷମାନଙ୍କଠାରୁ, ମାଡ ଖାଇବା ତା'ର ଭବିତବ୍ୟ ।
ଲୁଲୁଠାରୁ ଜାଣିଲି, ମୁଁ ବଜାରକୁ ଗଲା ପରେ ପରେ ରମ୍ମୁ ବହୁତ ମାଡ ଖାଇଥିଲା ତା'ମା ଠାରୁ । ବିକଳରେ ଓଳନାଳ ହେଉଥିଲା ଏ ଘର ସେ ଘର । ତା'ର ଆଉ ଏ ଘରେ ସ୍ଥାନ ନାହିଁ ବୋଲି ତା' ମା କହୁଥିଲା ।

ଘର ଭିତରେ ରମ୍ମୁ ନ ଥିଲା । ଦୁଃଖ ଏବଂ ହତାଶାରେ ମୁଁ ବାରିପଟେ ଖୋଜିଲା ଖୋଜିଲା ଆଖିରେ ଦରାଣ୍ଡୁଥିଲି ମୋ କଣ୍ଢେଇକୁ । ରମ୍ମୁ ବସିଥିଲା ମୁଁ ଲଗାଇଥିବା ଜାମୁ ଗଛର ଶାଖାରେ । ମୋତେ ଦେଖି ସେ ଅଭିମାନରେ ଡେଇଁଥିଲା ଏ ଡାଳରୁ ସେ ଡାଳକୁ । ସେ ଯେପରି ନୀରବରେ କିଛି ଅଭିଯୋଗ କରୁଥିଲା ମୋ ପ୍ରତି କି ମୋ ପରି ମଣିଷମାନଙ୍କ ପ୍ରତି ମୁଁ ଜାଣି ପାରୁ ନ ଥିଲି । ଆକୁଳରେ ମୁଁ ଡାକୁଥିଲି, ଆ…ଆ…ରୁମ୍ମୁ……ମୋ ପାଖକୁ ଆ…ଦେଖ୍ ତୋ ପାଇଁ କେତେ ଜିନିଷ ଆଣିଛି …ଫେରିଆ…ବାବା… ।

ଯେତେ ଡାକିଲେ ବି ସେ ଆସିଲା ନାହିଁ ପାଖକୁ । ସନ୍ଦେଶ ଧରି ଲୁଲୁ ଯେତେ ନେହୁରା ହେଲେ ବି ତା'ର ଯେମିତି ଫେରିବାର ନ ଥିଲା ଏହି କୃତ୍ରିମ ପରିବାରର ବିଳ ଭିତରକୁ । ସଂଧ୍ୟା ଘନେଇ ଆସୁଥିଲା । ମୁଁ ଫେରିଆସିଲି ମୋ କୋଠରିକୁ । ବେଳେବେଳେ ରମ୍ମୁର ତୁହାଇ ତୁହାଇ କରୁଣସ୍ୱର ଯେମିତି ମୋତେ ବିବ୍ରତ କରି ପକାଉଥିଲା, ଜେଜେ ! କି ଦୋଷ ଥିଲା ମୋର ? ମା' ମୋତେ ମାରିଲା କାହିଁକି ? ଏତେ ଭଲପାଇବାର ଯୋଗ୍ୟ ମୁଁ ନୁହେଁ । ଆଉ କେବେ ବି ଫେରିବି ନାହିଁ ତମ କୋଳକୁ, କାହାକୁ ଦୁଃଖ ଦେବା ପାଇଁ । ମୋ ହୃଦୟ ଭିତରେ ଲଘୁଚାପଟିଏ ସୃଷ୍ଟି ହେଉଥିଲା ଏବଂ ବାଷ୍ପାକୁଳ କରିଦେଉଥିଲା ମୋ କଣ୍ଠକୁ ।

ରାତିରେ ମୋତେ ନିଦ ହେଲା ନାହିଁ ଭଲଭାବେ । ତାହାର ଅସ୍ଥିର ହାତର ସ୍ପର୍ଶ ନ ପାଇ ମୁଁ ବିବ୍ରତ ଅନୁଭବ କରୁଥିଲି । ରାତି ପାହିବାକୁ ଅନେକ ଡେରି ଥିଲା । ମୁଁ କବାଟ ଖୋଲି ଅନ୍ଧାର ଭିତରେ ଖୋଜୁଥିଲି ରମ୍ମୁକୁ । କୁଆଁତାରାର ମିଞ୍ଜି ମିଞ୍ଜି ଆଲୁଅ ଭିତରେ ମୁଁ ବ୍ୟାକୁଳ ହୋଇ ଅଣ୍ଡାଳୁଥିଲି ଚଉଦିଗ ମୋ ହଜିଲା କଣ୍ଢେଇ । ରମ୍ମୁର ସ୍ୱର ଶବ୍ଦ ବି ନ ଥିଲା ସେଠି । ମୋ ଚାରିକଡେ ତ' ଅରଣ୍ୟଟିଏ ଖାଁ ଖାଁ କରୁଥିଲା । ପୂର୍ବ ସଂଧ୍ୟାରେ ହୃଦୟ ଭିତରେ କେନ୍ଦ୍ରୀଭୂତ ହୋଇଥିବା ଲଘୁଚାପର ବର୍ଷାରେ ମୁଁ ଭିଜିଯାଉଥିଲି ଗୋଟାପଣେ । ରମ୍ମୁର ଅବର୍ତ୍ତମାନରେ ପୂର୍ବ ଆକାଶ ପୁନଶ୍ଚ ଏକ ଅସରନ୍ତି ଦିନକୁ ସ୍ୱାଗତ କରିବାକୁ ପ୍ରସ୍ତୁତିରେ ଥିଲା ।

# କାଠିକଲମର ଛବି

ଶ୍ରଦ୍ଧାଂଜଳି କାନୁନ୍‌ଗୋ

ଆଜି ମୋତେ ଏଇଟିକୁ ନେଇ ଯିବାକୁ ପଡିବ, ନିତ୍ୟ ! ଏଇଟା ଏମିତି ଖୁବ୍ ବଡଜିନିଷଟିଏ ନୁହେଁ, ଓଜନିଆ ବି ନୁହେଁ । ଖୁବ୍ ହାଲ୍‌କା, ଗାଢକଳା ରଂଗର ରାତିର ପୋଷାକ ଟିଏ କେବଳ । ଯେତେବେଳେ ମୁଁ ଏଇ ଘର ଭିତରକୁ ପାଦ ବଢାଏ, କବାଟ ବନ୍ଦକରେ ଆଉ ଏଇ ପୋଷାକଟକୁ ବଦଳେଇ ନିଏ, ମୋର ମନେହୁଏ ଯେମିତି ମୁଁ ଏଇ ଘରଟି ପାଖରୁ କୌଣସି ଦିନ, କୌଣସି ମୁହୁର୍ତ୍ତରେ ବିଛିନ୍ନ ନୁହେଁ । ଯେମିତି ସଂପର୍କ ଅଛି ମଣିଷର ପାଣି ସହିତ, ପବନ ସହିତ, ମାଟି ଆଉ ଆଲୋକ ସହିତ, ହୁଏତ ଅବିକଳ ସେମିତି ସଂପର୍କ ଟିଏ ଏଘରର କବାଟ, ଝରକା, ସଜଡା ଅସଜଡା ବହିଥାକ, ଜଗନ୍ନାଥଙ୍କ ଫଟୋଚିତ୍ର, ବିଛଣା ଚଦର, ଆଲଣାରେ ଝୁଲୁଥିବା ସାର୍ଟ, ପ୍ୟାଣ୍ଟ, ଚିକ୍‌କଣ ମାଟିର ଏଇ ସୁନ୍ଦର କଳସ, ଆଉ ଏଇ ନିବୁଜ ଘର ଭିତରେ ଆମ ଅଜାଣତରେ ଆଂକିହୋଇ ଯାଉଥିବା ଅସଂଖ୍ୟ ସ୍ୱପ୍ନମାନଙ୍କର ଛାଇ ସହିତ ସୂକ୍ଷ୍ମରେ ଜଡେଇ ହୋଇ ରହିଛି । ଏଇଟିକୁ କାଢିନେଲାପରେ ହୁଏତ ଏ ଘରେ ମୋର ଅସ୍ତିତ୍ୱର ସ୍ଥୂଳ ପରିଚୟ କହିଲେ ଅନ୍ୟକିଛି ନାହିଁ । ଆଲଣାରେ ସାର୍ଟ, ପ୍ୟାଣ୍ଟ କରରେ କେଉଁଠି ହେଲେ ନାହିଁ ମୋର ଶାଢୀ, ସାୟା, ବ୍ଲାଉଜ୍‌ର ଟୁକୁରାଟିଏ । ଆଲମାରିରେ ରଖା ହୋଇନି ମୋର ବ୍ୟାଗ୍, କଲମ, ହାତଘଣ୍ଟା,

ମାର୍ଫତ୍ ବୃନ୍ଦାବନ ସାହୁ,
ଆଲୋକ ନଗର, ପୋ - ନିଆଳି,
ଭାୟା - ନିଆଳି, କଟକ

ରୁମାଲ, କ୍ଲାପ୍ ବା ରବର । ଚପଲ ଷ୍ଟାଣ୍ଡରେ ମୋର ପୁରୁଣା ଛିଡି ଯାଇଥିବା ଚପଲ କିମ୍ବା ବ୍ୟବହାର କରୁଥିବା ଚପଲଟିଏ ରଖା ହୋଇନି କେଉଁଠି । ଗଡରେଜ୍‌ର ଲକର ଖୋଲିଲେ ଆଦୌ ପାଇବା ସମ୍ଭବ ନୁହେଁ ମୋର କାନର ଧଳା ପଥର ବସାଫୁଲ, ବେକର ହାର, ହାତର ଚୁଡି, ଅଂଗୁଳିର ମୁଦି ଆଉ ପାଦର ପାଉଁଜି….ନା, କିଛି ବି ତ ନୁହେଁ । ବହିଥାକରେ ଯେତେ ବହି ଥୁଆ ହୋଇଛି, କେଉଁଥିରେ ବସିଯାଇଛି ଧୂଳିର ପରସ୍ତ, ପୁଣି କାହା ମଲାଟରେ ଛବି ଅରଖ ନୂଆପରି ଚକ୍‌ଚକ୍ କରୁଛି । ଖୋଲି ଦେଖେ, କେଉଁଥିରେ ବି ଲେଖା ହୋଇ ନଥିବ 'ଅଦିତି' ବୋଲି ନାଁ ଟିଏ । ବାସ୍ ଯଦି ଅଛି ତ ଖାଲି ଏଇ ରାତିର ପୋଷାକ ଟି ।

କେବେ ଅକସ୍ମାତ ଛାଡିଯାଇଥିବା ଏଇ କଳାରଂଗର ପୋଷାକଟି । ହଁ, ରହିଯାଇଛି ଅନ୍ୟମନସ୍କ ଭାବେ, ଅନେକ ଜିନିଷ କେଉଁଠି କେଉଁଠି ଛାଡି ଆସିଲାପରି ।

ଆଉ ନେବାକୁ ଇଚ୍ଛାହୋଇନାହିଁ ।

ରାତିର ଟ୍ରେନରୁ କେବେ କେବେ ଆସି ଏଇଠି ଓହ୍ଲେଇଲାବେଳେ ପ୍ରଥମେ ପଡେ ଏଇ ଘରଟି । ମୁଁ ନିର୍ବିକାର ଭାବେ ଗେଟ୍ ଖୋଲି ଭିତରକୁ ଯାଏ । ତୁମେ ଥିବା ନଥିବାରେ କିଛି ଯାଏ ଆସେ ନାହିଁ । ଘରର ତାଲା ଖୋଲେ ଭିତରକୁ ପଶେ ଆଉ ବଦଳାଇ ନିଏ ଏଇ ପୋଷାକଟି ।

କେବେ କେବେ ତୁମେ ଆସିବାକୁ ଅପେକ୍ଷା କରେ ଆଉ କେବେ କେବେ ତୁମ ଅନୁପସ୍ଥିତିରେ ରେ ଏକା ରାନ୍ଧିନେଇ ଖାଇନିଏ ଓ କ୍ଳାନ୍ତ ଦେହକୁ ଆଉଜେଇ ନିଏ ବିଛଣା ଉପରେ । ଏ ଘର ସହିତ ମୁଁ ଯେ ଗୋଟିଏ ସୂକ୍ଷ୍ମ ସଂପର୍କର ଡୋରରେ ବନ୍ଧା, ଏ କଥା ଯେମିତି ଏଇ ରାତିର ପୋଷାକଟି ସୂଚେଇ ଦିଏ ପ୍ରତି ମୁହୂର୍ତ୍ତରେ । ତୁମେ ନଥିଲାବେଳେ ମୁଁ ସମୁଦାୟ ଘରଟିକୁ ବଡ ବ୍ୟାକୁଳ ଭାବରେ ଚାହିଁରୁହେ । କବାଟ ଫାଙ୍କରୁ ଘର ଭିତରକୁ ପଶିଆସୁଥିବା ଅସଂଖ୍ୟ ଧୂଳିକଣା ମୁଁ ହାତ ପାପୁଲେରେ ସାଉଁଟ ନିଏ ।ହୃଦୟ ଭିତରେ ଅବରୁଦ୍ଧ ଇଚ୍ଛାମାନଙ୍କର ଅସ୍ତିତ୍ୱ ଏଇ ଧୂଳିକଣା ପରି ଅସ୍ପଷ୍ଟ ଅଥଚ ଘନୀଭୂତ କି ନୁହେଁ ବୋଲି ନିଜକୁ ପଚାରେ ।

ତୁମେ ଶ୍ରଦ୍ଧାରେ ବିଛେଇ ଦେଇଥିବା କାର୍ପେଟ୍‌ଟି ଉପରେ ବସିପଡି ବହିମାନଙ୍କର ଗୋଟେ ଗୋଟେ ପୃଷ୍ଠା ଲେଉଟାଇଲାବେଳେ କେବେ କେବେ ମୁଁ ସାରା ଦେହରେ ହାତକୁ ବୁଲେଇ ଆଣେ । ଏଇ ହାତ, ପାଦ, ଦେହ-ସବୁକିଛି ମୋ'ରିତ ?

ସେଇ ଗଛ ଦେହରେ ମେଲି ଯାଇଥିବା ତାଳପତ୍ର ପରି ଜୀବନ୍ତ ନା ?

ହଁ, ଠିକ୍ ସେଇ ଗଛର ତାଳପତ୍ର ପରି ?

ପ୍ରକୃତିର ମୂଳ କ୍ରୋମୋଜୋମ୍‌ଟିରୁ ହିଁ ଏ ଦୁଇଟିଯାକର ସୃଷ୍ଟି । ମୋ ଆଗରେ ଠିଆ ହୋଇଥିବା ସେଇ ପାପିରସ୍ ଗଛ ଆଉ ମୁଁ…। ଠିକ୍ ଆମର ମୂଳ ବୀଜଟି କେଉଁଠି ପରଖି ଦେଖିବାପାଇଁ ଆମେ ସିନା ଫେରି ପାରିବା ନାଇଁ କେଉଁ ନିର୍ଦ୍ଦିଷ୍ଟ ଜାଗାଟିଏ କୁ…କିନ୍ତୁ ବୁଝିପାରିବା ତ' ପ୍ରକୃତି ଆମର ମା' ବୋଲି ।

କେବଳ ତା'ର ଆଧାର ଭୂମିରେ ମାଟି ମୁଠାଏ ଅଛି ଆଉ ମୋ ପାଖରେ ଅଛି, ରକ୍ତ, ମାଂସର ବିମୂର୍ତ୍ତ ରୂପକଳ୍ପଟିଏ । ଆଉ ଯଦି ଖୋଲିଦେଇ ହେବ ସୂକ୍ଷ୍ମତାର ପରସ୍ତକୁ ଆଉ ଟିକିଏ, ତେବେ ବେଶ୍ ଦେଖି ହେବ ଏଇ ଦେହ ଆଉ ଏଇ ଭୂମିଟି ଭିତରେ ତଫାତ୍ ନାହିଁ ଜମା ।

କେତେ ଆଶ୍ଚର୍ଯ୍ୟ କଥା ତ ନିତ୍ୟ, ଆମେ କେମିତି ଆମର ଗୋଟି ଗୋଟି ଉପାଦାନମାନଙ୍କୁ ବି ଚିହ୍ନିପାରୁନା ବେଳେବେଳେ !

ଅସୀମ ସମୁଦ୍ରକୁ ଦେଖି ବିହ୍ୱଳ ହୋଇପଡୁ । ଗଭୀର ଅରଣ୍ୟ ପାଖେ ତନ୍ମୟ ହୋଇଯାଇ ଆଉ ନିଜକୁ ପୃଥକ କରିଦେଉ ଏ ସମସ୍ତଙ୍କ ପାଖରୁ ।

ଅଥଚ ଏଇ ଝର୍କା ଆରପଟେ ଠିଆହୋଇଥିବା ଗହଳ ଗଛଟିକୁ ଦେଖି ମୁଁ ଆଙ୍କିପାରୁଛି ନିଜର ଚିତ୍ରଟିଏ । ଶାଖା ଅଛି, ପତ୍ରଅଛି, ଫୁଲ ଆଉ ଫଳ ଅଛି ଅଥଚ ନାହିଁ ତ ନାହିଁ କେବଳ ଶବ୍ଦଟିଏ ! ସେ ଓଠ ଖୋଲେ ନାହିଁ ଅଥଚ ସାକାର କରିଦିଏ ନିଜକୁ । ସେ କଥା କୁହେ ନାହିଁ ଅଥଚ ପରିପୂର୍ଣ୍ଣ ହୋଇଯାଏ । ନିଜକୁ ଯାହିର କରିବାପାଇଁ ଶବ୍ଦ ଲୋଡା ନାହିଁ ନିତ୍ୟ; ତୁମେ ସାରା ଜୀବନ ନୀରବ ରୁହ ଆଉ ଦେଖ ଯେ କେମିତି ଲେଖି ହୋଇଯାଉଛି ତୁମ ଚାରିପଟେ ସହସ୍ର କବିତା……। ସେହି ନ କହି ହେଉଥିବା 'ଶବ୍ଦ' ଟି ଭୂମି ଭିତରର ଚରମ କଂପନଟିଏ ପରି । ମୁହୂର୍ତ୍ତକରେ ଆନ୍ଦୋଳିତ ହୋଇଯାଏ ହୃଦୟ, ଦୋହଲି ଯାଏ ସମୁଦାୟ ସତ୍ତା ।

ହଁ, ନିତ୍ୟ, ମଣିଷ କଥା କହିପାରେ ନାହିଁ । ଆଉ ଯାହା କହେ ତା' କଥା ନୁହେଁ, ବାକ୍‌ଶକ୍ତିର ଦକ୍ଷତା କେବଳ ! ସେ ଯେତେ ବେଶି ନୀରବ ରୁହେ, କଂପନର କେନ୍ଦ୍ରବିନ୍ଦୁ ସେତିକି ବଳିଷ୍ଠ ହୋଇଉଠେ । ଉପରର ଛବିଗୁଡିକ କେତେ ସ୍ପଷ୍ଟ ଦେଖ ! ଖସିପଡେ କାଛବାଡ, ଘର ପାଚେରି । ମୁହୂର୍ତ୍ତକରେ ଧ୍ୱଂସ ହୋଇଯାଏ ମଣିଷ ଆଉ ତାର ବିଶାଳ ନଗରୀ ।

କିନ୍ତୁ ଭିତରର ଅବସ୍ଥାଟିକୁ କିଏ ଦେଖିପାରେ ନିତ୍ୟ ?

ଠିକ୍ ଯେଉଁଠି ସୃଷ୍ଟି ହୋଇଥାଏ କଂପନଟି ? ଚହଲି ଯାଏ ମାଟି । ସେଠି ତ ଖସି ପଡୁଥିବ ଶିଳାର ପରସ୍ତ…ପରସ୍ତ…..।

ଦୋହଲି ଯାଉଥିବ ଜଳାଧାର । ଅସ୍ଥିର ହୋଇ ପଡୁଥିବ ଭୂମି; ନୁହେଁ ?

ସେତେବେଳେ ମଣିଷ ପାଖରେ ଶବ୍ଦ କାହିଁ ? ସେ ତ କେବଳ ବୃକ୍ଷଟିଏ ! ହାତ, ପାଦ, ଓଠ, ଆଖି ଆଉ ନିଶ୍ୱାସର ଅହଂକାରକୁ ନେଇ ଜୀଇଁ ଚାଲିଥିବ ବୃକ୍ଷଟିଏ ।

ମୁଁ ମୋ ସାରା ଦେହରେ ହାତ ବୁଲେଇ ଆଣି ମୋ ଅସ୍ତିତ୍ୱ ର ପ୍ରମାଣ ଖୋଜେ । ମୋର ନିଃଶ୍ୱାସ କୁ ବାରିପାରେ ଆଉ ଭାବେ ଏଇ ଟିକକ ହିଁ ମୋର ପରିଚୟ ପତ୍ର । ନାଗରିକତ୍ୱର ପ୍ରମାଣ ଦେବା ପାଇଁ ଭୋଟର ତାଲିକାର ଫଟୋଟିଏ ପରି ଏଇ ନିଃଶ୍ୱାସ ଟିକକ ମୋତେ ଏ ପୃଥିବୀରେ ରହିପାରିବାର ବିଶ୍ୱାସ ଦିଏ ।

ନହେଲେ ମୋର ସତ୍ତା କଣ ? ମୁଁ କିଏ ସତରେ ? ମାଟିର ସହସ୍ର ପରସ୍ତ ଖୋଳି ତୁମେ ମୋତେ ନିଅଣ୍ଡରଥାଲ କହିପାର, କହିପାର କ୍ରୋମାଗନନ୍ ବୋଲି ।

ହଁ, ନିତ୍ୟ ! ରାତିର ପୋଷାକଟିକୁ ତୁମ ହାତରେ ନେଲାବେଳେ ମୋର ଠିକ୍ ଏଇ ଅନୁଭବ ହୋଇଥିଲା । ସେତେବେଳେ ଆମ ଭିତରେ ଖୁବ୍ ବେଶି ଦୂରତ୍ୱ ନଥିଲା । ଏତେ କମ୍ ଦୂରତ୍ୱ ଯେ ଯଦି କେହି ଜଣେ ଅଳ୍ପକିଛି ଦୂରରୁ ଦେଖିବ, ତା ହେଲେ ଭାବିବ ହୁଏତ ଦୁଇଟି ଦେହ ପରସ୍ପର ସହିତ ବିଛେଇ ହୋଇ ରହିଛଂତି ।

କିନ୍ତୁ ବାସ୍ତବିକ ଆମ ଭିତରେ ଦୂତତ୍ୱ ଥିଲା ଗୋଟିଏ ପ୍ରଶ୍ନବାଚୀର ଆଉ ଶୂନ୍ୟ ମଣ୍ଡଳରେ ଭାସି ବୁଲୁଥିବା ଅଥଚ ପାପୁଲିରେ ଧରା ଦେଉ ନଥିବା ଅସଂଖ୍ୟ ଧୂଳିକଣା ପରି ଉତ୍ତର ମାନଙ୍କର ?

ତୁମେ ମୋତେ ପଚାରୁଥିଲ - ମୋର ଭୁଲ କେଉଁଠି ଅଦିତି ? ଏ ପୋଷାକଟି ନଥିଲେ କଣ ଏ ଘର ଭିତରୁ ତୁମର ଚିହ୍ନବର୍ଣ୍ଣ ଲିଭିଯିବ ?

ମୁଁ କି ଉତ୍ତର ଦେଇଥାନ୍ତି ନିତ୍ୟ ? ମଣିଷ କ'ଣ ସତରେ ତାର ଚିହ୍ନବର୍ଣ୍ଣ ଛାଡିଯାଇ ପାରେ କେଉଁଠି ? ତୁମେ ପୁଣିଥରେ ପଚାରିଲ - କଣ ହୋଇଛି ଅଦିତି ? କାହିଁକି ଚାଲିଯାଉଛ ଏ ଘରୁ ? ଏ ଘର କଣ ତୁମର ନୁହେଁ ?

ନିତ୍ୟ ! ତୁମ ପାପୁଲିରୁ ମୋ ପାପୁଲି ଭିତରେ ସେତେବେଳେ ଯେଉଁ ଅଦୃଶ୍ୟ କଂଟାଟିଏ ଖେଳି ଯାଉଥିଲା, ସେଥିରେ ମୋର ସମଗ୍ର ସତ୍ତା ଦୋହଲି ଯାଇଥିଲା ।

ତୁମେ ଦେଖିପାରୁ ନଥିଲ । ସବୁକଥା ଆଖିକୁ ଦେଖାଯାଏ ନାହିଁ । ଜଳ, ସ୍ଥଳ, ବାୟୁମଣ୍ଡରେ ଖେଳି ବୁଲୁଥିବା କୋଟି କୋଟି ଭାଇରସ୍ ପରି ଆମ ଭିତରେ ଯେ ଅସଂଖ୍ୟ ଭୂତାଣୁମାନଙ୍କର ସମାହାର । ସେମାନେ କେବଳ ସାରା ଶରୀରରେ ସଂଚରିଯାନ୍ତି ଆଉ କଷ୍ଟ ଦିଅନ୍ତି ।

ଆଉ ଏଇ ଯନ୍ତ୍ରଣାର ରୂପରେଖ କି ବିଚିତ୍ର କୁହ ତ ?

କେଉଁଠି ହାତ, ପାଦ ଛିଣ୍ଡିଯାଇଥିବା ଲୋକଟିଏ କାକୁସ୍ଥ ଦୃଷ୍ଟିରେ ଚାହିଁ ରହିଛି ଭରପୂର ରାସ୍ତା ଆଡକୁ, ଯେଉଁଠି ଅଜସ୍ର ମଣିଷ ଦିନରାତି ମାଡିଚାଲିଛନ୍ତି ଆଗକୁ ଆଗକୁ । କେଉଁଠି ଶୀତ ରାତିର ଫୁଙ୍ଗୁଳା ଦେହଟିକୁ ଘୋଡାଇବା ପାଇଁ ଆତଙ୍କିତ ମଣିଷ ଟିଏ ଅପେକ୍ଷା କରିଥାଏ ଉଷ୍ଣ ସକାଳଟିକୁ ଆଉ କେଉଁଠି ଘନଘୋର ବର୍ଷାରେ କାକୁସ୍ଥ ଚଢେଇଟିଏ ପରି ଅସହାୟ ମଣିଷ ଜାକିଜୁକି ହୋଇ ଓଦାକାଛ କଡରେ ଦେହ ଲୁଚୁଥାଏ । ଯନ୍ତ୍ରଣାର କୋଠରିରେ ଅଦ୍ଭୁତ ରୂପ ରଂଗର ଛବି ନିତ୍ୟ । ନା ତାକୁ ଛୁଇଁ ହୁଏ, ନା ତାକୁ ବୁଝି ହୁଏ । ଆଉ ମୋ ପାଇଁ ସିଏ ଅଦୃଶ୍ୟ ଚଢେଇଟିଏ ପରି !

ଉଡିବୁଲେ ଏ ଘରର ଝର୍କା ଦାଢରୁ ଆର ଘରକୁ ।

ସେଇ ଅସଜଡା ବହିଥାକମାନଙ୍କ ଉପରେ ଭରା ଦେଇ, କାର୍ପେଟଟି ଉପରେ ଅଧା ଶୋଇ ଶୋଇ ପଡିଥିବାବେଳେ ସେ ଚଢେଇଟି ମୋତେ ଦେଖାଯାଏ ନାହିଁ । ହଁ, ଅନେକ ଆକସ୍ମିକ ଶବ୍ଦଟିଏରେ ମୁଁ ଅବାକ୍ ହୋଇଥାଏ । କିନ୍ତୁ ତା' ଯେ ସେଇ ଚଢେଇଟିର ଡେଣା ଝାଡିବାର ଶବ୍ଦ ଏକଥା ମୁଁ ଆଦୌ ବୁଝିପାରେ ନାହିଁ ।

ସେଠି ମୋର ଅଭ୍ୟସ୍ତ ଅଂଗୁଳି ଗୁଡିକ କେବଳ ଚିତ୍ର ଆଙ୍କନ୍ତି ।

ମୁଁ ତୁମକୁ ମୋ ଆଗରେ ବସେଇଦିଏ ମୂର୍ତ୍ତିଟିଏ ପରି । ପୃଥିବୀର ଶ୍ରେଷ୍ଠ ପ୍ରତିକୃତିଟିଏ ଆଙ୍କିବାର ସ୍ୱପ୍ନରେ ଏକାଠି ସଜେଇ ଦିଏ ପାପିରସ୍ ଗଛର ପତ୍ରମାନଙ୍କୁ ଆଉ କାଠି କଲମରେ ଗାର ପକାଏ ।

ତୁମେ ମନେପକାଅ ନିତ୍ୟ, ମିଶରୀୟମାନଙ୍କର ନିଜ ମନର କଥା କହିବା ପାଇଁ ଅକ୍ଷର ନଥିଲା ସେମାନେ ଛବି ଆଙ୍କୁଥିଲେ । ଏହି ଛବିଗୁଡିକ ଲିପି ହୋଇ ରହିଯାଇଥିଲା ପଥର ଦେହରେ । ମଣିଷ ମନରେ ଯେ ଅସଂଖ୍ୟ ଇଚ୍ଛାର ଉଦ୍‌ବେଳନ- ଯାହାକୁ ଆଙ୍କିଦେଇ ହୁଏ ଅସଂଖ୍ୟ ଚିତ୍ର କରି.....।

ଏଇ ଲିପିଗୁଡିକ ମିଶରୀୟମାନେ କୁହନ୍ତି ହେରୋଗ୍ଲାଫିକ ବା ପବିତ୍ରଲିପି ।

ମୁଁ ସେଇ ନିଶବ୍ଦ ଘରଟି ଭିତରେ ଅନେକ ହେରୋଗ୍ଲାଫିକର ଚିତ୍ର ଅଂକନ କରେ । ଦିନେ ମୋର ଚିତ୍ରଗୁଡିକ ଦେଖୁ ଦେଖୁ ହଠାତ୍ ଅଟକି ଗଲି ଗୋଟିଏ ଜାଗାରେ । ପଚାରିଲି - ଏଇଟି କି ଛବି ହୋଇପାରେ ? ଏମିତି ଲୁଗାରେ ଘୋଡେଇ ରଖିଛ ଯେ ? ରଂଗବେରଂଗର କୋଠରୀ ଟିଏ ନା କ'ଣ ?

ମୁଁ ଭୟଭୀତ ହୋଇ ତୁମ ହାତଟିକୁ ଧରି ପକେଇଲି । କହିଲି-ତୁମେ ଏଇ ଛବିଟିକୁ ଦେଖ ନାଇଁ ନିତ୍ୟ ! ମୁଁ ଆହତ ଦୃଷ୍ଟିରେ ଚାହିଁଥିଲି ତୁମକୁ ।

ତୁମେ ଆଶ୍ଚର୍ଯ୍ୟ ହେଲ "କାହିଁକି ? ଏଇ ଛୋଟ ଘରଟି ଭିତରେ ଆମ ଦୁହିଁଙ୍କ ଛଡା ଆଉ କିଏ ଅଛି ? ଯଦି ଏଇ ଚିତ୍ରଟିକୁ ମୁଁ ଦେଖିପାରିବିନି, ତା ହେଲେ ଆଉ ଦେଖିବ କିଏ ?"

ତୁମ ମୁଁହ ଟିକିଏ ଶୁଖିଗଲା ସେତେବେଳେ ।

ମୁଁ କହିଲି, - "ଏଇଟି ଗୋଟିଏ କାଠବାକ୍ସ ନିତ୍ୟ । ଏଇ କାଠ ବାକ୍ସ ଚାରିପଟେ ଗୋଟେ ପଥର ର କଫିନ୍ ।

-କିନ୍ତୁ ତୁମେ ଏହାକୁ ଏମିତି ଧଳା ଲୁଗାରେ ଢାଙ୍କି ରଖିଛ କାହିଁକି ?

କାରଣ ଏହା ଗୋଟିଏ ଅସଂପୂର୍ଣ୍ଣ ଛବି ।

ତୁମେ ଜିଦ୍ କଲ ନାହିଁ । କିନ୍ତୁ ତୁମର ଜାଣିବାକୁ ଇଚ୍ଛା ହେଉଥିଲା ଯେ ସେଇ କାଠ ବାକ୍ସର ଛବିଟିକୁ ମୁଁ ମୋ ପିନ୍ଧା ଲୁଗାରେ ଘୋଡେଇ ରଖିଛ କାହିଁକି ବୋଲି ।

ମୁଁ କହିଲି - ମୁଁ ଏଇ ବାକ୍ସସାରା ବିଛେଇ ଦେଉଛି ପାପିରସ୍‌ର ପତ୍ର । ତୁମେ ଥରେ ପଢ ଓ ଦେଖ କ'ଣ କହୁଛନ୍ତି ଏ ଛବିମାନେ ।

ପାପିରସ୍ ଗଛର ପତ୍ରରେ କାଠିର କାଳିକଲମ୍ ଛୁଆଁଇ ଦେଲେ ଆଂକିହୋଇଯାଏ ପରା ମନର ଭାବ ! ସେଦିନ ମୁଁ ସେଇ ଚିତ୍ରଟିକୁ ପୁଣିଥରେ ଘୋଡେଇ ଦେଲି ଲୁଗାରେ ।

ନିତ୍ୟ ! ମୁଁ ସେଇ ଅବରୁଦ୍ଧ ଘରଟି ଭିତରେ ରାତିର ପୋଷାକଟି ପିନ୍ଧି ଶୋଇରହିଥିଲା । ବେଳେ ଆକାଶର ରଂଗକୁ କେବେ ଦେଖିବାର ଇଚ୍ଛା କରେନାହିଁ । କାରଣ ସେ ଘରର କୋଣ ଅନୁକୋଣରେ ମୋତେ ଦୃଶ୍ୟ ହୁଏ ଖଣ୍ଡିତ ଆକାଶ । ତା' ନହେଲେ କାହାକୁ ଦେଖି ମୁଁ ଏତେ ଆତ୍ମବିଭୋର ହୁଅନ୍ତି ଆଉ ଛବି ଆଙ୍କନ୍ତି ? ପୁଣି ଯେଉଁ ଅଦୃଶ୍ୟ ଚଢେଇଟି ଡେଣା ଢାକି, ଦେହ ଢାଙ୍କି ଲୁଚେଇ ରହିଥିଲା ଏତେଦିନ - କେଉଁଠି ବା ଥା'ନ୍ତା ?

ରାତିପିନ୍ଧା ସେଇ ପୋଷାକଟିକୁ ମୁଁ ମୋ ଦେହରେ ଗୁଡେଇ ଦେଉଥିଲାବେଳେ ସେ ଆକାଶର ରଂଗ ମୋତେ ଦେଖାଯାଏ ଆହୁରି ସୁନ୍ଦର ! ଆହୁରି ନୀଳ ! ଠିକ୍ ଗୋଟେ ନିଛାଟିଆ ଶ୍ରାବଣର ଭରପୂର ଆକାଶ ପରି ! ମୁଁ ଟିକିଏ ଆକାଶକୁ ଚାହେଁ, ଆଉ ଟିକିଏ ପାଦ ତଳକୁ, ପୁଣି କାନ୍‌ଭାସ୍ ଆଗରେ ବସିପଡେ କାଠିର କଲମଟି ଧରି ।

ମୋର ପାଦ ପାଖକୁ ଲାଗି ରଖାହୋଇଥିବା ଅସଂଖ୍ୟ ବହିଥାକ ଉପରେ ଜମିଯାଇଥିବା ଧୂଳିର ପରସ୍ତକୁ ଆଂଗୁଠି ଆଗରେ ପୋଛି ଆଣିଲାବେଳେ ଲାଗେ, ଧୂଳି ଟିକକରେ ବି ସ୍ୱର୍ଗର ଏଇ ନିବିଡତା କି ଆଶ୍ଚର୍ଯ୍ୟ ସତରେ !

ସ୍ପର୍ଶ କାତରତା କ'ଣ ନିର୍ଜୀବ ଆଉ ସଜୀବ ଭିତରେ କିଛି ତଫାତ ନ ଥାଏ ? ସେଇ ଟିକକ ଧୂଳି ବି ମୋତେ ସେଇ ମୁହୂର୍ତ୍ତରେ ବଡ ଜୀବନ୍ତ ଲାଗନ୍ତି । ଯେମିତି ଗହଳ ଘାସ ଭିତରେ ଚୁପ୍‌ଚାପ୍ ବସି ରହିଥିବା ସାଧବ ବୋହୁ - ହାତ ମାରିଦେଲେ ତରତର ହୋଇ ଚାଲିଯାଉଛି ଆଗକୁ ! ଧୂଳିଗୁଡିକ ମୋର ଆଂଗୁଳିରୁ ପାପୁଲି, ହାତ, କାନ୍ଧ, ବେକ ଓ ସାରା ମୁହଁରେ ନେସି ହୋଇଯାଏ । ମୁଁ ତନ୍ମୟ ହୁଏ । ସମୁଦ୍ର ସହିତ ଦିଗନ୍ତର ସ୍ୱର୍ଗରେ ଯେମିତି ତନ୍ମୟତା....ଠିକ୍ ସେମିତି । ମୋର ମନେହୁଏ ନିତ୍ୟ, ଏଇଠି କେବଳ ରାତିର ପୋଷାକ ନୁହେଁ । କେଉଁ ସହସ୍ର ବର୍ଷର ପୁରାତନ କଂକାଳଟିଏରେ ଜଡେଇ ହୋଇ ରହିଥିବା ଗୋଟିଏ ପରିଚୟ ପତ୍ର; ହଁ, ଗୋଟିଏ ଅସ୍ତିତ୍ୱର ଆବରଣ, ଦୁଇଟି ସୂକ୍ଷ୍ମ ଚେତନାକୁ ଏକାଠି ଗଣ୍ଠିଟିଏ କରି ବାନ୍ଧି ପାରୁଥିବା ସ୍ୱୀକୃତିଟିଏ ।

ଅଥଚ ଏଇଟିକୁ ଆଜି ମୋତେ ନେଇଯିବାକୁ ହିଁ ପଡିବ ।

ତୁମେ ମୋ ଆଗରେ ଠିଆ ହୋଇଛ ସ୍ଥିର ପ୍ରସ୍ତର ମୂର୍ତ୍ତିଟିଏ ପରି ।

ମୁଁ ଚାରିପଟକୁ ଚାହିଁଲି । ତୁମେ ଦେଖିପାରୁଥିଲ ନା ନାହିଁ ନିତ୍ୟ । ଏତେ ଦିନ ଧରି ସେ ଘରର କାନ୍ଥ କବାଟ ସାରା ମୁଁ ଆଙ୍କି ଚାଲିଥିଲି ପାପିରସ୍ ପତ୍ରର କାଳିରେ ଅସଂଖ୍ୟ ଛବିସବୁ, ସେମାନେ କୁଆଡେ ଉଭେଇ ଯାଇଛନ୍ତି କାଇଁ, ଗୋଟିଏ ବି ତ ଚିତ୍ର ନଥିଲା କେଉଁଠି !

ମୋ ଆଖିରେ ଲୁହ ଭର୍ତ୍ତି ହୋଇଗଲା । ସତରେ ଯେ ପୃଥିବୀଟା ଶୂନ୍ୟରେ ଝୁଲୁଛି, ମୁଁ ଯେମିତି ତାହା ଅନୁଭବ କରିପାରୁଥିଲି ।

ତୁମେ ମୋତେ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲ । ମୁଁ ଜାଣେ ତୁମେ ଖୁବ୍ ଆହତ ବି ହୋଇଥିଲ । ମୁଁ ମୁହଁ ଫେରେଇ ନେଲି । ମୋର ଗଲାରାତିର କଥା ମନେ ପଡିଲା । ହୁଏତ ସେ କଥା ମୁଁ ତୁମକୁ ଆଦୌ କହିପାରି ନଥାନ୍ତି । କାଲି ରାତିରେ ମୁଁ ଦୁଃସ୍ୱପ୍ନ ଟିଏ ଦେଖିଲି ଯେ ମୁଁ ଆଙ୍କିଥିବା ମୋର ପ୍ରିୟତମ ଛବିଟି କେଉଁଆଡେ ଅଦୃଶ୍ୟ ହୋଇଯାଇଛି । ମୁଁ ବିକଳ ହୋଇ ତାକୁ ଖୋଜୁଛି ଘରର ଚାରିଆଡେ । ଅଥଚ କେଉଁଠି ପାଉନାହିଁ । ମୁଁ ସେଇ ଗହଳ ପତ୍ରର ଗଛ ଦେହରେ ମୁହଁରେ ହାତଢାଙ୍କି ଆଉଜି ବସିଛି ଆଉ କଇଁକଇଁ ହୋଇ କାନ୍ଦିଉଠୁଛି । ଭାବୁଛି ଯେ ସତରେ ତୁମେ କେଉଁଠି ହଜିଗଲ ? ଏବେ ମୁଁ କଣ କରିବି ? କେମିତି ଆଙ୍କିବି ମୋର ବାକିତକ ସ୍ୱପ୍ନ ?

ମୋର ଆଖି ଲୁହରେ ସବୁକିଛି ମୋତେ ଝାପ୍‌ସା ଦେଖା ଯାଉଛି । ମୁହୂର୍ତ୍ତକ ରେ ହିଁ ମୋତେ ଆଉକିଛି ଦୃଶ୍ୟ ହେଲା ନାହିଁ ନିତ୍ୟ । ମୋର ପରମ ଆତ୍ମୀୟ ସେଇ କାଛ, କବାଟ, ଝର୍କା, ବହିଥାକ, ଜଗନ୍ନାଥଙ୍କର ଫଟୋଚିତ୍ର, ମାଟିର କଲସ.....କିଛି ବି ତ ଦେଖାଗଲା ନାହିଁ । ମୁଁ ଭୟରେ ନତସତ ହୋଇଗଲି ଆଉ ମୋର ନିଦ ଭାଂଗିଗଲା !

ମୁଁ ମୋ ବିଛଣାରେ ବସିପଡିଲି । କାକୁସ୍ତ ହୋଇ ଚାରିଆଡକୁ ଚାହିଁଲି । ବିଶ୍ୱାସକର, ସବୁମୋତେ ଧୂଆଁଳିଆ ଦେଖାଯାଉଥିଲା । କୁହୁଡି ନା ଧୂଆଁ - ମୁଁ ବୁଝିପାରିଲିନି । ମୋ ଦେହ ସାରା ହାତ ବୁଲେଇ ଆଣିଲି । ନିତ୍ୟ ! ରାତିପିନ୍ଧା ପୋଷାକ ଟି ଗୋଟିସୁଦ୍ଧା କୁହୁଡିରେ ଓଦା ହୋଇଯାଇଥିଲା । ଆଶ୍ଚର୍ଯ୍ୟ ଲାଗିଲା ଶୀତ ରାତିର କୁହୁଡି କ'ଣ କାଛ କବାଟକୁ ଖୋଲି ଦେଇପାରେ ?

ମୁଁ ଧୀରେ ଧୀରେ ପାଦ ପକେଇଲି ଘରସାରା ।

ମୋର ଶ୍ରେଷ୍ଠତମ ଛବିଟି ଠିକ୍ ଜାଗାରେ ଅଛି ତ ? ମୁଁ କୁହୁଡି ଭିତରେ ଅଣ୍ଡାଳିବାକୁ ଲାଗିଲି । ହଁ, ଛବି ଟି ତ ସେଇଠି ଅଛି, ମାତ୍ର ତା' ପାଖରେ ଆଙ୍କି ହୋଇଯାଇଛି ଆଉ ଏକ କମନୀୟ ଛବି !

ତୁମକୁ ମୁଁ ଖିଦିଏ ନିତ୍ୟ ଯେ ମୋର ସେଇ ପ୍ରିୟତମ ଛବିରେ ମୁଁ ତୁମଙ୍କୁ ଆଙ୍କିଥିଲି ମୂର୍ତ୍ତିଟିଏ ପରି । ହଥରର ମୂର୍ତ୍ତିଟିଏ ଜୀବନ୍ୟାସ ପାଇଲେ ଯେମିତି ଦେଖାଯାଏ, ଚିତ୍ରଟି ଦେଖାଯାଉଥିଲା ଅବିକଳ ସେମିତି !

ନିତ୍ୟ ! ହଠାତ୍ ଦେଖିଲି ମୋର ସେଇ ପ୍ରିୟ ଛବିଟିର ଗୋଡ ଉପରେ ମୁଣ୍ଡରଖି ଶୋଇଥିଲା ନାରୀଟିଏ । ତାର ପଣତରେ ଢାକିଂହୋଇ ଯାଇଥିଲା ଛବିଟିର ସମୁଦାୟ ଶରୀର ।

ଏ ଘରେ ତୁମ, ମୋ ଛଡା ଆଉ କିଏ ଥାଇପାରେ ? ମୁଁ ସ୍ତବ୍ଧ ହୋଇଗଲି, କିଏ ହୋଇପାରେ ? ମୁଁ ଭୟରେ ଚାହିଁଲି ଚାରିପଟକୁ । କେହି ତ ନ ଥିଲେ କେଉଁଠି । ଧୀରେ ଧୀରେ ଛବିଟିର ପାଖକୁ ଯାଇ ମୁଁ ଦେଖିଲି, ନା ତା'ର ଆଖି, ନାକ, ଓଠ, ମୁହଁ - କେଉଁ ଗୋଟିକରେ ମୋର ପ୍ରତିଛବି ନଥିଲା । ସୀମନ୍ତିନୀ ନାରୀଟିଏ, ଯାହାର ପଣତ ତଳେ ଢାଙ୍କି ହୋଇଯାଇଥିଲା ତୁମର ସମୁଦାୟ ଶରୀର । ମୁଁ ଆହୁରି ପାଖକୁ ଲାଗିଗଲି ତ ଆଶ୍ଚର୍ଯ୍ୟ ହେଲି । ଛବିଟି ଦେଖାଯାଉଥିଲା ଠିକ୍ ତୁମର ପରି...ହଁ, ଅବିକଳ ସେମିତି । ଏମିତି ପରିପୂର୍ଣ୍ଣ ଛବିଟିକୁ କିଏ ବା ଆଙ୍କି ଦେଇଗଲା ?

ମୋର ଦେହଟି ଯେମିତି ସ୍ଥାଣୁ ପାଲଟି ଯାଇଥିଲା । ମୋର ମନେ ହେଲା, ସତେ ଅବା ମୁଁ ହିଁ ଗୋଟିଏ ମୂର୍ତ୍ତିବତ ପଥର ଖଣ୍ଡ !

କେଉଁ ଅଦୃଶ୍ୟ ଶିଳ୍ପୀ ଗଢିଚାଲିଛି ମୋରି ମୂର୍ତ୍ତିଟିଏ ମୋ ଅଜାଣତରେ, ଯାହାର ଆଖିରୁ ଖସି ପଡୁଛି ପରସ୍ତ ପରସ୍ତ ଅହଂକାର; ଓଠରୁ ଝରିପଡୁଛି ଶୀତ ସକାଳର ନିର୍ମୋକ ପରି ଖଣ୍ଡଖଣ୍ଡ ଅଭିମାନ....। କାହିଁକି କେଜାଣି ତୀବ୍ର ଇଛାଟିଏ ମୋ ଭିତରେ ଆଙ୍କୁରି ଉଠିଲା ସେଇ ମୁହୂର୍ତ୍ତରେ । ମୋ ଶିରା ପ୍ରଶିରା ଧମନୀର ରକ୍ତ ପବାହରେ ସଂଚରିଗଲା ସେ ଇଛା । ମୋର ମନେହେଲା, ଥରଟିଏ ମାତ୍ର ମୁଁ ପାଲଟିଯାନ୍ତି ସେଇ ନାରୀଟିର ଆଖି, ଓଠ, କପାଳ, ହାତ, ପାଦ, ସାରା ଶରୀର....। ଥରଟିଏ ନିତ୍ୟ......କେବଳ ଥରକ ପାଇଁ ସଂସାର ଆଗରେ ମୋର ପଣତରେ ଢାଙ୍କିହୋଇଯାଂତା ତୁମର ସାରା ଶରୀର ଅବିକଳ ସେଇ ଭାବରେ, ସେଇ ରୂପରେ.....!

ନିତ୍ୟ ! ଜୀବନ କାହାରି ଇଛାର ରୂପକଥା ନୁହେଁ; ଜୀବନ କେଉଁ ସ୍ୱପ୍ନଲୋକରେ ଭାସୁଥିବା ମେଘଖଣ୍ଡ ବି ତ ନୁହେଁ ।

ଖାଲିପାଦରେ ମାଟି ଉପରେ ଚାଲୁଥିବାବେଳେ ଯେମିତି କ୍ଷତବିକ୍ଷତ ହୋଇଯାଏ ପାଦତଳ...ଜୀବନ ଠିକ୍ ସେମିତି ମାଟି ଚା'ଖଣ୍ଡେ; ତାକୁ ସ୍ପର୍ଶ କରିହୁଏ, ପରଖି ହୁଏ । ପହିଲି ବର୍ଷାର ଟୋପା ଯେମିତି ଭିଜେଇ ଦିଏ ତାର ଦେଓ, ମନ, ଜୀବନ ସେମିତି ଓଦା କରିଦେଇ ପାରେ ମଣିଷର ପ୍ରାଣକୁ, ତାର ଆତ୍ମାକୁ ।

ରାତିର ସେଇ ନିଥର ମୁହୂର୍ତ୍ତରେ ମୁଁ ଆଉଥରେ ଛୁଇଁଲି କାଠିର କଲମଟିକୁ । ଏତେଦିନ ଧରି ମୁଁ ଆଙ୍କି ଚାଲିଥିବା ଚିତ୍ରତକ ଦୂର କୁହୁଡିର ଦିଗ୍‌ବଳୟ ପରି ମୋତେ ଅସ୍ପଷ୍ଟ ଦେଖାଯାଉଥିଲେ । ତେବେ କଣ ମୋର ଆଂଗୁଳି ଚାଳନାରେ କେଉଁଠି କିଛି ତ୍ରୁଟି ରହି ଯାଇଥିଲା ?

ଚକିତ ହୋଇ ମୁଁ ବସିପଡିଲି ସେଇଠି । ପାଖକୁ ଚାହିଁଲି । ତୁମେ ଗଭୀର ନିଦରେ ଶୋଇ ପଡିଥିଲ । ଅଥଚ ଅଦୃଶ୍ୟ ଚିତ୍ରକରର ହାତଅଙ୍କା ଛବିଟି ସାରା ଘରଟିକୁ ଆବୋରି ବସିଥିଲା ।

କାଲିରାତିରେ ମୁଁ ପୋଷାକଟିକୁ ମୋ ଦେହରୁ ଖୋଲିଦେଲି ।

ଏଇ ପୋଷାକଟି ପିନ୍ଧି ହାତରେ କାଠିର କଲମଟିଏ ଧରିଲେ ମୁଁ ପାପିରସ୍ ପତ୍ରର କାଳିରେ ଆଙ୍କି ପାରୁଥିଲି ଅଜସ୍ର ଚିତ୍ର ।

ଏବେ ଏଇ ପୋଷାକଟିର ଲୋଡା କ'ଣ ? ପୋଷାକଟି କୁହୁଡିରେ ଜୁବୁବୁଡୁ ହୋଇଯାଇଥିଲା ଆଉ ଏଇ ଘରର କାଛ କବାଟ କେଉଁଠି ବି ତ ଚିତ୍ରଟିଏ ଆଙ୍କିବା ପାଇଁ ଜାଗା ନ ଥିଲା ।

ହଁ, ନିତ୍ୟ ! ଏଇଟିକୁ ଆଜି ମୋତେ ନେଇ ଯିବାକୁ ପଡିବ ।

ତୁମ ହାତରୁ ମୁଁ ଏଇ ପୋଷାକଟିକୁ ନେଲାବେଳେ ଅସ୍ଥିର କଂପନ ମୋର ସମୁଦାୟ ଅସ୍ତିତ୍ୱକୁ ଦୋହଲାଇ ଦେଉଥିଲା । ମୋ ହାତଟି ଥରି ଉଠିଲା ଓ ମୁଁ ସେଇଟିକୁ ଉଠେଇନେଲି ।

ଆଉ ଦେଖ ତ ! ଅଚାନକ ଗୋଟେ ଅଦ୍ଭୁତ କାଣ୍ଡ ଘଟିଲା !

ଏତେଦିନ ସେଇ ଘର ଭେତରେ ଲୁଚି ରହିଥିବା ଅଦୃଶ୍ୟ ଚଢେଇଟି ହଠାତ୍ ଫଡ୍ ଫଡ୍ କରି ଉଠିଲା ଆଉ ତା'ର ଡେଣା ଦି'ଟା ଛିଡିପଡିଲା ତଳେ ।

ଆମେ ଦୁହେଁ ଚମକି ପଡିଲେ ସେ ଶବ୍ଦରେ । ପୋଷାକଟି ମୋ ହାତରୁ ତଳେ ପଡିଗଲା । ଚଢେଇ ଦେହର ଥୋପା ଥୋପା ରକ୍ତ ପଡିଥିଲା ଚଟାଣ ସାରା । ପୋଷାକଟିରେ ମଧ୍ୟ ରକ୍ତର ଛିଟିକା !

ତୁମେ ବ୍ୟସ୍ତ ହୋଇପଡିଲ - ଇଏ କ'ଣ ? ଏଇ ଚଢେଇଟି ଏ ଘର ଭିତରେ କେଉଁଠି ଥିଲା ? ମୁଁ ତ କେବେ ଦେଖି ନଥିଲି । ତୁମେ କ'ଣ ଦେଖିଥିଲ କେବେ ? ଏଇ ନିବୁଜ ଘର ଭିତରେ ବି ତା'ର ଡେଣା ଦୁଇଟି ଛିଡିପଡିଲା କେମିତି ? ଏ ଘର ସାରା ଏତେ ରକ୍ତ.... । ତୁମେ କିଛି କହୁନ କାହିଁକି ଅଦିତି ?

ମୁଁ କିଛି ଉତ୍ତର ଦେଲିନାହିଁ ।

ତୁମେ ପୁଣି ଅନୁନୟ ସ୍ୱରରେ କହିଲ-ଅଦିତି ! ଦେଖ, କେତେ ସବୁ ଅଦ୍ଭୁତ କାଣ୍ଡ ! ତୁମେ ଏ ପୋଷାକଟିକୁ ଏ ଘରୁ ନେଇଯାଅ ନାହିଁ । ଏ ପୋଷାକଟିର ଏଘର ସହିତ କେତେ ନିବିଡ ସଂପର୍କ ତୁମେ ଜାଣ ?

ମୁଁ ତଥାପି କିଛି ଉତ୍ତର ଦେଲି ନାହିଁ, ନିତ୍ୟ !

ମୋର କେବଳ ମନେହେଉଥିଲା ସଂପର୍କ ମାନେ ଦେହରେ ନଥାନ୍ତି, ନଥାନ୍ତି ପୋଷାକରେ.... । ଆମେମାନେ ତ ବାୟୁର ତରଂଗରେ ଖେଳିବୁଲୁଥିବା ଗୋଟିଏ ଗୋଟିଏ ଅସ୍ତିତ୍ୱ କେବଳ । ଯାହାର କୌଣସି ନାଁ ନାହିଁ, ନିର୍ଦ୍ଦିଷ୍ଟ ପରିଚୟ ଟିଏ ନାହିଁ ।

ମୁଁ ସେଇ ଘର ଭିତରୁ ବାହାରିଯିବା ପାଇଁ ଏଥର ଇଚ୍ଛା କଲି ।

ଯିବା ପୂର୍ବରୁ ବହୁଦିନଧରି ଘରର ଅନାବଶ୍ୟକ କୋଣଟିଏ ରେ ଢଂକା ହୋଇ ରହିଥିବା ସେଇ କାଠବାକ୍ସର ଚିତ୍ରଟି ଉପରୁ ଲୁଗାଟିକୁ ଉଠେଇ ଦେଲି ।

ତୁମେ ଆହୁରି ବିସ୍ମିତ ହେଲ । ବାକ୍ସଟି ଉପରୁ ଢାଂକୁଣି ଉଠାଯାଇଥିଲା । ଗୋଟିଏ ଅଧାଖୋଲା ବାକ୍ସଭିତରେ ମରିପଡିଥିବା ନାରୀଟିର ଛବି ଅଂକା ହୋଇଥିଲା ।

ଚମକି ପଡିଲ ତୁମେ - ଏ କଣ ?

ମୁଁ କିଛି କହିଲି ନାହିଁ । ସେ ଘରେ ମୁଁ ତୁମକୁ ନେଇ ଆଂକିଥିବା ମୋର ସେଇ ଶ୍ରେଷ୍ଠ ଛବିଟି ପରେ ଏଇଟି ଥିଲା ମୋର ଖୁବ୍‌ପ୍ରିୟ ।

ମିଶରୀୟମାନେ ବିଶ୍ୱାସ କରନ୍ତି ଯେ ମୃତ୍ୟୁ ପରେ ମଧ୍ୟ ମଣିଷର ଆତ୍ମାଟି ମରେ ନାହିଁ । ତେଣୁ ସେମାନେ ତାକୁ ଗୋଟିଏ କାଠ ବାକ୍ସ ଭିତରେ ଦେହରେ ଏକ ପ୍ରକାର ମସଲା ବୋଳି ସାଇତି ରଖନ୍ତି । ତା' ଚାରିପାଖେ ଥାଏ ଏକ ପଥରର କଫିନ୍ । ସେମାନେ ତାକୁ ଖାଦ୍ୟ, ବସ୍ତ୍ର, ଅଳଂକାର ବି ଦିଅନ୍ତି । ତାଂକର ବିଶ୍ୱାସ ଥାଏ ଯେ ଦିନେ ଶବଟି ଏସବୁକୁ ଗ୍ରହଣ କରିନେବ ।

ମୁଁ ଆଉଥରେ ଚାହିଁଲି ଛବିଟିକୁ । ମୋ ଆଖିରେ ଲୁହ ଭର୍ତ୍ତି ହୋଇ ଯାଇଥିଲା ।

ତୁମେ ହଠାତ୍ କହି ଉଠିଲ - ଇଏ ତ ତୁମରି ଛବି ଅଦିତି !

ତୁମ କଣ୍ଠସ୍ୱର ଖୁବ୍ ବିଷଣ୍ଣ ହୋଇ ଉଠିଥିଲା ।

ମୁଁ ଅଧିକ ବା କ'ଣ କହି ପାରିଥାନ୍ତି ? ହଁ, ଛବିଟି ତ ଠିକ୍ ମୋରି ପରି ଦେଖାଯାଉଥିଲା । ହୁଏତ ତାହା ମୋ ନିଜର ହିଁ ଛବି ଥିଲା ।

ମୁଁ ରାତିର ପୋଷାକଟିକୁ ଚଟାଣ ଉପରୁ ଉଠେଇ ନେଲି । ସେତେବେଳେ ମୋ ହାତଟି ଖୁବ୍ ଜୋରରେ ଥରୁଥିଲା ।

ମୁଁ ବାହାରକୁ ପାଦ ବଢେଇଲି ।

ବାହାରେ ଠିଆ ହୋଇଥିବା ମୋର ଅତିପ୍ରିୟ ପାପିରସ୍ ଗଛଟିକୁ ମୁଁ ପୁଣିଥରେ ଚାହିଁଲି । ଗଛରେ ଖୁନ୍ଦା ହୋଇଥିଲା ଗହଳ ପତ୍ର । ମୁଁ ହାତ ବଢେଇ ଛୁଇଁବାକୁ ଗଲାବେଳେ ମୋର ମନେ ପଡିଲାଯେ କାଠିକଲମଟିକୁ ମୁଁ ଘର ଭିତରେ ହିଁ ଛାଡି ଦେଇ ଆସିଛି ।

ମୁଁ ମୁହୂର୍ତ୍ତେ ଅଟକିଯାଇ ଗଛଟିକୁ ଚାହିଁ ଭାବୁଥିଲି ଏଇ ଗଛଟି ଆଉ ମୋ ଭିତରେ ତଫାତ୍ କଣ ?

ମୁଁ ଧୀରେ ଧୀରେ ମୁଣ୍ଡ ନୁଆଁଇ ବାହାରକୁ ଆସିଲା ବେଳେ ମଧ୍ୟ ତୁମର କୌଣସି ପ୍ରଶ୍ନର ଉତ୍ତର ଦେଇ ପାରି ନଥିଲି ।

ଗଛ କ'ଣ କେବେ କଥା କହିପାରେ ନିତ୍ୟ ?

# ସ୍ୱପ୍ନ ଦେଖିବାର ଦିନ

ଭାସ୍କର ଜେନା

ଅଧୀକ୍ଷକ
ସ୍ୱରାଷ୍ଟ୍ର ବିଭାଗ
ଓଡ଼ିଶା ସଚିବାଳୟ/ଭୁବନେଶ୍ୱର

ଅପ୍ରତ୍ୟାସିତ ଭାବରେ ତନ୍ମୟ ଦେଖାହେଲା ପରେ ସେ ଏକ ପ୍ରକାର ଟାଣି ଟାଣି ତା' ଚେମ୍ବର ଭିତରକୁ ଭିଡି ନେଇଗଲା । ଅନେକ ବର୍ଷର ବ୍ୟବଧାନ ପରେ ଭେଟ । ପିଲା ଦିନର ବଂଧୁ । କଲେଜ ପର୍ଯ୍ୟନ୍ତ ଏକା ସାଥିରେ ପଢୁଥିଲୁ । ତାପରେ ସେ ମେଡିକାଲ କଲେଜରେ ଡାକ୍ତରୀ ପଢିବାପାଇଁ ଭର୍ତ୍ତି ହେଲା । ମୋ ଘରର ଅବସ୍ଥାତ ଭଲ ନଥିଲା, ଡାକ୍ତରୀ, ଇଂଜିନିୟରିଂ ପଢିବାକୁ ଅନେକ ଇଚ୍ଛା ଥିଲେବି ସେଇ କଲେଜରେ ଜେନେରାଲ ଲାଇନ୍‌ରେ ପଢିବାକୁ ବାଧ୍ୟ ହୋଇଥିଲି । ଆଉ ଜେନେରାଲ ଲାଇନ୍‌ରେ କ୍ୟାରିୟର କଲେ ଯାହା ଅବସ୍ଥା ହୁଏ ତାହାହିଁ ହେଲା । ଶେଷରେ ଗୋଟିଏ ବୁଢା କିରାଣୀର ବଂଶଧର ଭାବରେ ନିଜକୁ ସନ୍ତୁଷ୍ଟ ହେବାକୁ ପଡିଲା । ସମସ୍ତ ଇପ୍‌ସିତ ଇଚ୍ଛାମାନେ ମନକୁ ମନ ଝାଉଁଳି ପଡିଥିଲେ ।

ଭଲ ଚାକିରୀଟିଏ ପାଇଁ ଜୀବଦ୍ଦଶା ମଧ୍ୟରେ କମ୍ ଇଣ୍ଟରଭ୍ୟୁ ଦେଇନି । ସବୁଥିରେ ରିଟିନ୍‌ରେ ପାସ୍ କଲେ ମଧ୍ୟ ଭାଇଭାରେ ଫେଲ୍ । ତା'ଛଡା ଲାଂଚ ଦେଇ ନ ପାରିଲେ କଣ ଆମ୍ଭମାନଙ୍କ ଭଳି ଗରୀବ ପିଲାଙ୍କୁ ଆଖି ଦୃଶିଆ ଚାକିରୀ ମିଳିବ ? ଆଗକାଳର କଥାତ ଆଉ ନାହିଁ ? ଦିନ ଥିଲା ଘରୁ ଡାକିନେଇ ଚାକିରି ଦେଉଥିଲେ । ଏବେ ରିତିମତ୍ ସଂଘର୍ଷ କରି ମଧ୍ୟ ସଫଳତା

ପାଇବାର ଆଶା କମ୍ । ସ୍ୱଚ୍ଛତାର ପ୍ରଶ୍ନ କାହିଁ ? ଚାକିରୀ ବାହାରିବା ଆଗରୁ ତାହା ନିଲାମ ସରିଯାଏ । ନାମକୁ ମାତ୍ର ଲୋକଦେଖାଣିଆ ଇଣ୍ଟରଭ୍ୟୁ ହୁଏ । ଚାକିରୀ ମିଳିବ କେଉଁଠୁ ?

ତନ୍ମୟ ତା' ଚେମ୍ବର ଭିତରେ ଚା, ଜଳଖିଆ ବ୍ୟବସ୍ଥା କରି ଗପର ଖିଅ ଲମ୍ବାଇ ଦେଇଥିଲା । ସେ ଭାରି ଗପୁଡି । ଗପର ଖିଅ କେଉଁଠୁ ଆରମ୍ଭ ହୋଇ କେଉଁଠି ଯେ ପହଂଚେ ତାର ଆଦି ଅନ୍ତ ନଥାଏ । ସେଇ ସ୍ୱଳ୍ପ ସମୟ ମଧ୍ୟରେ ଛାତ୍ର ଜୀବନର ଅନେକ ସ୍ମୃତିକଥା ସାମ୍ନାକୁ ଚାଲି ଆସିଥିଲା । ଏବଂ ସେଇ ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟରେ ତନ୍ମୟ କହିବାକୁ ଭୁଲି ନଥିଲା ଯେ-ମୁଁ ତୋ ପ୍ରତ୍ୟେକ ଗଳ୍ପ, ଉପନ୍ୟାସ ସଂପର୍କରେ ଅବଗତ ଅଛି । ତୁ ଜାଣିନୁ ମୁଁ ଗୋଟିଏ ଗ୍ରନ୍ଥକୀଟ । ଯେ କୌଣସି ବହି ପଢିବାପାଇଁ ମୁଁ ଭୋକଶୋଷ ଭୁଲିଯାଏ । ତା'ଛଡା ମୁଁ ଗଳ୍ପ, ଉପନ୍ୟାସର ଗୋଟିଏ ବଡ ସ୍ତାବକ । ଏଇଟା ମୋର ପିଲା ଦିନର ଅଭ୍ୟାସ । ନୂଆ ଉପନ୍ୟାସ ଟିଏ ପାଇଲେ ରାତି ଅନିଦ୍ରା ହୋଇ ପଢିବସେ । ନସରିଲା ପର୍ଯ୍ୟନ୍ତ ମନ ଥୟ ଧରେ ନାହିଁ ।

ତତ୍କ୍ଷଣାତ ଏକ ଖୁସିର ପ୍ରଜାପତି ଡେଣାଛାଟି ଉଡି ଯାଉଥିଲା ମୋ ମନ ଗହନରେ । ମୁଁ ଆନନ୍ଦରେ ବତୁରି ଯାଇଥିଲି । ଲେଖକଟିଏ ତା' ଲେଖାର ବିଦଗ୍ଧ ପାଠକଟି ତା'ହାତ ପାହାନ୍ତାରେ ପାଇଲେ ଖୁସି ହେବା ସ୍ୱାଭାବିକ୍ । ଲେଖକଟିଏ ହେବା ଦ୍ୱାରା ଆଉ କିଛି ମିଳୁ ନ ମିଳୁ ସମଗ୍ର ଓଡିଶାରେ ଏକ ପାଠକୀୟ ସ୍ୱୀକୃତି ମିଳିଥାଏ । ସେତକହିଁ ଲେଖକଟିଏ ପାଇଁ ବଡ ସାର୍ଥକତା କହିଲେ ଅତ୍ୟୁକ୍ତି ହେବନାହିଁ ।

ଦୁହେଁ ଜଳଖିଆତକ ଉଦରସ୍ତ କରି କଡା ଚା'ଟା ଶେଷ କଲାପରେ ଅନେକ ପରିମାଣରେ କ୍ଲାନ୍ତି ଦୂର ହୋଇ ଯାଇଥିଲା । ତନ୍ମୟ ହସି ହସି କହିଥିଲା – ବଂଧୁ, ମୁଁ ସିନା ବହୁତ ପଢାପଢି କରେ ହେଲେ ମୋ ଦ୍ୱାରା ଲେଖା ହେବନି । ଅନେକ ଥର ଚେଷ୍ଟା କରିଛି କିନ୍ତୁ ହେଲାନି । ନହେଲେ ଏ ଡାକ୍ତରୀ ଚାକିରୀ ଜୀବନରେ ଅନେକ ନୂଆ ନୂଆ କାହାଣୀ ସଂପର୍କରେ ଆସିବାକୁ ହୋଇଥାଏ । ନୂଆ ନୂଆ ଚରିତ୍ର ସହିତ ଭେଟିବାକୁ ହୋଇଥାଏ । ତେଣୁ ନୂଆ ନୂଆ କାହାଣୀ ସବୁ ଆପେ ଆପେ ସାମ୍ନାକୁ ଆସିଯାଏ । ହେଲେ ମୁଁ କଣ ସେ କାହାଣୀ ସବୁକୁ ନେଇ କିଛି ଲେଖି ପାରୁଛି ?

ତନ୍ମୟର କଥାକୁ ମୋର ଅସ୍ୱୀକାର କରିବାର ମଧ୍ୟ ଉପାୟ ନଥିଲା । ତାପରେ ସେ ମୋ ସହିତ କଥା ହୋଇ ଯାଉ ଯାଉ ଗୋଟିଏ ନିର୍ଦ୍ଦିଷ୍ଟ ୱାର୍ଡ ପାଖରେ ଅଟକି ଯାଇଥିଲା । ଏବଂ ୱାର୍ଡ ଭିତରକୁ ମୋତେ ଟାଣି ଟାଣି ନେଇ ଯାଇଥିଲା । ସେଠାରେ ମୁଁ ଯାହା ଦେଖିଲି ମୁଁ ପ୍ରଥମେ ବିସ୍ମିତ ନ ହୋଇ ରହିପାରି ନଥିଲି । ରୋଗଣା ଝିଅଟିଏ ବେଡ୍ ଉପରେ ଶୋଇଛି । ଜୀର୍ଣ୍ଣଶିର୍ଣ୍ଣ ଶରୀର । କୋରଡଗତ ଚକ୍ଷୁ । ହାତ ଗୋଡ କାଉଁରିଆ କାଠିପରି ସରୁ ସରୁ । ଦେହରେ ପଳେ ମାଂସ ଠିକ୍ ଢଂଗରେ ନାହିଁ, ସତେ ଯେମିତି ସେ ମାସ ମାସ ହେଲା ଏକାକିନୀ ସେଠାରେ ପଡି ରହିଛି । ଆପଣାର ଲୋକଟିଏ ତା'ପାଖରେ ନାହାନ୍ତି ତା' ସୁଖ, ଦୁଃଖ ବୁଝିବାକୁ । ସମଗ୍ର ଶରୀରରେ ଖାଲି ନିଃଶ୍ୱାସ ଯିବା ଆସିବା କରୁଛି । ଯାହାକୁ ଆମେ ଗାଁ ଗହଳିରେ କତରାଲଗା ବୋଲି କହିଥାଉଁ । ବିଛଣାରେ ଲାଗି ଗଲାଣି, ଆଉ ଉଠିବ ନାହିଁ ।

ଝିଅଟିକୁ ଦେଖି ମନରେ ଦୟାଜାତ ହେଲା । ଆହାଃ ବିଚାରୀ କେଉଁ ମା' କୋଳରୁ ଗେଲବସରର ଅଲିଅଳି ଝିଅଟିଏ ହୋଇ ଜନ୍ମ ହୋଇଥିବ । କେଉଁ ହତଭାଗ୍ୟ ବାପାର ପହିଲି ସନ୍ତାନ ହୋଇଥିବ । ଅବା କେଉଁ ଭାଇର ଆଦରର ଭଉଣୀଟିଏ ହୋଇଥିବ । ଶେଷରେ ଜୀବନର ବିପର୍ଯ୍ୟୟକୁ ସାମ୍ନା ନ କରିପାରି ଏମିତି ଅଣହେଳାରେ ପଡିଛି ।

ତନ୍ମୟ ଦୀର୍ଘଶ୍ୱାସ ନେଇ କହିଥିଲା – ତାର ଇତିହାସ, ଭୂଗୋଳ ମୋତେ କିଛି ଜଣା ନାହିଁ । ତା' ଛଡା ଜାଣିକରି ବା ଲାଭ କଣ ? ତା' ଜୀବନ ଦୀପ ଧୀରେ ଧୀରେ ଲିଭି ଲିଭି ଆସୁଛି । କେଉଁ ମୁହୂର୍ତ୍ତରେ ହୁଏତ ସଂପୂର୍ଣ୍ଣ ଲିଭିଯାଇ ପାରେ । ମୃତ୍ୟୁଭଳି ଚିରନ୍ତନ ସତ୍ୟର ଅପେକ୍ଷାରେ ସେ । ମୁଁ ଜଣେ ଡାକ୍ତର ହିସାବରେ ତାକୁ ଆଶ୍ୱସନା ଦେଇ ଚାଲିଛି । ତୁ ନିଶ୍ଚୟ ଭଲ ହୋଇଯିବୁ । ପୁଣି ପୂର୍ବସ୍ଥିତି ଫେରି ପାଇବୁ । କାରଣ ଏସବୁ କ୍ଷେତ୍ରରେ ଡାକ୍ତରମାନେ ମିଛ ଆଶ୍ୱସନା ଦେବାକୁ ବାଧ୍ୟ ହୋଇ ଥାଆନ୍ତି । ସେମାନେ ଜାଣିଥାନ୍ତି ଏ ଦୂରାରୋଗ୍ୟରେ କେହି ଭଲ ହେବେ ନାହିଁ, ତଥାପି ପେସେଣ୍ଟ ଯେତେଦିନପର୍ଯ୍ୟନ୍ତ ବଂଚିଛି ଅନ୍ତତଃ ଏକ ଆଶା ଆଉ ଆତ୍ମବିଶ୍ୱାସ ନେଇ ବଂଚି ରହିଥାଉ ।

ମୋ ମନ ଭିତରେ ଏକ କୌତୁହଳର ପ୍ରଜାପତି ଫଡ୍ ଫଡ୍ ହୋଇ ଡେଣା ମେଲାଇ ଉଡିବାକୁ ଆରମ୍ଭ କରିଥିଲା । ମୁଁ ଏକ ଅନୁସନ୍ଧିତ୍ସୁ ଆଖି ନେଇ ଝିଅଟିକୁ ଚାହିଁଲି ଏବଂ ତା' ଇତିହାସ ସଂପର୍କରେ ଜାଣିବାକୁ ବ୍ୟଗ୍ର ହୋଇ ଉଠିଥିଲି । ତନ୍ମୟକୁ କହିଥିଲି – ଭାଇ, ତୁ ଅନ୍ୟ ରୋଗୀ ଦେଖେ, ମୋର ଏ ଝିଅଟି ପାଖରେ କାମ ଅଛି । ମୋର ତା' ସଂପର୍କରେ ଅନେକ ଜାଣିବାର ଅଛି ।

ତନ୍ମୟ ମୋର ଏ ପାଗଳାମୀ ଦେଖି ଠୋ, ଠୋ ହୋଇ ହସି ଉଠିଲା । କହିଥିଲା-ସତରେ ତୁମେ ଲେଖକ ଗୁଡାକ ପାଗଳ

। ଆରେ ତୋର ତା' ସଂପର୍କରେ ଜାଣିବା କଣ ଦରକାର ? ସେ ତୋର ଚିହ୍ନା ନୁହେଁ କି ପରିଚିତ ନୁହେଁ । ବଂଧୁ ନୁହେଁ କି ଆତ୍ମୀୟ ସ୍ୱଜନ ନୁହେଁ, ହେଲେ ତା' ସଂପର୍କରେ ଜାଣିବା ପାଇଁ ଏତେ ବ୍ୟାକୁଳ କାହିଁକି ?

ମୁଁ ପୁଣିଥରେ ଝିଅଟିକୁ ଏକ ଆବେଗମୟ ଦୃଷ୍ଟିରେ ଚାହିଁଲି । ଝିଅଟି ଦୁଇଟି ନିରାଶା ଆଉ ଅବସାଦଘେରା ଆଖିରେ ଚାହିଁଛି । ପଲକ ପଡୁନି । ତନ୍ମୟ ଚାଲିଗଲାଣି । ମୁଁ କାଳବିଳମ୍ବ ନକରି ଝିଅଟି ମୁଣ୍ଡ ପାଖରେ ବସିଗଲି । ତା' ଅଲରା ବାଳ ଗୁଡିକୁ ସ୍ନେହରେ ସାଉଁଳେଇ ଦେଇ ତା'ଅତୀତ ଇତିହାସରୁ କିଛି ଅଂଶ ଜାଣିବା ପାଇଁ ବ୍ୟଗ୍ରହୋଇ ଉଠିଲି ।

ଝିଅଟି ନା ରୂପା ।

ତା' ଜାତି, ଗୋତ୍ର, ସଂପର୍କରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ, ତା'ଜନ୍ମ ସଂପର୍କରେ ଯାହା ଜାଣିବାକୁ ପାଇଲି, ମୋର ବିସ୍ମୟ ହେବା ବ୍ୟତିତ ଅନ୍ୟ କିଛି ଉପାୟ ନାହିଁ । ବାବରୀ ମସଜିଦ୍ ଭଂଗା ହେବା ସମୟରେ ସମଗ୍ର ଭାରତ ବର୍ଷରେ ଯେଉଁ ବିରାଟ ଦଂଗା ହୋଇଥିଲା ତାହାକ୍ରମେ ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ହଣା କଟା ହୋଇ ଏକ ଗୃହ ଯୁଦ୍ଧ ସୃଷ୍ଟି ହୋଇଥିଲା । ତାର ଏକ ବିକୃତ ଚିତ୍ର ପାକିସ୍ଥାନ ଓ ବଂଗଳା ଦେଶରେ ଦେଖିବାକୁ ମିଳିଥିଲା । ସବୁଠାରୁ ବିଭତ୍ସ ଚିତ୍ର ଦେଖିବାକୁ ମିଳିଥିଲା ବଂଗଳା ଦେଶରେ । ସେଠାରେ ମୁସଲମାନ କଠୋର ପନ୍ଥୀ ମୌଳବାଦୀମାନେ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ । କେତେ ନୀରିହ ଲୋକମାନଙ୍କର ଜୀବନ ଯାଇଥିଲା ତାର ନିର୍ଦ୍ଦିଷ୍ଟ ହିସାବ କେହି ରଖିପାରି ନଥିଲେ । ବହୁ ଧନ ଜୀବନ ନଷ୍ଟ ହୋଇଥିଲା । ବହୁ ଘର ଦ୍ୱାର, ଧନ ସଂପତି ରେ ନିଆଁ ଲଗାଇ ଜାଳିପୋଡି ଛାରଖାର କରି ଦିଆଯାଇଥିଲା । କେତେ ଝିଅବୋହୁ ଗଣଧର୍ଷିତା ହୋଇଥିଲେ । ମା'ହରାଇ ଥିଲା ଏକମାତ୍ର ପୁଅକୁ । ବାପ ହରାଇଥିଲା ଅଲିଅଳି ଝିଅକୁ ! ଭଉଣୀ ହରାଇଥିଲା ଆଦରର ଭାଇକୁ । କେତେଲୋକ ବାସହରା ହୋଇ ଘରଦ୍ୱାର ବସ୍ତି ଛାଡି ସମୁଦ୍ରେ ସମୁଦ୍ରେ ଭାରତ ବର୍ଷକୁ ପଳାଇ ଆସିଥିଲେ । ଜଳପଥ, ସ୍ଥଳପଥ ଦେଇ ବହୁ ଶରଣାର୍ଥୀ ଧାଡି ଛୁଟିଥିଲେ ।

ସେହି ବିଭତ୍ସ ଦଂଗାରେ ସବୁ ପରିବାର ବର୍ଗକୁ ହରାଇ ଗଣଧର୍ଷିତା ହେଲାପରେ ଚାରୁଲତା ସମୁଦ୍ର ପଥଦେଇ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଅଂଚଳରେ ବାଂଲାଦେଶୀ ରିଫ୍ୟୁଜିମାନଙ୍କ ମଧ୍ୟରେ ନିଜକୁ ଆବିଷ୍କାର କରିଥିଲା । କିଛି ଦିନ ଖୁବ୍ ନିର୍ଭୟ ଭାବରେ ରିଫ୍ୟୁଜି କ୍ୟାଂପରେ ନିଜ ଆତ୍ମିୟ ସ୍ୱଜନ, ସାନଭାଇକୁ ହରାଇବାର ଦୁଃଖକୁ ଭୁଲିବାକୁ ଚେଷ୍ଟା କଲାବେଳେ ସେ ନିଜ ଭିତରେ ଆବିଷ୍କାର କରିଥିଲା-ସେହି ଗତା ଧର୍ଷଣର ପରିଣାମ ସ୍ୱରୂପ ନିଜ ଭିତରେ ବଢି ଚାଲୁଛି ଏକ ନିଷ୍ପାପ କଅଁଳ ଶିଶୁ । ସେ ହାତ ଗୋଡ ଛାଟି ବ୍ୟଗ୍ର ହେଉଛି ପୃଥିବୀର ଆଲୋକ ଦେଖିବାକୁ ।

ମୁଣ୍ଡ ଘୁରେଇ ଦେଇଥିଲା ଚାରୁଲତାର । ଦେହରେ ଭରା ଯୌବନ । ତା'ସାଙ୍ଗକୁ ପେଟରେ ଏ କଳଂକର ପସରା । ସାମ୍ନାରେ ଅସରନ୍ତି ଚଲାପଥ । କଣ ଏବେ ସେ କରିବ ? ଏଠି ନିଜର କେହି ନାହାନ୍ତି । ଚାରି ପାଖରେ ଲୋକମାନଙ୍କ ତା' ରୂପ ଯୌବନ ଉପରେ ନଜର । ଟିକିଏ ନଇଁ ପଡିଲେ ପୁଣି ଏକ ଗଣଧର୍ଷଣର ଶିକାର ହେବ । ଏକା ଏକା ସେ କେତେ ସଂଘର୍ଷ କରିବ ? ଯେତେ ଚେଷ୍ଟା କଲେ ମଧ୍ୟ ସେ ଅଚିହ୍ନା ମଣିଷ, ଅଦେଖା ଜାଗା ନିକଟରେ ଦୁର୍ବଳ ହୋଇ ପଡୁଛି । ଯେତେ ସନ୍ତର୍ପଣରେ ପାଦ ଚାପି ଚାପି ଚାଲିଲେ ବି ଖସିଯିବାର ଭୟ ତାକୁ ପ୍ରତି ମୁହୂର୍ତ୍ତରେ ବିବ୍ରତ କରୁଛି ।

ଦଲାଲମାନେ ସେମାନଙ୍କୁ ଗୋଡେ ଗୋଡେ ଜଗିଥାଆନ୍ତି । ଟିକିଏ ଦୁର୍ବଳ ହୋଇ ପଡିଲେ ମିଠା ମିଠା ମିନାକରା ସ୍ୱପ୍ନ ଦେଖେଇବା ଆରମ୍ଭ କରିଦିଅନ୍ତି । ସେଇ ସ୍ୱପ୍ନର ଇନ୍ଦ୍ରଜାଲ ମଧ୍ୟରେ ଚାରୁଲତା ଫସିଯାଇ ରିଫ୍ୟୁଜି କ୍ୟାଂପରୁ ଚାଲିଆସିଥିଲା ରାଜଧାନୀର ପ୍ରମୁଖ ଦେହ ବ୍ୟବସାୟର ପେଣ୍ଠସ୍ଥଳି ମାଳିସାହିକୁ ଏବଂ ସେଇ ଜୀବନସ୍ୱପ୍ନର ପ୍ରଲୋଭନ ମଧ୍ୟରେ ସେ ଜନ୍ମ ଦେଇଥିଲା ରୂପାକୁ । ରୂପା ଜନ୍ମ ହେବାପରେ ତମଣୀ ମା' ପାଖରେ ବଢିଥିଲା । ରୂପାକୁ ଯୋର ଜବରଦସ୍ତ ଚାରୁଲତାଠାରୁ ଛଡେଇ ନିଆ ଯାଇଥିଲା ।

ଚାରୁଲତା ଦଲାଲମାନଙ୍କ ଚକ୍ରବ୍ୟୁହ ମଧ୍ୟରେ ଛନ୍ଦି ହୋଇ ବିକ୍ରି ହୋଇ ଚାଲିଥିଲା ଗୋଟିଏ ବେଶ୍ୟାଳୟରୁ ଆଉ ଗୋଟିଏ ବେଶ୍ୟାଳୟକୁ । ଗୋଟିଏ ଦଲାଲପାଖରୁ ଆଉ ଗୋଟିଏ ଦଲାଲ ପାଖକୁ । ହିସାବ ଖାତା ଏତେ ଲମ୍ବିଯାଇଥିଲା ଯେ-ତାର ହିସାବ ରଖିବା କାହା ପକ୍ଷରେ ସମ୍ଭବ ନଥିଲା ।

ରୂପା ବଡ ହେଲାମାତ୍ରେ ତମଣୀ ମା' ଧରେଇ ଦେଇଥିଲା ଜରି ବସ୍ତାଟିଏ । ସବୁଦିନେ ପୁଅ ଝିଅ ପଲ୍ଟଣ୍ଟଙ୍କୁ ନେଇ ସେ ରାଜଧାନୀର ମଝିଛକରେ ବସି ବିଭିନ୍ନ ଦିଗକୁ ନିର୍ଦ୍ଦେଶ ଦେଇ ପଠାଇଥାଏ । ସେମାନେ ନର୍ଦ୍ଦମା, ଆବର୍ଜନା, ଆଳି ମାଳିକାରୁ ଜରି, କାଗଜ, ଟିଣ, ପ୍ଲାଷ୍ଟିକ୍ ଗୋଟାନ୍ତି । ସମସ୍ତେ ଫେରି ଆସିଲେ ସେ ବସ୍ତା ଗୁଡିକୁ କବାଡିବାଲା ଦୋକାନକୁ ବୋହି ନିଅନ୍ତି ମିଳିମିଶି । ଯାହା କିଛି ହୁଏ ତା'ସଂସାର ଚଳିଯାଏ ।

ଏଇ ହେଲା ତମଣୀ ମା' ସଂସାର । ଏ ପିଲାମାନେ ତାର କେହି ନିଜର ନୁହଁନ୍ତି । ହେଲେ ସମସ୍ତେ ଖୁବ୍ ଆପଣାର ।

ରୂପା ନ'ଦଶ ବର୍ଷର ହୋଇଥାଏ । ଦିନେ ସେଇ ଝାପ୍‌ସା ଝାପ୍‌ସା ମୁହଁ ଅନ୍ଧାର ମଧ୍ୟରେ ଅଳିଆ ଅବର୍ଜନାରୁ ଜରି ଗୋଟାଇ ଗୋଟାଇ କେତେ ଜଣ ଦଲାଲ ସେଇ ଅଂଧାର ମଧ୍ୟରେ ତାକୁ ଟେକିନେଇ ହାତ ଗୋଡବାନ୍ଧି, ମୁହଁରେ ଲୁଗା ବିଣ୍ଡା ଦେଇ ଅଖାରେ ପୂରେଇ ସେଠାରୁ ଉଠେଇ ନେଇ ଥିଲେ । ସେ ଚିତ୍କାର କରି ଗଁ ଗଁ ହେବାରୁ ଦଲାଲମାନଙ୍କ ମଧ୍ୟରୁ ଜଣେ କଣ ଶୁଙ୍ଘେଇ ଦେଲାଯେ – ସେ ନିସ୍ତେଜ ହୋଇ ପଡିଥିଲା ।

ରୂପାର ଚେତା ଫେରିଲା ପରେ ସେ ନିଜକୁ ଆବିଷ୍କାର କରିଥିଲା ଏକ ନିଷିଦ୍ଧ ଇଲାକାର ନିବୁଜ କୋଠରି ମଧ୍ୟରେ ବନ୍ଦିନୀ ଭାବରେ । ସେ କେବଳ ଏକା ନୁହେଁ, ତା'ବୟସର ଅନେକ ଝିଅ ସେଠାରେ ଅଛନ୍ତି । ସେମାନଙ୍କୁ ସଇତାନ ଦଲାଲମାନେ ମୁନିସପାଲିଟି ବୁଲା କୁକୁରଙ୍କୁ ଧରିଲାପରି ଧରି ଆଣିଛନ୍ତି ବେପାରରେ ଲଗାଇବା ପାଇଁ । ଏଡ୍‌ସ ରୋଗ ବ୍ୟାପିବା ପର ଠାରୁ ଦାମୀ ଦାମୀ ଗରାଖମାନେ ଆଉ ଚାଲୁ ମାଲ ଚାହୁଁ ନାହାନ୍ତି । ସେମାନଙ୍କ ପାଇଁ ନୂଆ ନୂଆ ଝିଅ ଆବଶ୍ୟକ । ତେଣୁ ଦଲାଲମାନେ ନୂଆ ଫର୍ମୁଲା ବାହାର କରି ବେପାର ଚଳାଇଛନ୍ତି ।

ତାପରେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା । ମାଡ, ଗାଳି, ସିଗାରେଟ୍ ଚେଙ୍କ ଠାରୁ ଆରମ୍ଭ କରି ପାଶବିକ ଅତ୍ୟାଚାର ପର୍ଯ୍ୟନ୍ତ ।

ପ୍ରତ୍ୟେକ ଦିନ ଜଣେ ଡାକ୍ତର ଆସୁଥିଲେ । ସବୁ ଝିଅମାନଙ୍କୁ ଜୋର ଜବରଦସ୍ତ ଇଂଜେକ୍‌ସନ୍ ପରେ ଇଂଜେକ୍‌ସନ୍ ଦେଇ ଚାଲିଥିଲେ । ସେ କି ଇଂଜେକ୍‌ସନ୍ ଦେଉଥିଲେ କାହିଁକି ଇଂଜେକ୍‌ସନ୍ ଦେଉଥିଲେ ତାହା ସେମାନଙ୍କ ପକ୍ଷରେ ଜାଣିବାର ଉପାୟନଥିଲା । କିନ୍ତୁ କିଛି ସପ୍ତାହ ପରେ ସେମାନଙ୍କ ଦେହରେ ଅଦ୍ଭୁତ ପରିବର୍ତ୍ତନ ଦେଖା ଦେଇଥିଲା । ସେମାନେ ଜଣେ ଜଣେ ପ୍ରାପ୍ତ ବୟସ୍କ ସୁନ୍ଦରୀ ତରୁଣୀରେ ରୂପାନ୍ତରୀତ ହୋଇଯାଇଥିଲେ । ଦଶ ବାର ବର୍ଷର ଝିଅମାନେ କୋଡିଏ-ଏକୋଇଶି ବର୍ଷର ପୂର୍ଣ୍ଣ ଯୌବନା ଝିଅମାନଙ୍କ ପରି ଦିଶୁଥିଲେ ।

ଅତ୍ୟାଚାର ଶେଷ ନଥିଲା ।

ଦଲାଲମାନଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ଦିନ ତରୁଣୀମାନେ ବିଭିନ୍ନ ଗରାଖମାନଙ୍କ ପାଖକୁ ଯାଉଥିଲେ । ଦଲାଲଙ୍କ ଗୁଣ୍ଡାମାନଙ୍କ ତୀକ୍ଷ୍ଣ ନଜରରୁ ଖସିବାର ମଧ୍ୟ ଉପାୟ ନଥିଲା । ସେମାନେ ତାଙ୍କର କୋଠ--ସଂପତି ହୋଇ ସାରିଥିଲେ । ସେମାନଙ୍କ ଉପରେ ଯାହା ଅତ୍ୟାଚାର ହେବ ସେମାନେ ସହିବାକୁ ଏକ ରକମ ବାଧ୍ୟ । ବେକରେ ଗୁଣ୍ଡାଙ୍କ ଭୁଜାଲି ଚୋଟର ଭୟ । ସେମାନଙ୍କ ସାତ ଖୁନ୍ ମାଫ୍ । ସେମାନେ ଯାହା ଚାହିଁବେ କରି ପାରିବେ । କାରଣ ତାଙ୍କ କବ୍‌ଜାରେ ରାଜନେତା, ମନ୍ତ୍ରୀ, ଏମ୍.ଏଲ୍.ଏ.ଙ୍କଠାରୁ ଆରମ୍ଭକରି ଆଇନ୍ ତିଆରି କରୁଥିବା ଭାଗ୍ୟବିଧାତାମାନେ ମଧ୍ୟ ସାମିଲ୍ ଅଛନ୍ତି । ଦେହରେ ଅଫୁରନ୍ତ ଯୌବନ ଅତୁଟଥିବା ପର୍ଯ୍ୟନ୍ତ ଭଲ ରୋଜଗାର ହେବ, ତାପରେ ସେମାନେ ଅନ୍ୟ କାମରେ ଲାଗିବେ ।

ମୁଁ ତଟସ୍ଥ ହୋଇ ରୂପାକୁ ଚାହିଁଥିଲି ।

ରୂପା ନିର୍ବିକାର ଚିତ୍ତରେ କହିଚାଲିଥିଲା ତା' ଜୀବନ କାହାଣୀ । ଆଖି କୋଣରୁ ଧାର ଧାର ଲୁହ ନିଗିଡି ପଡୁଥିଲା । ସେ ଅନେକ ଆବେଗରେ ଉଛୁଳିପଡି କହିଥିଲା – ସେଇ ଘୋର ଜବରଦସ୍ତ ହରମନ ଇଂଜେକ୍‌ସନ୍ ଦିଆ ଯୌବନ କିଛି ଦିନପରେ ଫିକା ପଡିବା ସଂଗେ ସଂଗେ ବିଭିନ୍ନ ଦୂରା ରୋଗ୍ୟ ରୋଗ ମାଡି ବସିବାରେ ଲାଗିଥିଲା । ସବୁଦିନ ବିଭିନ୍ନ ଲୋକ ମାନଙ୍କର ଅତ୍ୟାଚାର ସହି ସହି ସେ ପଥର ଖଣ୍ଡେ ଯାଇଥିଲା ।

ତଥାପି ନିସ୍ତାର ମିଳିଲାନି ବାବୁ ! ଫିକା ଫିକା ଯୌବନର ମହକ ଗରାଖମାନଙ୍କୁ ଆକୃଷ୍ଟ କରି ପାରିଲାନି ବୋଲି ମୋତେ କିଡନୀ ରାକେଟ୍‌ଙ୍କ ହାତକୁ ବିକ୍ରୀକରି ଦିଆଗଲା, ସେମାନେ ମୋ ଦେହରୁ କିଡନୀଟିଏ କାଢି ନେଇ ରାସ୍ତାକଡରେ ଫୋପାଡି ଦେଇଗଲେ । ମୁଁ ଜାଣେ ବାବୁ, ମୋର ଗୋଟିଏ କିଡନୀ ନାହିଁ । ଆଉ ଗୋଟିଏ ଡିଫେକ୍ଟ । କେଉଁ ମୁହୂର୍ତ୍ତରେ ସେ କିଡନୀ ଫେଲ କରିଯିବ ? ମୁଁ ଏ ସଂସାରର ମୋହ ତ୍ୟାଗକରି ଚାଲିଯିବି । ମୋ ଅଭିଶପ୍ତ ଜୀବନର ପୂର୍ଣ୍ଣଚ୍ଛେଦ ଘଟିବ । ତା ଛଡା ମୁଁ ଏବେ ଏଡ୍‌ସ୍ ଆକ୍ରାନ୍ତ ।

ଆଖି ଦୁଇଟା ମୋର ଲୁହ ଛଳ ଛଳ ହୋଇ ଉଠିଥିଲା । ମୁଁ ଆଉ ନିଜକୁ ନିଜ ଭିତରେ ଆୟତ୍ତ କରିପାରୁ ନଥିଲି । ଅନନ୍ୟ ଉପାୟ ହୋଇ ତା' ଆଖି ଦୁଇଟିରୁ ଲୁହ ପୋଛି ଦେଇ କିଛି ସାନ୍ତ୍ୱନା ଦେବାକୁ ଚାହିଁଲେବି ବାଷ୍ପାକୁଳ କୋହକୁ ଚାପିଧରି ମୁହୂର୍ତ୍ତେ ଶୂନ୍ୟକୁ ଚାହିଁଥିଲି ।

ରୂପା ସ୍ନେହର ପରଶ ପାଇଁ ଅଭିମାନରେ ଫୁଲି ଉଠି କହିଥିଲା – ମୁଁ କେଉଁ ଅଶୁଭ ତିଥିରେ ଜନ୍ମ ହୋଇଥିଲି ବାବୁ, ଯେଉଁ କୂଳରେ ପାଦ ଦେଉଛି ସେ କୂଳ ଧସି ଯାଉଛି । ଯେଉଁ ଡାଳକୁ ଆଶ୍ରା କରିଛି, ସେଡାଳ ଭାଂଗି ଯାଉଛି । ବାପା କିଏ ଜାଣି ନାହିଁ କି ମା' କେଉଁଠି ଅଛି ତାହା ମଧ୍ୟ ଜାଣିନାହିଁ । ଜନ୍ମ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦିନେ କେହି ଶ୍ରଦ୍ଧାରେ ହାତଟିଏ ବଢେଇ ଦେଇ ବଂଚିବାର ସୁନେଲି ସ୍ୱପ୍ନ ଦେଖାଇ ନାହାନ୍ତି ।

ବରଂ ଛଳନାର ମିଛ ସପନ ଦେଖାଇ ବାରମ୍ବାର ଗଣ ଧର୍ଷଣ କରିଛନ୍ତି । ଶାଗୁଣା ପଲ ପରି ଏ ଦେହଟାକୁ ଝୁଣି ଝୁଣି ଖାଇଛନ୍ତି । କେହି କାକୁତି ମିନତୀ ଶୁଣି ନାହାନ୍ତି ।

ସବୁକଥା ନୀରବରେ ଶୁଣୁଥିଲି । ଖାଲି ଶୁଣିବା ବ୍ୟତିତ ମୋର ବା ଉପାୟ କଣ ଥିଲା । ମୋ ଭଳି ଛୋଟିଆ ଲୋକଟିଏ ଆଶ୍ୱାସନା ଦେବା ବ୍ୟତିତ ଆଉ କଣ କରିପାରି ଥାଆନ୍ତା ? ତନ୍ମୟ ଆସିବା ପର୍ଯ୍ୟନ୍ତ ନୀରବରେ ଠିଆ ହୋଇଥିଲି । ଏବଂ ତନ୍ମୟ ଆସିଲା ପରେ ତା' ରୁମ୍‌କୁ ଯାଇ ସବିଶେଷ ଆଲୋଚନା କରିଥିଲି – ଅନ୍ତତଃ ରୂପା ଯେତେଦିନ ବଂଚିବ କିଛି ଆଶା ଆଉ ସ୍ୱପ୍ନ ନେଇ ବଂଚୁ । ତେଣୁ ମୁଁ ପ୍ରତିଶ୍ରୁତି ଦେଇଥିଲି ସବୁ ଦିନ ରୂପା ପାଖକୁ ଆସିବି ଏବଂ ତାକୁ କିଛି ସ୍ନେହ ଦେଇ ବଂଚିବାର ସ୍ୱପ୍ନ ଦେଖାଇବି ।

ଏକ ମେଳହେଲେ ବିଶ୍ୱଭବନରେ
ଅସାଧ୍ୟ ହୁଏ ସହଜ,
ସୂକ୍ଷ୍ମ ଶଣ ସୂତ୍ର ମେଳହେଲେ ଦେଖ
ବନ୍ଧ ହୁଏ ମତ୍ତଗଜ ।

**କବିବର ରାଧାନାଥ ରାୟ**

# ଜେଜେଙ୍କ କୋଥଳି

ଗୌରୀ ଶଙ୍କର ମହାପାତ୍ର

ଯେଉଁଦିନ ଆମେ ପୁରୁଣା ଘରୁ ନୂଆ ଘରକୁ ଆସିଲୁ, ସେଦିନ ଛୋଟ ବଡ,ନୂଆ ପୁରୁଣା ସବୁ ଜିନିଷ ବୁହା ଚାଲିଥିଲା ନୂଆ ଘରକୁ । ବାପା ଠିଆ ହୋଇ କେଉଁ ଜିନିଷ ନୂଆ ଘରକୁ ଯିବ, କେଉଁ ଜିନିଷ ପୁରୁଣା ଘରେ ରହିବ, ପୁଣି ନୂଆ ଘରେ କେଉଁ ଜିନିଷ କେଉଁଠି ରହିବ ସବୁ ନିର୍ଦ୍ଦେଶ ଦେଉଥାନ୍ତି । ଯେଉଁ ଜିନିଷ ନୂଆ ଘରପାଇଁ ଉପଯୁକ୍ତ ନୁହେଁ, ତାକୁ ଫୋପାଡି ଦେବାପାଇଁ ମଧ୍ୟ ନିର୍ଦ୍ଦେଶ ଦେଉଥାନ୍ତି । ମୁଁ ବି ଲାଗିଥାଏ କାମରେ। ଛୋଟ ଛୋଟ ଜିନିଷ ବୋହିବାରେ ମୁଁ ବି ସାହାଯ୍ୟ କରୁ ଥାଏ ମୂଲିଆମାନଙ୍କୁ। ଏମିତି ଅନେକ ଛୋଟ ବଡ,ନୂଆ ପୁରୁଣା ଜିନିଷ ଯାହାସହ ମୁଁ ପ୍ରାୟ ଦୀର୍ଘ ପନ୍ଦର ବର୍ଷ ହେବ ପରିଚିତ ନଥିଲି (ହୁଏତ ଘର ଛାଡି ହଷ୍ଟେଲରେ ରହି ପାଠ ପଢିବାଠାରୁ ସେସବୁ ଜିନିଷ ସଂସ୍ପର୍ଶରେ ଆସି ନଥିଲି), ସବୁ ଆଖିରେ ପଡୁଥାଏ।ଅନେକ ପୁରୁଣା ସ୍ମୃତି ମଧ୍ୟ ମନେ ପଡୁଥାଏ। ତା ଭିତରେ ଥାଏ ମୋ ଜେଜେମାର ବେତ ପେଡି, ପାନ କୁଟା ବାଡି,ଘିଅ କଳସୀ.....ଏମିତି ଅନେକ କିଛି, ଯାହା ସବୁ ଜେଜେମା ଚାଲିଗଲାପରେ ଅବ୍ୟହାର୍ଯ୍ୟ ହୋଇ ପଡିବାରୁ ଅଳନ୍ଧୁ ଲାଗି ବିବର୍ଣ୍ଣ ହୋଇ ଗଲାଣି ।

ଏମିତି ଅନେକ କିଛି ଜିନିଷ ଭିତରୁ ଯାହା ମୋ ପାଇଁ ଥିଲା ଅତ୍ୟନ୍ତ କୌତୁହଳୀ ଓ ଗୁରୁତ୍ୱପୂର୍ଣ୍ଣ, ତାହା ଥିଲା ଜେଜେଙ୍କ କୋଥଳି । ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲାବେଳେ ଜେଜେଙ୍କ ଆମକୁ ଛାଡି ଚାଲିଗଲେ ଆରପାରିକୁ । ତା' ପରଠାରୁ ତାଙ୍କ କୋଥଳି ମୁଁ ଦେଖି ନଥିଲି । ହୁଏତ କୋଥଳିର ଗୁରୁତ୍ୱ ସେତେବେଳେ ମୁଁ ବୁଝି ନ ଥିଲି ବା ଧରିନେଇଥିଲି ଜେଜେଙ୍କ ସାଙ୍ଗରେ ତାଙ୍କ ବଙ୍କୁଲି ବାଡି, ପାନ ବଟୁଆ ଭଳି ତାଙ୍କ କୋଥଳି ମଧ୍ୟ ସମାଧିସ୍ଥ ହୋଇଯାଇଛି ।

ଧୂଳି ମଇଳାରେ ମସିଆ ହୋଇଯାଇଥିବା ନାଲି କପଡାରେ ଗୁଡା ହୋଇଥିବା ଗୋଟେ ଚନ୍ଦନ ପେଡି,ଛୋଟ ଆଇନା, ଗୋଟେ ଚନ୍ଦନ ଚର୍ଚ୍ଚିତ ଶାଳଗ୍ରାମ ଶିଳା ଓ ଛୋଟ ଶ୍ରୀମଦ ଭାଗବତ ଗୀତାଏ ଥିଲା ଜେଜେଙ୍କ କୋଥଳି । ଦୀର୍ଘ ପନ୍ଦର ବର୍ଷ ଭିତରେ ବଦଳି ଯାଇଥିଲା ଅନେକ କିଛି । ତା' ଭିତରେ ମୁଁ ବି ଭୁଲି ଯାଇଥିଲି କୋଥଲିଟିକୁ। କେବେ ବି ମନେ ପକେଇବାକୁ ଚେଷ୍ଟା କରିନି ଏ ଭିତରେ; ଯଦିଓ ଏ କୋଥଳି ଅନେକ କିଛି ଗୁରୁତ୍ୱ ରଖେ ମୋ ଜୀବନରେ ।

ଜେଜେ ସବୁଦିନ ସକାଳୁ ଗାଧୋଇ ଆସି ଆରଂଭ କରିବେ ତାଙ୍କ କୋଥଲି ପୂଜା।ପ୍ରଥମେ ବାହାର କରିବେ ସେ ଶୋଉଥିବା ଖଟର ମୁଣ୍ଡ ପାଖରେ ମୋ ଅପହଂଚରେ କାଂଥରେ ତିଆରି ହୋଇ ଥିବା ଏକ ଅକରୁ ନାଲି କନାରେ ଗୁଡା ହୋଇଥିବା ଗୋଟେ ପୁଟୁଳି । ସେଇ ଦାଂଡ ଘରେ ବସିଯିବେ ଚକାପାରି । ତା' ପରେ ସେଥିରୁ ବାହାର କରିବେ ଚଂଦନ ପେଡି । କଳା ମଚ ମଚ ଗୋଲ ପଥର, ଯାହା ଶ୍ୱେତ ଚଂଦନରେ ଚିତ୍ର ବିଚିତ୍ର ହୋଇଥିବ । ପ୍ରଥମେ ତଂବା ଢାଳରେ ଆଣିଥିବା ପାଣିରେ ବସି ଚଂଦନ ଘୋରିବେ । ତା' ପରେ ପଥରଟିକୁ ଧୋଇ ନିଜ ଗାମୁଛାରେ ପୋଛିବେ ଓ ଚିତ୍ରିତ କରିବେ ଚଂଦନରେ।ଛୋଟ ଆଇନା ଦେଖି ନିଜ କପାଳ, ଛାତି, ବାହୁ ଆଦିରେ ଟାଣିବେ ଚଂଦନ ଗାର । ତା' ପରେ ବାହାର କରିବେ ଶ୍ରୀମଦ୍ ଭାଗବତ ଗୀତା ଓ ବଡ ପାଟିରେ "ଓଁ ନମୋ ଭଗବତେ ବାସୁଦେବାୟ" ରୁ ଆରଂଭ କରିବେ ଗୀତା ପାଠ ।

ଛୋଟ ପିଲା ବଡପାଟିରେ ପଣକିଆ ଘୋସିଲା ପରି ଜେଜେ ଦାଂଡ ଘରେ ଖୁବ ବଡ ପାଟିରେ ପଢୁଥିବେ ଗୀତା । ଦାଂଡ ଘରେ ବସି ମୁଁ ପଢୁଥିବି ଗଣିତ ବା ଇଂରାଜୀ । ଯଦିଓ ଜେଜେଙ୍କ ଗୀତାର ଶ୍ଳୋକ ଓ ମୋ ଗଣିତ ବା ଇଂରାଜୀର କୌଣସି ସାମଂଜସ୍ୟ ନ ଥାଏ, ମୁଁ ଖୁବ ଶୁଣେ ମନଧ୍ୟାନ ଦେଇ ମନଧ୍ୟାନଦେଇ ଗୀତାର ଶ୍ଳୋକ ଶୁଣିବାର ଅନ୍ୟ ଏକ କାରଣ ହେଲା, ଜେଜେଙ୍କ ପାଟିରେ ମୁଁ ମୋ ନିଜ ପାଠରେ ରଖି ପାରେନ ଏକାଗ୍ରତା । ମନେ ମନେ ଖୁବ ବିରକ୍ତ ହେଉଥାଏ ମୁଁ ଯେ – ଜେଜେ କେଉଁ ସ୍କୁଲରେ ପରୀକ୍ଷା ଦେବେ କି ? ପଣକିଆ ଘୋଷିଲା ପରି ଏତେ ଜୋରରେ ପାଟି କରିବା କଣ ଦରକାର କେଜାଣି ? ତଥାପି କିଛି ବି କହି ପାରେନି ଜେଜେଙ୍କୁ ।

ସବୁ ସରିବା ପରେ ଜେଜେ ବାନ୍ଧି ବୁନ୍ଧି ରଖି ଦେବେ ତାଙ୍କ କୋଥଳିକୁ ଯଥା ସ୍ଥାନରେ ଓ ପାଣି ଢାଳ ଧରି ଆସିବେ ବାହାରକୁ । ଢାଳକ ଯାକ ପାଣି ଅଜାଡି ଦେବେ ତଉରା ମୂଳରେ ଓ ପୁଣି ଦାଂଡ ଘରକୁ ଫେରୁ ଫେରୁ ପଚାରି ଦେବେ ମୋତେ କେତେଟା ଗଣିତର ସୂତ୍ର ବା ମିଶାଣ, ଫେଡାଣ ବା ଏମିତି କିଛି……ଯାହା ତାଙ୍କ ମୁଂଡରେ ପଶିଲା । କିଛି ପ୍ରଶ୍ନର ଉତ୍ତର ଦିଏ ଡରି ଡରି । ଆଉ ଉତ୍ତର ଦେଇ ନ ପାରିଲେ ଆରଂଭ ହୋଇଯାଏ ଗାଳି,"ଶଳାଟା ମୂର୍ଖ ହୋଇ ଯିବ । ପାଠ ଶାଠର ନାଁ ଗନ୍ଧ ନାହିଁ । ଦିନ ରାତି ଖାଲି ଖେଳ ଆଉ ଖେଳ ।" ଏମିତି ଗାଳି ଦେଇ ଦେଇ ପଶି ଯିବେ ଦାଂଡ ଘର ଭିତରକୁ ଓ ବସି ପଡିବେ ତାଙ୍କ ଖଟ ଉପରେ । ମା' ଦେଇ ଯିବ ତାଙ୍କ ସକାଳ ଜଳଖିଆ ଓ ଚା' । ଜେଜେ ଚା' ଜଳଖିଆ ଖାଉ ଖାଉ ପୁଣି ଦି ଚାରି ପଦ ଗାଳି ଦେବେ ମୋତେ ଲକ୍ଷ୍ୟ କରି । ଜେଜେ ଯଦିଓ ଜାଣି ଥିଲେ ମୁଁ ଖୁବ ଭଲ ପଢେ, ତଥାପି ମୁଁ ବୁଝି ପାରେନି ତାଙ୍କ ଗାଳିର ଅର୍ଥ । ଜେଜେଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରିବାର ମୂଳ କାରଣ ହେଲା–ମୁଁ ସଂପୂର୍ଣ ଭାବରେ ପାଠରେ ମନସ୍କ ହୋଇ ପାରି ନ ଥାଏ ବା ଜେଜେଙ୍କ ପ୍ରଶ୍ନଟିକୁ ପୁରା ଶୁଣିବା ପାଇଁ ମୁଁ ପ୍ରସ୍ତୁତ ହୋଇ ନ ଥାଏ । ପ୍ରଶ୍ନଟିକୁ ଆଉ ଥରେ କହିବା ପାଇଁ ଜେଜେଙ୍କୁ କହିବା ବି ଥିଲା ମୋ କ୍ଷମତା ବାହାରେ । କାରଣ ଜେଜେ ଥିଲେ କ୍ରୋଧରେ ଦୁର୍ବାଶାଙ୍କ ଦ୍ୱିତୀୟ ଅବତାର । ସବୁଠୁ ଭୟଙ୍କର ଥିଲା ତାଙ୍କ ହାତରେ ଥିବା ହଳଦୀ ଗରଗର ବେତର ବଙ୍କୁଲି ବାଡି ।

ସେଦିନ ଥାଏ ରବିବାର । ସକାଳୁ ଗାଧୋଇ ସାରି ବା ପରେ ଜେଜେ ଆରଂଭ କଲେ ତାଙ୍କ କୋଥଳି ପୂଜାର ନାଟକ । ମୁଁ ଦାଂଡ ପିଣ୍ଡାରୁ ଡିଆଁଟାଏ ମାରି ଆସି ବସି ପଡିଲି ଜେଜେଙ୍କ ସାମ୍ନାରେ । ଜେଜେ ମୋତେ ଚାହିଁଲେ ଥରେ ଓ ଚନ୍ଦନ ଘୋରିବାରେ ବ୍ୟସ୍ତ ରହିଲେ । ମୋର କିନ୍ତୁ ଆଖି ରହିଥିଲା ସେ ଗୋଲ କଳା ପଥର ଉପରେ ।ଉଦ୍ଦେଶ୍ୟ ଥିଲା ସେ କଳା ପଥରକୁ ନେଇ ଆସି ଖେଳିବା । ସ୍କୁଲରେ ମୋର ଯେତେ ସାଂଗ ଥିଲେ

ସମସ୍ତଙ୍କ ପାଖରେ ଆଲି ଥିଲା, ହେଲେ ମୋ ପାଖରେ ଆଲି ନ ଥିଲା । ସେ ଗୋଲ ପଥରଟା ଗୋଟେ ଭଲ ଆଲି ଭାବେ ଖେଳାଯାଇ ପାରିବ ବୋଲି ମୁଁ ଭାବୁଥିଲି ।

ଜେଜେଙ୍କୁ ବହୁତ ସାହସ ସଂଚୟ କରି ପଚାରିଲି- ''ଜେଜେ ସେ କଳା ପଥରଟା କଣ ?"

ଜେଜେ କହିଲେ,"ସେଟା ପଥର ନୁହେଁ, ଶାଳଗ୍ରାମ ଶିଳା ।ବିଷ୍ଣୁଙ୍କ ଅବତାର ।" ଶାଳଗ୍ରାମ, ବିଷ୍ଣୁ, ଅବତାର- ଏସବୁ ଶବ୍ଦ ଯଦିଓ ମୋ ପାଇଁ ନୂଆ ନ ଥିଲା, ତଥାପି ମୋ ପାଇଁ ଥିଲା ଖୁବ ଦୁର୍ବୋଧ୍ୟ ।

-"ମୋତେ ଏ ପଥରଟା ଦିଅନ୍ତନି?"

-"କଣ କରିବୁ?" ଜେଜେ ପଚାରିଲେ ।

-" ମୋ ପାଖରେ ଆଲି ନାହିଁ, ହେଲେ ଆଉ ସମସ୍ତଙ୍କ ପାଖରେ ଅଛି। ତୁମରତ ଏଟା କିଛି ଦରକାରରେ ଆସୁନି, ମୋତେ ଦେଇ ଦିଅ, ମୁଁ ନେଇ ଆଲି ଖେଳିବି ।"

ଏତେ ବେଳକୁ ଜେଜେଙ୍କ ତଥାକଥିତ ଶାଳଗ୍ରାମ, ବିଷ୍ଣୁଙ୍କ ଅବତାର ପଥର ମୋ ଆଖିରେ ଏକ ଗୋଲକଳା ପଥର ଥିଲା ମୋ ହାତ ମୁଠାରେ ।

ଜେଜେଙ୍କ ହାତ ଠପ୍ କିନା ବନ୍ଦ ହୋଇଗଲା ଚନ୍ଦନ ପେଡି ଉପରେ ଓ ତାଙ୍କ ବାଁ ହାତରେ ଥିଲା ମୋ କାନ ଓ ଡାହାଣ ହାତରେ ବଙ୍କୁଲି ବାଡି । ତା ପରେ ଆରଂଭ ହୋଇଗଲା ଜେଜେଙ୍କ ଗର୍ଜନ," ଶଳା ମୂର୍ଖ, ତୁ ଠାକୁରଙ୍କୁ ନେଇ ଆଲି ଖେଳିବୁ ? ନର୍କଗାମୀ ହେବୁ । ତୁ ଶଳା ଠାକୁରଙ୍କ ଅଭିଶାପରେ ଗୋଟେ ଗଣ୍ଡ ମୂର୍ଖ ପାଲଟି ଯିବୁ ।"

ଜେଜେଙ୍କ ପାଟିରେ ମା', ଜେଜେମା' ଧାଇଁ ଆସିଲେ ଦାଂଡ ଘରକୁ । କୌଣସି ମତେ ଜେଜେମା ମୋତେ ଜେଜେଙ୍କ ହାତରୁ ମୁକୁଳେଇ ନେଲା । ମୁଁ ଡରରେ କଳା କାଠ ପଡିଯାଇ ଥାଏ ସେତେବେଳକୁ ।ମୋତେ ଲାଗୁଥାଏ ମୁଁ ପାଲଟି ଯାଇଛି ଗୋଟେ ହରିଣ କି ଠେକୁଆ ଛୁଆଟେ ଓ ପଡି ଯାଇଛି ଗୋଟେ ମହାବଳ ବାଘର ପଞ୍ଝାରେ। ଯାହାଠୁ ବଂଚିବା ଆଶା କରିବା ହିଁ ବୃଥା । ଜେଜେଙ୍କ ଗାଳି ତଥାପି ବନ୍ଦ ହୋଇ ନ ଥାଏ-''ମୋ ଠାକୁରଙ୍କୁ ଅଛୁଆଁ କଲୁ । ସପ୍ତ ତୀର୍ଥ ଜଳରେ ଠାକୁରଙ୍କୁ ସ୍ନାନ କରିସାରିବା ପରେ ମୁଁ ଯାଇ ଠାକୁରଙ୍କୁ ପୂଜା କରିବି । ଏ ପାଷାଂଡଟା ଯୋଗୁ ମୋର ସବୁ ତପସ୍ୟା ନଷ୍ଟ ହେଲା ।"...ଏମିତି...ଏମିତି ।

ସେତେବେଳେ ଜେଜେଙ୍କ କୋଥଳି ଥିଲା ମୋ ପାଇଁ ଗୋଟେ କୁହୁକପେଡି ଭଳି ରହସ୍ୟମୟ ଓ କୌତୁହଳପ୍ରଦ । ଯଦିଓ ଆମ ଠାକୁର ଘରେ ଶିବ , ଦୁର୍ଗା, ଗଣେଶ ଆଦିଙ୍କ ମୂର୍ତ୍ତି ବା ଫଟୋ ପୂଜା ପାଉଥିଲେ, ତଥାପି ମୁଁ କେବେ ଦେଖିନି ଜେଜେ ଯାଇ ଠାକୁର ଘରେ ବସି ଠାକୁରଙ୍କୁ ପୂଜା କରିବାର । କେବେ ବି ପଚାରିନି ସେ ଠାକୁର ଘରେ ଠାକୁରଙ୍କୁ ପୂଜା ନ କରି, ଦାଂଡ ଘରେ ବସି କୋଥଳି ପୂଜା କରୁଛନ୍ତି କାହିଁକି ? କାରଣ ସେ ବୟସରେ ଗୀତା ଶାଳଗ୍ରାମର ଅର୍ଥ ବୁଝିବା ଥିଲା ମୋ ସାମର୍ଥ୍ୟର ବାହାରେ । ସେଦିନର ସେଇ ଘଟଣା ପରେ ମୋର ଆଉ ଆଗ୍ରହ ହୋଇନି କେବେ ଜେଜେଙ୍କ ସେଇ ନାଲି କନା ଗୁଡା ରହସ୍ୟମୟ କୁହୁକପେଡି ବା କୋଥଳି ପ୍ରତି- ହୁଏତ ଭୟରେ କିଂବା ଘୃଣାରେ ।

ତା' ପରେ ମୋର ଯେବେ ଚତୁର୍ଥ ଶ୍ରେଣୀ, ଜେଜେ ମୋତେ ରାମାୟଣ, ମହାଭାରତରୁ ଛୋଟ ଛୋଟ ବପ କହି ମୋର ଆଗ୍ରହ ଜନ୍ମେଇଲେ ରାମାୟଣ, ମହାଭାରତ ପ୍ରତି । ତା' ପରେ ଧୀରେ ଧୀରେ ମୋର ଜେଜେଙ୍କ ପ୍ରତି ଥିବା ଡର କମିବାରେ ଲାଗିଲା ଓ ମୁଁ ତାଙ୍କ ପ୍ରତି ଘନିଷ୍ଠ ହେବାରେ ଲାଗିଲି । ଏହାପରେ ମୁଁ ଆବିଷ୍କାର କଲି ତାଙ୍କ ଭିତରେ ଥିବା ଜଣେ ଉଦାର, ନୀତିବାନ ମଣିଷକୁ ।

ମୋର ଯେତେବେଳେ ପଞ୍ଚମ ଶ୍ରେଣୀ, ସେତେବେଳେ ଜେଜେ ମୋତେ ସବୁଦିନ ସଂଜବେଳେ ଅଭ୍ୟାସ କରେଇଲେ ଗୀତାପାଠ । ମହାଭାରତ, ରାମାୟଣ, ଭାଗବତ ଓ ଚାଣକ୍ୟଙ୍କ ନୀତିବାଣୀ ଶିଖେଇଲେ । ବାପା ମା' ଚାହୁଁ ନ ଥିଲେ ଏତେ ଛୋଟ ବେଳୁ ମୋ ନିଜ ପାଠ ପଢା ଛାଡି ଏ ସବୁ ଗୀତା, ଭାଗବତ ପଢିବାକୁ । ମା କେବେ ଅଭିଯୋଗ କଲେ, ଜେଜେ ଶାନ୍ତ କଣ୍ଠରେ ବୁଝେଇ ଦେଉ ଥିଲେ," ସ୍କୁଲରେ ଆଜିକାଲି ଯେଉଁ ପାଠ ପଢା ହେଉଚି, ସେଥିରେ ଜଣେ ଭଲ ନଂବର ରଖି ପାଶ କରିବ । ଭବିଷ୍ୟତରେ ଭଲ ଚାକିରି ଖଂଡେ କରିବ ଓ ଗୁଡାଏ ଟଙ୍କା ରୋଜଗାର କରି ଅୟସରେ ଜୀବନ ବିତେଇବ । ହେଲେ ପ୍ରକୃତ ଜୀବନର ମୂଲ୍ୟବୋଧ ବିଷୟରେ ଅଜ୍ଞ ରହିଯିବ । ଗୀତାରେ ଅଛି ଜୀବନର ସାରମର୍ମ । ଚାଣକ୍ୟଙ୍କ ନୀତିବାଣୀରେ ଅଛି ଜୀବନର ବଂଧୁର ପଥରେ ଭୁଲ/ଠିକ୍ ବିଚାର କରି ଚାଲିବାର ପ୍ରେରଣା । ମହାଭାରତ/ରାମାୟଣରେ ଅଛି ଜୀବନର ଘାତ ପ୍ରତିଘାତକୁ ସାମ୍ନା କରିବାର ସାହସ ଆଉ ଧୈର୍ଯ୍ୟ । ଭାଗବତରେ ଅଛି ନୈତିକତା ଶିକ୍ଷା କରିବାର ଜ୍ଞାନ । ମୁଁ ଜେବେ ତାର ଅମଂଗଳ ଚାହୁଁନି।ସେ ପାଠ ବି ଭଲ ପଢୁଚି । ସେ ନିଷ୍ଚେ

ଦିନେ ବଡ ମଣିଷ ହେବ ଓ ତା ସଂଗେ ସଂଗେ ଭଲ ମଣିଷ ବି ହେବ ।"

ତା ପରେ ମା ଚୁପ ହୋଇ ଯାଏ।ମୋର ଆରଂଭ ହୁଏ ବିଧିବଦ୍ଧ ଭାବେ ଗୀତା, ଭାଗବତ ଶିକ୍ଷା । ପ୍ରତିଦିନ ସଂଜ ବେଳେ ଘଣ୍ଟାଏ ଲେଖାଏଁ ଜେଜେ ମୋତେ ପଢାନ୍ତି ଏସବୁ ।ଶିଖାନ୍ତି ସଂସ୍କୃତର ଶ୍ଳୋକ ।

ଜେଜେଙ୍କ ଠାରୁ ଆହୁରି କିଛି ଶିଖିବାର ଥିଲା ।ହେଲେ ସେତେବେଳକୁ ସେ ଆମକୁ ଛାଡି ଚାଲିଗଲେ ଆରପାରିକୁ ।ମୁଁ ବି ଘର ଛାଡି ଚାଲି ଆସିଲି ହଷ୍ଟେଲରେ ରହି ପଢିବା ପାଇଁ ।ତେବେ ଜେଜେଙ୍କ ଠାରୁ ଶିଖିଥିବା କିଛି ଶ୍ଳୋକ-" ନୈନଂ ଛିନ୍ଦନ୍ତି ଶାସ୍ତ୍ରାଣି,ନୈନଂ ଦହନ୍ତି ପାବକ '' କିଂବା "ପ୍ରଥମେ ନାର୍ଜତଂ ବିଦ୍ୟା, ଦ୍ୱିତୀୟେ ନାର୍ଜତଂ ଧନ, ତୃତୀୟେ ନାର୍ଜତଂ ପୁଣ୍ୟ, ଚତୁର୍ଥେ କିଂ କରିସ୍ୟତି " ଆଦି ମୋତେ ଶିଖେଇଚି ଜୀବନର ମୂଲ୍ୟବୋଧ ଓ ଜଣେ ଭଲ ମଣିଷ ହେବାର ପ୍ରେରଣା ।

କଳା ପଡି ଯାଇ ଥିବା ନାଲି କନାର ପୁଟୁଳିଟିକୁ ଧରି ମୁଁ ପଶି ଯାଇଥିଲି ଆମ ନୂଆ ଘରେ, ମୋ ପାଇଁ ଉଦ୍ଦିଷ୍ଟ କୋଠରୀକୁ ଓ ରଖି ଦେଇ ଥିଲି ମୋ ବହି ଥାକର ସବା ଉପର ଥାକରେ, ସେମିତି ଏକ ଅପହଂଚ ଉଚ୍ଚତାରେ ।

ଅନିତ୍ୟ ସଂସାରେ ସକଳ ଅନିତ୍ୟ
ଯଥା ବିଜୁଳି ଆଲୋକ,
ଏହା ଜାଣିଶୁଣି କି-ପାଇ ହୃଦୟେ
ପୋଷୁଅଛ ବୃଥାଶୋକ ।
ସାଧୁ ଆତ୍ମା ସିନା ସାଧୁ ଆତ୍ମା ସଙ୍ଗେ
ମିସିଯାଏ ଅବିକଳ
ସାର ସୁବର୍ଣ୍ଣରେ ମିଶି ପାରଇ କି
କୃତ୍ରିମ ବେଙ୍ଗିପିତ୍ତଳ ।

**ଚିନ୍ତାମଣି ମହାନ୍ତି**



# କଇଁ

ରଜଂନ ସାହୁ

ଏଲ୍·ପି· – ୮୬, ଷ୍ଟେଜ୍-୧,
ଲକ୍ଷ୍ମୀସାଗର କଲୋନୀ, ଭୁବନେଶ୍ୱର-୬

ନିଟୋଳ ଚକ୍ଷୁ, ଆୟତ ଚିବୁକ, ପ୍ରଶସ୍ତ ଭ୍ରୂଲତା, ସାନ, ଇଷତ୍ ପୃଥୁଳ ନାସିକା, କୁଂଚିତ କେଶ । ଏସବୁକୁ ଏକତ୍ରିତ କରିଦେଲେ ଯେଉଁ କଅଁଳ ବୟସୀ ପଦ୍ମ କୋରକ ରଂଗର ନିରୀହା ଝିଅଟି ପ୍ରତିୟମାନ ହୁଏ ତା'ନାଁ-କଇଁ । ସତେକି କଇଁ ପାଖୁଡା ପରି ନରମ ମୁଲାଏମ୍ ତା ବୁକୁ ତଳର ହୃଦୟଟା । କଥା କଥାରେ ନାକ ସକେଇଦିଏ । ବଡ ବଡ ଆଖିରେ ଚାହିଁଲେ ନିର୍ବୋଧଙ୍କ ପରି କିଂକର୍ତ୍ତବ୍ୟବିମୂଢ଼ ହୋଇ ଏଣିକି ତେଣିକି ଚାହେଁ । ତାର ନିର୍ବୁଦ୍ଧିଆ ଆଖିକୁ ଚାହିଁଲେ ଅନେକ ବର୍ଷ ତଳର ସବିତା କଥା ମନେପଡେ ।

ସବିତାଟା ଥିଲା ଏମିତି ବୋକୀ । କିଛି କଥା ଚଞ୍ଚଳ ବୁଝିପାରେ ନାହିଁ ବୋଲି ତ ମୁଁ ତା ନାକକୁ ଜୋର୍‌ରେ ଝୁକେଂଇ ଦେଇ କହେ; "ଆଲୋ ହୁଣ୍ଡୀ, ତୋ ମୁଣ୍ଡରେ ଗୁଣ୍ଡି । ଗୁଣ୍ଡିକୁ ନେଇ ପାନରେ ପକା । ପାନକୁ ନେଇ ବରକୁ ଦେଖା ।" ସେ ମୋ କଥାରେ ବିରକ୍ତ ହୋଇ କହେ, "ଯାଃ- ଗୋପ ଭାଇ ତମେ ଭାରି... ... । ଏମିତି କହିଲେନା ମୁଁ ତମକୁ ବାହା ହେବିନି ।" ବାହାହେବା କଥାକୁ ମୁଁ କ'ଣ ବୁଝେ କେଜାଣି – ସେ ମୋତେ ବାହା ହେବାକୁ ମନାକଲେ ମୁଁ ଶଙ୍କିଂଯାଏ,ଡରିଯାଏ । ଆପେ

ଆପେ ଆତଙ୍କିତ ହୋଇଯାଏ ଯେମିତି ସେ ମୋତେ ବାହା ନ ହେଲେ ମୁଁ ଏ ସଂସାରରେ ରହି ପାରିବି ନାହିଁ । ଆଉ ସେ ବାହା ହେବା ଅର୍ଥ କ'ଣ ବୁଝେ କେଜାଣି ମୋତେ ଖାଲି ଡରାଏ ।

ତା'ର ଏତାଦୃଶ ତାଗିଦ୍ ଶୁଣି ମୁଁ କାନମୋଡି ହୁଏ, ଭୁଲ ମାଗେ, ଆଉ କହିବି ନାହିଁ ବୋଲି ପ୍ରତିଶ୍ରୁତି ଦିଏ ।

ଦିନେ ଦିନେ ସେ ମୋତେ ଏତେ ରଗାଏ ଯେ ମୋ ସାଂଗରେ ଖେଳେନି । ମୋ ପାଖକୁ ଆସେନି । ମୋତେ ଦେଖେଇ ଦେଖେଇ ଜଗାଖାଇ ଫଙ୍କରେ ପହଁରା କାଠି ଖେଞ୍ଚି ରଥ କରେ । ରଥ ଚୂଳରେ ନାଲିଆ କାଗଜର ପତାକା କରେ । କିନ୍ତୁ ତାକୁ ପତାକା ଠିକ୍ କରି ଆସେନା । ତିନିକୋଣିଆ ଚିରିବା ବଦଳରେ କାଗଜକୁ ଆବୁଡା ଖାବୁଡା ବେଢଙ୍ଗିଆ କରି ଲଗାଏ । ମୁଁ କିନ୍ତୁ ପତାକା କରିବାରେ ଧୁରନ୍ଧର । ଦୂରରୁ ଥାଇ ଏକଲୟରେ ତା' ପତାକାକୁ ଚାହେଁ । ମୁରୁକି ହସିଦିଏ । ସେ କଣେଇ କଣେଇ ଚାହୁଁଥାଏ । ଦୌଡିଯାଇ ତା' ପତାକାକୁ ଠିକ୍ କରିଦେବି ବୋଲି ମୋ ତରଫରୁ ପ୍ରାରମ୍ଭିକ ସୂଚନା ଦିଏ, ଏଇ ଯେମିତି ହାତ ହଲେଇ, ମୁହଁ ନଚେଇ ନଚେଡ୍ ହ୍ୟୁସିଲ ମାରି ମାରି । ସେ କିନ୍ତୁ ଆଦୌ ଭ୍ରୁକ୍ଷେପ କରେନି କି ମୋତେ ଡାକେନି । ମୁଁ ନିରାଶ ହୋଇ ବସିପଡେ । କାନ ଥାଏ ମାତ୍ର ଚାରି ଆଡେ । କେତେବେଳେ ଟିକେ ଡାକନ୍ତା କି, ମୁଁ ଦୌଡିଯାଇ ବାହାଦୁରି ଦେଖାଇ ପତାକା ଲଗେଇ ଦିଅନ୍ତି ତା ଜଗାଖାଇ ଫଙ୍କର ଖଡିକା ଖେଞ୍ଚା ରଥରେ । ସେ ମୋତେ ନ ଡାକି ପତାକା ଲଗାଉ ଲଗାଉ ଜୋରରେ ରଥର ଚୂଡା ଦାବି ହୋଇଯାଏ । ରଥ ଭାଙ୍ଗିଯାଏ । ସେ ନାକ ଫୁଲେଇ ଦିଏ । ମୁଁ ବଡ ପାଟିରେ କହେ; "ଆଲୋ ହୁଣ୍ଡୀ, ତୋ ମୁଣ୍ଡରେ ଗୁଣ୍ଡି·····।" ସେ ମୋ କଥା ଶୁଣି ଗୋଡ କଚାଡି କଚାଡି ପଳେଇଯାଏ ।

ପରଦିନ ମୁଁ ସୁନ୍ଦର ରଥଟିଏ ତା'ପାଇଁ କରି ତାକୁ ଖୁସି କରାଇଦିଏ । ସେ ହସି କହେ-ଗୋପଭାଇ, ତମେ କାହିଁକି ମୋ ପାଇଁ ରଥ କଲ ? ମୁଁ ବା ତମକୁ ମୋ ସାଂଗରେ ଖେଳେଇ ନ ଥିଲି । ମୁଁ ହସି ହସି ତା'ଗାଲକୁ ଚିପିଦିଏ । ତାକୁ ରହି ରହି ଉଲସିତ ଗଳାରେ କହେ- ତୋ ରଥ ଭାଂଗିଗଲା ବୋଲି କାଲି ରାତିରେ ମୋତେ ନିଦ ହେଲାନି । ସେଇଥିପାଇଁ ମୁଁ ସେଇଟା କରି ଆଣିଲି । ସେ ଈଷତ୍ ବଙ୍କେଇ ହସି କହେ, "ନା-ନା ଏକଥା ସତ ନୁହେଁ । ମୁଁ ଜାଣେ ଯେ····।'

କ'ଣ ଜାଣୁ ?

ସେ ହାତରେ ତାଳି ମାରି ମାରି ତେଇଁ ତେଇଁ କହେ- ମୁଁ ଜାଣେ ତମେ କାହିଁକି ମୋ ପାଇଁ ରଥ କରୁଛ ।

କ'ଣ କହୁନୁ ? ଏତେ ଫୁଲେଇ କାହିଁକି ହେଉଚୁ ?

ତମେ ମୋତେ ବାହା ହେବ ବୋଲି ମୋ ଲାଗି ରଥ କରି ଦେଲ ।

ମୁଁ ସାମାନ୍ୟ ଲାଜେଇ ଯାଏ । ତା' ପାଖରେ ଧରାପଡି ଯାଇଥିବାରୁ ଦୌଡି ପଳାଏ ।

ବଡ ହୋଇଗଲା ପରେ ସବିତା ଆଉ ଏତେ ବାହାଘର କଥାଟା ଉଚ୍ଚାରଣ କରେନି, ଯେବେ ବି ମୁଁ ସହରରୁ ଅବ୍ୟାହତି ପାଇ ଘରକୁ ଆସେ, ସବିତା କେଉଁ ବାହାନାରେ ମୋ ପାଖରେ ପହଁଚି ଯାଏ । ପାଖରେ ସଂଶ୍ଳିଷ୍ଟ ହୋଇ ସ୍ୱସ୍ତିରେ ନିଃଶ୍ୱାସ ମାରେ । ତା'ପରେ ଚମକିଲା ପରି କହେ, "ଇଲୋ, ମୋ ବୋଉ ଖୋଜୁଥିବ ! ମୁଁ ଯାଉଛି ।"

"ଏଇ ଆସିଲୁକି ନାହିଁ, ପଳେଇ ଯାଉଚୁ । ରହ ଟିକେ ।" ମୁଁ ନୈରାଶ୍ୟ ସ୍ୱରରେ କହେ । ସେ ପୁଣି ବସିପଡେ । ସ୍ମିତ ସ୍ୱରରେ କହେ, "ମୁଁ ଆଉ ଏକୁଟିଆ ରହିପାରୁନି ଗୋପଭାଇ । ତମେ କାହିଁ କେଉଁ ବନସ୍ତରେ ରହୁଚ, ଆଉ···।

ମୁଁ ତାକୁ ଚିଡାଇବା ପାଇଁ କହେ, "କାନ୍ତ ଗଲେ ବନସ୍ତକୁ ମୃଗ ଆଣି, ରାଇ ଭାଳୁଛନ୍ତି ବିପଦ ସୁମରି ।" ସେ ଚିଡିଉଠି କହେ - ଏତେଟିଏ ହେଲଣି ବୁଦ୍ଧିଶୁଦ୍ଧି ହେଲାନି । ସବୁବେଳେ ନକଲିଆ କଥା ।

ମୁଁ ଆକସ୍ମିକ ନିର୍ବାକ, ନିର୍ବୋଧ, ମୂଢ ହୋଇଯାଏ ସବିତାର ବୁଦ୍ଧିଶୁଦ୍ଧି କଥା ଶୁଣି । ହୁଣ୍ଡିଗୁଣ୍ଡି ଭାବି ଯାହାକୁ ଏଯାବତ୍ ଥଟ୍ଟା ପରିହାସ କରେ, ସେ କେବେଠୁ ଏତେ ସମଝଦାର ହେଲାଣି ! ତା'ଅଲରା କୁଞ୍ଚିତ କେଶକୁ ଟେକିଦିଇ ଗେଲହା କରିଦିଏ । ସାନ୍ତ୍ୱନାଦେଇ କହେ-ବନସ୍ତରେ ନୁହେଁ ଲୋ ମୁଁ ବଡ ସହରରେ ରହୁଛି । ତୁ ଯିବୁ ମୋ ସାଂଗରେ ?

କେମିତି ଯିବି ? କିଏ ଦେଖି ନେବ ଯଦି ?

କାହିଁ ବାହା ହୋଇ ।

କେବେ ମୋ ସେ ଦିନ ଆସିବ, ତମରି କୋଳରେ ମୋର ଜୀବ ଯିବ ।

ଚୋପ୍, ସେମିତି କହନା । ତୋ ଜୀବ ଗଲେ ମୋ ଜୀବ ରହିବଟି ?

ସତରେ ଗୋପଭାଇ, ତମେ ମୋତେ ବହୁତ ଭଲ ପାଉଛ ନା ? ଏତକ କହି ସେ ଭୀଷଣ ଲାଜେଇଗଲା । ମୁହଁକୁ କୂର୍ମ ପରି ଚାପିଦେଲା ଦୁଇ ଆଣ୍ଠୁ ସନ୍ଧିରେ । ଏହି ପ୍ରଥମଥର ସେ ଭଲପାଇବା କଥାପଦକ ଉଚ୍ଚାରଣ କରିଛି ତା' ଗୋପଭାଇ ପାଖରେ । ସବୁ କହିଛି ହେଲେ କେବେବି କହିନାହିଁ; ମୁଁ ତମକୁ

ବହୁତ ଭଲ ପାଉଛି ଗୋପଭାଇ । ତମେ ମୋତେ କେତେ ଭଲପାଅ ? ଜ୍ଞାନ ପଶିବା ଠାରୁ ସେ ଏତିକି ବୁଝେ ଗୋପଭାଇ ତା'ର ଏକାନ୍ତ ନିଜର । ଯିଏ ନିଜର, ଆପଣାର, ତା ପାଖରେ ଭଲପାଇବାର ମୂଲ୍ୟାୟନ କରିବା କି ପ୍ରୟୋଜନ ! 'ପାର' ତ କେବେ ଦେବଦାସକୁ ପଚାରିନଥିଲା ଭଲ ପାଇବାର ମାତ୍ରା କେତେ । ବିଲ୍ୱମଂଗଳ ତ କେବେ ଚିନ୍ତାମଣିକୁ ପ୍ରଶ୍ନ କରିନଥିଲା, ସେ ଭଲ ପାଉଛିକି ନାହିଁ । ସେମିତି ଚିରନ୍ତନ ପ୍ରେମଥିଲା, ଉପଗୁପ୍ତ-ବାସବଦତ୍ତା ମଧ୍ୟରେ, କେଦାର-ଗୌରୀ ମଧ୍ୟରେ । ଯେଉଁଠି ପ୍ରେମକୁ ପ୍ରଶ୍ନର ନିକିତି ବଦଳରେ ହୃଦୟର ମାପକାଠିରେ ଦର୍ଶେଇ ହୁଏ, ସେଠି "ଭଲ ପାଉଛ ?" ଭଳି ପ୍ରଶ୍ନ ପଚାରି ଅବିଶ୍ୱସନୀୟତାର ଚାରା ବୁଣାଯିବ ବା କାହିଁକି ?

ସ୍ରଷ୍ଟା ଯେତିକି ବିଚିତ୍ର, ତା'ର ସୃଷ୍ଟି ସେତିକି ବୈଚିତ୍ର୍ୟମୟ । ସଂସାରରେ ପ୍ରତ୍ୟେକ ଭିନ୍ନ ଭିନ୍ନ ରଂଗନେଇ ଜନ୍ମିଛନ୍ତି । ଅପରିସୀମ ଭିନ୍ନତା ମଧ୍ୟରେ ବେଳେବେଳେ ଦୁଇଜଣଙ୍କ ମଧ୍ୟରେ କିଛିଟା ସାମଞ୍ଜସ୍ୟ ଥାଏ । ଯେମିତି ସାମଞ୍ଜସ୍ୟ ଥିଲା ସବିତା ଓ କଇଁ ମଧ୍ୟରେ । କଇଁକୁ ଦେଖିଲେ ସବିତାର ପ୍ରତିବିମ୍ବ ନୟନରେ ଉଦ୍ଭାସିତ ହୁଏ, ତତ୍‌ସଂଗେ ସଂଗେ ଗାଁର କ୍ଷୁଦ୍ରାତିକ୍ଷୁଦ୍ର ମାନଚିତ୍ର ବି ଝଲସି ଉଠେ । କେଉଁଠି ସେ ବିଶାଳାକୃତି ଜଡାଖାଇ ଗଛ, କେଉଁଠି କିଆବୁଦା, କେଉଁଠି ବିସ୍ତୀର୍ଣ୍ଣ ଆମ୍ବତୋଟା, ପୁଣି କେଉଁଠି ଅଚିର ପ୍ଲାବିନୀ ଶୁଷ୍କ ସର୍ପିଳ ଜୋର । ସେ ସବୁ ଅତୀତ । ବର୍ତ୍ତମାନ ପିଠି ଉପରେ ଅତୀତଟା ଅତି କରୁଣ ଓ ମର୍ମସ୍ପର୍ଶୀ ହୋଇଯାଇଛି ।

ଫରେଷ୍ଟ ଡିପାର୍ଟମେଣ୍ଟର ପଦସ୍ଥ ଅଫିସର ଭାବେ ମୋର ଏକଦା ସମ୍ବଲପୁରରେ କାଜୁ ବନାନୀରେ କିଛି କାର୍ଯ୍ୟସୂଚୀ ଥିଲା । ଏଣୁ ସେଠାରେ ଡାକବଂଗଳାରେ ଦୁଇଦିନ ରହିଲି । ଏହି ରହଣିକାଳ ମଧ୍ୟରେ କଇଁକୁ ପାଇଲି ଗୋଟିଏ କାଜୁଗଛ ମୂଳେ କାଜୁ ଝଡାଉଥିବା ଅବସ୍ଥାରେ । ମୁଁ ତା ପାଖକୁ ଯାଇ ପାଟିକଲି, "ହେ ପିଲା, କାଜୁ ଝଡେଇବାକୁ ତୋତେ କିଏ କହିଲା ?" ମୋର ଗମ୍ଭୀର କଣ୍ଠ ଶୁଣି ସେ ତତ୍‌କ୍ଷଣାତ୍ ବୁଲିପଡିଲା । ମୁଁ ବିସ୍ମୟାଭିଭୂତ ହୋଇପଡିଲି ତାକୁ ଦେଖି । ଆଶ୍ଚର୍ଯ୍ୟ ! ଇୟେ କ'ଣ ସବିତା ! ସେହି ପିଲାଦିନର ନିଷ୍କପଟ, ନିରୀହ ନିର୍ବୋଧ ଚାହାଣି ! ସେହି ଅବର୍ଣ୍ଣନୀୟ ଅଭିଯୋଗହୀନ ଚିବୁକ । କୁଂଚିତ କେଶ ମଧ୍ୟରେ କ୍ଷୁଦ୍ର ସୁନ୍ଥା, ପରିପୁଷ୍ଟ ଗଣ୍ଡ ଦେଶରେ କଂପିତ ଭଉଁରୀ, କାନରେ ସୁନାର ରିଂଗ୍, କପାଳରେ ନୀଳ ଟିକିଲି । ମୁଁ ପାଖକୁ ଯାଉ ଯାଉ ସେ ନାକ ସକେଇ କାଢିଲା । ମୁଁ ଦୂରରୁ ଥାଇ ପଚାରିଲି – ତୋ ନାଁ କ'ଣ ? ସେ ଉତ୍ତର ନଦେଇ ଭୀତତ୍ରସ୍ତ ମୁଖ କରି ଧାଇଁ ପଳାଇଲା । ତା'ର ଏ ନିର୍ବୋଧ ଅଭିବ୍ୟକ୍ତି ମୋତେ କାହିଁକି ଅନେକ ଆକୁଳିତ କଲା । ଯେ ନିର୍ବୋଧ ଝିଅଗୁଡାକ ପାଇଁ ମୋ ବୁକୁର କେଉଁ ଏକ ଅଜଣା ପ୍ରଦେଶରେ ଦୁର୍ବଳତା ଆସ୍ଥାନ ଜମେଇ ଦେଇଥିଲା ଅନେକ ବର୍ଷରୁ । ତାହା ପୁଣି କଇଁକୁ ଦେଖିବା ପରେ ଅତ୍ୟନ୍ତ ପ୍ରଗଳ୍‌ଭ ହୋଇଉଠିଲା ।

କଇଁ ଧାଇଁ ଯାଇ ସୂର୍ଯ୍ୟ ଫରେଷ୍ଟଗାର୍ଡ ଘରେ ପଶିଗଲା ।

ସବିତା କଣ ବଂଚିଛି ? ୟେ କ'ଣ ସବିତାର ଝିଅ ? ନା ସବିତା ପୁନର୍ଜନ୍ମ ପାଇଛି ? ସବିତା ବଂଚିଥିଲେ ତା'ର ବୟସ ଚାଳିଶି ସେପଟରେ ପହଂଚନ୍ତାଣି । ସୁଦକ୍ଷ ଗୃହୀଣିଭାବେ କଟୀରେ ଶାଢୀର ପଣତ ଗୁଡେଇ ହସି ହସି, ମହୁମାଛି ପରି ଗୁଣ୍ ଗୁଣ୍ ହୋଇ କେତେ ଘରକାମ କରିଯାଆନ୍ତା । ମଝିରେ ମଝିରେ ବିରକ୍ତ ହୋଇ କହନ୍ତା- ମନଇଛା ତୁମେ ଏଣେ ତେଣେ ବୁଲୁଛ ଆଉ ମୁଁ ଏ ଚାରି କାନ୍ଥ ମଝିରେ ତମରି ସଂସାର ଚଳେଇ ଚଳେଇ ବୁଢୀ ହୋଇଗଲି । ଟିକେ କେବେ କଣ୍ଠରେ ସରସ୍ୱତୀ ବିଜେ ହୁଅନ୍ତେନି ପଦେ କହିବାକୁ ; ଚାଲ ଆଜି କେଉଁ ତୀର୍ଥସ୍ଥାନ ବୁଲି ଆସିବା । ସବିତା ଏମିତି ଅଭିମାନ କଲେ ତାକୁ ନୂଆ ନୂଆ ଉପହାର ଦେଇ ଭଣ୍ଡେଇ ଦେଇ ହୁଅନ୍ତା । ସାମାନ୍ୟ ଆଶ୍ୱସନାର ବାଣୀ ଶୁଣିଲେ ଆଉ ଅଭିମାନ କରନ୍ତାନି । ନିତ୍ୟନୈମିତ୍ତିକ ସ୍ୱଗୃହ କର୍ମରେ ମନୋନିବେଶ କରି ଦିଅନ୍ତା । ହେଲେ ସେ'ତ ନାହିଁ ।

ଅନେକ ଦିନ ତଳେ ଏମିତି ଏକ ଉଜାଣି ମନ ନେଇ ସହରରୁ ଗାଁକୁ ଯାଇ ଶୁଣିଲି ଯେ ସବିତା ନିରୁଦ୍ଦିଷ୍ଟା । ଆଶ୍ଚର୍ଯ୍ୟ ! ସବିତାକୁ କିଏ ହରଣଚାଲ କରି ନେଲା ? ନିକଟସ୍ଥ ଅର୍ଦ୍ଧସହରୀ ଅଂଚଳକୁ କେତେ ଜଣଙ୍କ ସାଂଗରେ ମେଳା ଦେଖି ଯାଇଥିଲା । ସମସ୍ତେ ଫେରିଲେ, ହେଲେ ସବିତା ଫେରି ନଥିଲା । କେଉଁ ଆଡେ ଗଲା । କେଉଁ ଦୁର୍ବୃତ୍ତ ତାକୁ ଦୂରେଇ ନେଲା ତା'ର ନିଜ ଦୁଃଖ ସୁଖର ନିରାଡମ୍ବର ନିରାଳମ୍ବ ଅମାୟିକ ପରିବାରଠାରୁ ?

ତା'ର ବିଚ୍ଛେଦରେ ମୁଁ ସେ ଜଡାଖାଇ ଗଛମୂଳେ ଏକୁଟିଆ ପ୍ରଚଣ୍ଡ ମଧ୍ୟାନରେ ବସେ । ଜଡାଖାଇ ଫଳ ଆଣି ରଥ କରେ । ସେଥିରେ ସୁନ୍ଦର ସୁନ୍ଦର ପତାକା ଲଗାଇ ଅନ୍ୟମନସ୍କ ହୋଇପଡେ । ସେ ଥିଲେ କହନ୍ତା, "କେତେ ସୁନ୍ଦର ହୋଇଛି ଏ ରଥଟା ଗୋପଭାଇ ।"

"ତୋତେ ଏଥିରେ ବସେଇକରି ଆମ ଘରକୁ ନେବି ବୋଲି କରିଛି ଲୋ ।" ମୁଁ ଚପଳ କଣ୍ଠରେ କହନ୍ତି ।

ମୋ କଥା ଶୁଣି ସେ ଆନମନା ହୋଇ ସୁଦୀର୍ଘ ବିଶାଳ

ଗଛର ଚୂଡ଼ାକୁ ଚାହାଁନ୍ତା । ଦୀର୍ଘନିଃଶ୍ୱାସ ଟାଣନ୍ତା ଉଡନ୍ତା ଭଦ୍‌ଭଦଳିଆ ପକ୍ଷୀକୁ ଚାହିଁ । ତା'ର ଦୀର୍ଘ ନିଃଶ୍ୱାସ ସତେ ଯେମିତି ଅନୁନୟ ସ୍ୱରରେ କହି ହୁଅନ୍ତା - ସତେ ମୋର ଏ ଭାଗ୍ୟ ହେବ, ତମରି ଚରଣେ ମୋର ପ୍ରାଣ ଯିବ ।

ମୁଁ ଉଦ୍‌ବିଗ୍ନ ହୋଇଗଲି ସବିତାର ସ୍ମୃତିରେ । ନିଜର ପଦ ପଦବୀ, ସାମାଜିକ ପ୍ରତିଷ୍ଠା, ଅଧସ୍ତନମାନଙ୍କ ସମୀପରେ ବୈଶିଷ୍ଟ୍ୟ ପାସୋରି ସୂର୍ଯ୍ୟ ଫରେଷ୍ଟଗାର୍ଡକୁ ଡକେଇ ପଠେଇଲି । ସେ ସଂଗେ ସଂଗେ ମୋ ସମ୍ମୁଖରେ ଉପଗତ ହୋଇ ଅନୁଗତ ଭାବେ ନମସ୍କାର କଲା । ମୁଁ ବିନା ଉପକ୍ରମଣିକାରେ ପଚାରିଲି, "ଆରେ ସୂର୍ଯ୍ୟ ! ତୋ ଘରକୁ ସେ ଯେଉଁ ଛୋଟ ଝିଅଟା ଗଲା ସେ କିଏ ?" ସେ ଆକସ୍ମିକ ଚମକି ପଡିଲା । ଏଭଳି ପ୍ରଶ୍ନ ସେ କେବେ ପ୍ରତ୍ୟାଶା କରି ନଥିଲା । ଦୟନୀୟ ଭାବେ ଆଖିର ମୁଦ୍ରାକୁ ସ୍ମିତ କରି ସମ୍ବଲପୁରୀ ଭାଷାରେ କହିଲା, "ସେ ଟୁକେଲର ମୁଇଁ ବୁଆ ।"

ସୂର୍ଯ୍ୟ ବିଗତଯୌବନା ଫରେଷ୍ଟଗାର୍ଡ । ଏପର୍ଯ୍ୟନ୍ତ ଅଭିଆଡା ବୋଲି ଶୁଣିଥିଲି । ତେଣୁ ସନ୍ଦି' ହୋଇ ପଚାରିଲି, "ସେ ତୋର ଝିଅ ?"

ସେ ଶଂକିଗଲା, ଥମ୍ ଥମ୍ ହୋଇ କ୍ଷଣକପରେ କହିଲା, "ହଜୁର, ହଁ ।"

"ଆଉ ତୋର ସ୍ତ୍ରୀ ?"

"ସେ ପରଭୁର ଠାନେ ଅଛି ।" ଶୂନ୍ୟ ଉଦାସ ଆକାଶକୁ ହାତ ଉଠେଇ ସୂର୍ଯ୍ୟ ସ୍ତ୍ରୀର ମୃତ୍ୟୁ ହୋଇଛି ବୋଲି ଜଣେଇଲା ।

ସୂର୍ଯ୍ୟକୁ ବିଦାୟ ଦେଇ ନିଶ୍ଚିନ୍ତ ମନରେ ମୁଁ ରହି ପାରିଲି ନାହିଁ । ସୂର୍ଯ୍ୟ ମୋ ପାଖରେ ଯେମିତି କେବଳ ମିଛ ହିଁ କହୁଛି । ଏମିତି ହୃଦ୍‌ବୋଧ ହେଲା । ସଂଧ୍ୟା ହେଲା, ରାତ୍ରିର ଗଭୀରତା କାୟା ବିସ୍ତାରିଲା । ନିଦ୍ରାଦେବୀ ପ୍ରତ୍ୟେକଙ୍କୁ ଶାୟିତ କରିନେଲେ । ଅଥଚ ମୋ ଆଖିକୁ ନିଦ ଆସିନଥାଏ । ବଂଗଳାରୁ ନିଃସୃତ ହୋଇ ମୁଁ ସୂର୍ଯ୍ୟ କ୍ୱାର୍ଟର ଆଡକୁ ଆଗେଇଲି । ତା ପିଣ୍ଡାରେ ଶୋଇଥିବା ରୋଗଣା, ରୁମଛଡା ମାଇ କୁତ୍ତୀଟା ସନ୍ଦେହ ଦୃଷ୍ଟିରେ ନିରୀକ୍ଷଣ କଲା । ମୁହୂର୍ତ୍ତେ ପରେ ଉଠି ଆସି ମୋ ଗୋଡକୁ ଶୁଂଘିଗଲା । କୌଣସି ସୁରାକ ନ ପାଇ ପୂର୍ବୋକ୍ତ ସ୍ଥାନକୁ ଫେରି ଶୋଇ ପଡିଲା ନିଃସଂକୋଚରେ ।

ମୁଁ କବାଟ ଠକ୍ ଠକ୍ କଲି । ସୂର୍ଯ୍ୟ ତନ୍ଦ୍ରାଛନ୍ନ ଆଖିରେ କବାଟ ଖୋଲି ମୋତେ ଚାହିଁଲା । ଭୟରେ ବରଫ ହୋଇ ଆସୁଥିଲା ତା'ର ଧମନୀର ଶୋଣିତ । ସୂର୍ଯ୍ୟ ପିଠିରେ ହାତରଖି ତାକୁ ଆଶ୍ୱାସନା ଦେଲି । ଆଶ୍ୱସ୍ତ ହେବା ପରେ ତାକୁ ପୂର୍ବ ପ୍ରଶ୍ନ ପୁନରାୟ କଲି । ସେ ତୀବ୍ର କୁଣ୍ଠା ପ୍ରକାଶ କରୁଥିଲା କିଛି କହିବା ପାଇଁ । ବିଭିନ୍ନ ପ୍ରଲୋଭନ ଦେଖାଇ ତାକୁ ବଶୀଭୂତ କରିବାକୁ ବେଶି ସମୟ ଲାଗିଲାନି । ଅନେକ ସମୟ ପରେ ସେ ଯାହା କହିଲା, ତାହା ମୋତେ ଅକଳନ୍ତି ଦ୍ୱନ୍ଦରେ ପକେଇ ଦେଲା ।

କଇଁ ତା'ର ଝିଅ ନୁହେଁ । କଇଁ ଗଣିକା ବସ୍ତିର ଗୋଟିଏ ବାରାଂଗନାର ଝିଅ । ନରକ ପୁରୀରେ ତା'ର ଜନ୍ମ ।

ସୂର୍ଯ୍ୟ ସେ ପଡାକୁ ଯାଏ ସବୁବେଳେ । ଅବିବାହିତ ରହିବାର ଭୀଷ୍ମ ପ୍ରତିଜ୍ଞା, ଅଣାୟତ ମନ ଓ ବିଭ୍ରାନ୍ତିକର ପୌରୁଷ ପାଇଁ ସମାଧାନର ସୂତ୍ରଟିଏ ଖୋଜେ ଶତପୁରୁଷ ଦଂଶିତା ମହିଳାମାନଙ୍କ ତନୁ-ଶଯ୍ୟାରେ । କଇଁର ମା' ପାଖକୁ ତା'ର ଗତାଗତ ପ୍ରାୟେ ଅନୁକ୍ଷଣ ଥାଏ । ତେଣୁ ଇହଲୋକରୁ ବିଦାୟ ନେବା ପୂର୍ବରୁ ସେ କଇଁ କୁ ସୂର୍ଯ୍ୟ ହାତରେ ସମର୍ପି ଯାଇଛି । ସୂର୍ଯ୍ୟ ତାକୁ ପାଳେ ଅନେକ ଯତ୍ନରେ । ସ୍ନେହ ଆଦର - କେଉଁଥିରେ ଊଣା କରେନା । ସେ ଜାଣେନା ସ୍ତ୍ରୀର ପ୍ରେମ, ସେ ବୁଝେନା ସ୍ୱାମୀ ହେବାର ପ୍ରଭୁତ୍ୱ, ସେ ଦେଖେନା ସାଧାରଣ ମହିଳା ଓ ଗଣିକା ମଧ୍ୟରେ ପାର୍ଥକ୍ୟ । ସେ ମଧ୍ୟ ନିଜକୁ ପଚାରି ନାହିଁ, ତା'ର ରକ୍ତ କଇଁର ଶିରାପ୍ରଶିରାରେ ପ୍ରବାହିତ ହେଉଛି କି ନାହିଁ ।

ସୂର୍ଯ୍ୟଠାରୁ ଶୁଣିଲି ସେ ମହିଳାଟିର ନାଁ ବି ସବିତା ଥିଲା ।

ତେବେ କ'ଣ ସବିତା...?

ନା- ସବିତା ନାଁରେ ବି ଅନ୍ୟ କେହି ଥାଇ ପାରନ୍ତି ।

ସୂର୍ଯ୍ୟ ପାଖରୁ ଫେରିବା ପୂର୍ବରୁ ମୁଁ ତାକୁ ଅନୁରୋଧ କଲି, "ତୁ ମୋତେ କଇଁକୁ ଦେଇପାରିବୁ ? ମୁଁ ତାକୁ ଯତ୍ନରେ ପାଳିବି । କେବେ ହେଲେ ତା'ର କିଛି ଊଣା ରହିବ ନାହିଁ ।"

ସୂର୍ଯ୍ୟ ପ୍ରଥମେ ପ୍ରଥମେ ଅମଂଗ ହେଉଥିଲା, ପରେ ରାଜିହେଲା । କଇଁକୁ ଗାଡିରେ ବସାଇବା ଦିନ ସୂର୍ଯ୍ୟର ଚକ୍ଷୁ ଲୋତକସ୍ନାତ କରିଗଲା । କଇଁ ଶୂଳି ପାଇବାକୁ ଯାଉଥିବା ଅପରାଧୀ ପରି ଆକୁଳ କ୍ରନ୍ଦନ କରିଥିଲା । ସୂର୍ଯ୍ୟ ନିଜ ଆଖିର ଲୁହ ପୋଛି ତାକୁ ସାନ୍ତ୍ୱନା ଦେଲାପରେ ମୁଁ କଇଁକୁ ନେଇ ଆସିଥିଲି ନିଜ ଘରକୁ । କଇଁ ରହିଲା ଆମ ଘରେ ।

ମୋ ପୁଅ ଅଂକିତ ତା'ର ଘନିଷ୍ଠ ହୋଇ ଉଠିଲା ଦିନକୁ ଦିନ । ଅଂକିତ କଇଁଠାରୁ ତିନି ଚାରିବର୍ଷ ବଡଥିଲା । ଦୁହେଁ ଏକ ମନ ନେଇ ବୁଲନ୍ତି, କିତି କିତି ଖେଳନ୍ତି । ଦୌଡିଡିଆଁ ଖେଳନ୍ତି, କଣ୍ଢେଇ ଘର କରନ୍ତି । ଟି.ଭି.ରେ କାର୍ଟୁନ୍ ମାନଙ୍କ ଅନୁକରଣ କରନ୍ତି । ବେଳେ ବେଳେ ଜନ୍ତାଖାଇ ଫଳ ସାଉଁଟି ରଥ କରନ୍ତି ।

ସେମାଙ୍କ ରଥ ଦେଖିଲେ ମୋ ହୃଦୟ କୋହାଛନ୍ନ ହୋଇଯାଏ । ବାଲ୍ୟକାଳର ଚପଳତା ପୁନଃ ବିକଶି ଉଠେ ଚକ୍ଷୁ ସମ୍ମୁଖରେ । ସବିତାର ବାହା ନହେବା ପାଇଁ ରୁଦ୍ର ଅଥଚ ମୃଦୁ ଧମକ ମନେପଡେ । କେତେ ସେ ମୋତେ ଡରାଉଥିଲା ବାହା ନହେବାକୁ ! ତା'ରି କଥା ରହିଲା । ଶେଷରେ ସେ ଅନ୍ତର୍ଦ୍ଧାନ ହୋଇଗଲା । ଅଂକିତ ଓ କଇଁର ସୁନ୍ଦର ରଂଗିନ୍ କାଗଜଲଗା ରଥ ଦେଖିଲେ ଗୁମୁରୀ ଗୁମୁରୀ ମୁଁ ସ୍ୱଗତୋକ୍ତି କରେ; "କାହିଁକି ପୁଣି ଯେ ମାୟା ଲଗାଉଛ ? ଭାଂଗିଦିଅ ସେ ରଥ । ଭଗବାନ୍‌ଟା ବଡ ନିର୍ଦ୍ଦୟରେ ! କେବେ ସେ ଅନ୍ୟର ସୁନ୍ଦର ଚିଜ ରଖେଇ ଦେବନି ।"

ଅନ୍ୟ ସମୟରେ ବେଳେ ବେଳେ କଇଁ ଏକୁଟିଆ ବସେ । ଗାଲରେ ହାତ ଦେଇ ଅପରିସୀମ ଚିନ୍ତା କରୁଥାଏ । ଯାତନାର ପାହାଡ ଯେମିତି ନଦି ହୋଇଯାଏ ତା'ର କୁନି ହୃଦୟଟା ଉପରେ । ମୁଁ ପାଖକୁ ଆସି ପଚାରେ, "କଇଁ, କ'ଣ ଦେହ ଖରାପ ?"

ନା-ସେ ସଂକ୍ଷିପ୍ତ ଉତ୍ତର ଦିଏ ।

ମା' କଥା ମନେ ପଡୁଛି ?

ମା' ଶବ୍ଦ ଶୁଣି ସେ କଇଁକଇଁ କାନ୍ଦେ । ପିଲାବେଳରୁ ସେ ମା'କୁ ଭଲ କରି ଦେଖିନାହିଁ । ଅତି ଛୋଟ ଅବସ୍ଥାରୁ ସେ ମାତୃହରା । କେବଳ ସୂର୍ଯ୍ୟକୁ ଜାଣେ । ସୂର୍ଯ୍ୟ ତା'ର ମା', ସେହି ତା'ର ବାପା । ସେ କୋହ ଦମନ କରି କହେ-ମୁଁ ବାପା ପାଖକୁ ଯିବି ।

ପିଲାଟିର ଆକୁଳ ନିବେଦନ ମୋର ଉଦାସୀନତାର ସରହଦ ଡେଇଁ ଯାଏ । ତାକୁ ନଛାଡିବାର ପ୍ରବଳ ଆବେଗ ବାଷ୍ପ ହୋଇ ଆସେ । ଅଗତ୍ୟା ତାକୁ ସମ୍ବଲପୁରରେ ଛାଡିଦେଲି । ଘରୁ ନେବା ଦିନ ଅଂକିତ ବାଲ୍‌କୋନୀ ଉପରେ ଛିଡା ହୋଇ କରୁଣ ଦୃଷ୍ଟି ତୋଳିଥିଲା । କଇଁ ହର୍ଷୋତ୍‌ଫୁଲ୍ଲ ବଦନରେ ଗାଡିରେ ବସୁ ବସୁ ଅଂକିତ ଉପରେ ତାର ଦୃଷ୍ଟି ନିବଦ୍ଧ ହୋଇଗଲା । ପରକ୍ଷଣରେ ତା'ର ମୁହଁ ଅପ୍ରତ୍ୟାଶିତ ବିଷର୍ଣ୍ଣ, ଅବସନ୍ନ ହୋଇ ଆସିଲା । ଗାଡି ଷ୍ଟାର୍ଟ ହୋଇ ଦୁଇ ତିନି ଗଜ ଚାଲିବା ପରେ ମୁଁ ପଛକୁ ଚାହିଁ ଦେଖିଲି, ଅଂକିତ ସାତସମୁଦ୍ର ତେରନଈ ପାରିହୋଇ ବାଣିଜ୍ୟ କରି ଯାଉଥିବା ସାଧବପୁଅ ପରି ବୋଇତ ଉପରେ ଛିଡାହୋଇ ଆତ୍ମୀୟ ସ୍ୱଜନଠାରୁ ବିଦାୟ ନେଉଛି ଯେମିତି ।

କଇଁକୁ ଛାଡି ସୂର୍ଯ୍ୟକୁ କହିଲି; କଇଁର ଯତ୍ନ ନେବୁ । କେବେ କେଉଁଥିରେ ଊଣା ହେଲେ ମୋ ପାଖକୁ ଚିଠି ଦେବୁ ।

ଯା'ଭିତରେ ଦଶବର୍ଷ ଅତିକ୍ରମ କରିଯାଇଛି । କେବେବି ମୁଁହ ଖୋଲି ସୂର୍ଯ୍ୟ ପଇସାଟିଏ ସାହାଯ୍ୟ ମାଗିନାହିଁ । ମୁଁ ସ୍ୱତଃପ୍ରବୃତ୍ତ ହୋଇ ମଝିରେ ମଝିରେ ଟଙ୍କା ପଠାଉଥିଲି । ତିନିବର୍ଷ ହେବ ତାହାବି ସ୍ଥଗିତାବସ୍ଥାରେ ପହଁଚିଛି । ଅଂକିତ ଛଅ ମାସ ହେବ ଗୋଟିଏ ସୁପ୍ରତିଷ୍ଠିତ କଂପାନୀରେ ଏକଜିକ୍ୟୁଟିଭ୍ ପୋଷ୍ଟରେ ଯୋଗ ଦେଇଛି ।

କିଛିଦିନ ହେବ କଇଁକୁ ମୁଁ ନୁହେଁ, ଆମ ପରିବାରରେ ସମସ୍ତେ ପ୍ରାୟେ ବିସ୍ମରି ଯାଇଥିଲେ କହିବା ସମୀଚୀନ ହେବ । ସ୍ମୃତିର ସୀମା ଡେଇଁ ସବିତା ପରି କଇଁ ମଧ୍ୟ ଅଚଳ ପଇସା ଭାବେ ଦୃଷ୍ଟିର ଅନ୍ତରାଳକୁ ଚାଲି ଯାଉଥିଲା ।

ଆକସ୍ମିକ ଦିନେ ବିବାହ ନିମନ୍ତ୍ରଣ ପତ୍ରଟିଏ ଆସିଲା ସୂର୍ଯ୍ୟଠାରୁ । କଇଁ ବାହା ହେଉଛି ।

କଇଁର ବାହାଘର, ଅଥଚ ମୁଁ ଯିବି ନାହିଁ ! ମୁଁ ପ୍ରସ୍ତୁତ ହୋଇଗଲି ନିର୍ଦ୍ଦିଷ୍ଟ ଦିନ । ଅଂକିତ ମଧ୍ୟ ଛୁଟି ନେଇ ଯିବ ବୋଲି କହିଲା । ମୁଁ ତାକୁ ନେଇ ସମ୍ବଲପୁର ଗଲି । ସରକାରୀ କ୍ୱାର୍ଟରର୍ସରେ ସୂର୍ଯ୍ୟ ବାହାଘର ଆୟୋଜନ କରୁଥାଏ । ମୋତେ ଭୂୟଃ ଅଭ୍ୟର୍ଥନା ଜଣାଇଲା ସେ । କଇଁକୁ ଦେଖିଲି । ସେ କେତେ ସୁନ୍ଦର ଦିଶୁଥିଲା ରକ୍ତ ଟୁକୁଟୁକୁ ନାଲି ରଂଗର ସମ୍ବଲପୁରୀ ପାଟ ଭିତରେ ! କେତେଗୁଡାଏ ଉପହାର ଥିଲା ତା' ପାଇଁ । ଅଂକିତ ସେସବୁ ଦେଉଥିବା ବେଳେ ତା' ହାତଟା କାହିଁକି ଅନ୍ୟମନସ୍କ ଭାବେ ଥରି ଉଠୁଥିଲା । ମୁଁ ବାହାରକୁ ଚାଲି ଆସିଲି ।

ବିବାହର ବେଦି ପ୍ରସ୍ତୁତ ସରିଥାଏ । ବର ପହଁଚି ସାରିଥାଏ । ଆଉ ଅଳ୍ପସମୟ ବାକିଥାଏ ଶୁଭପରିଣୟ ହେବାକୁ । ଦେଖାଣିହାରି କେତେଜଣ ବେଦୀ କଡରେ ସ୍ଥାନିତ ଚେୟାର ଉପରେ ବସିଥାନ୍ତି । ସେମାନଂକ ମଧ୍ୟରେ ଅଂକିତ ବି ଥାଏ । ପୁରୋହିତ ବରକନ୍ୟାକୁ ଆଣିବାକୁ ନିର୍ଦ୍ଦେଶ ଦେଲେ । ସମ୍ବଲପୁରିଆ ଭାଷାରେ ମଧୁର ଗୀତର ମୂର୍ଚ୍ଛନା ତୋଳିଲା ରେକର୍ଡ ପେୟାର । ସମଗ୍ର ପରିବେଶ ମୁଖରିତ ହୋଇଉଠିଲା ଉଲ୍ଲାସରେ ।

ଜଣେ କିଏ ଦୌଡି ଆସି ପୁରୋହିତଙ୍କ କାନରେ କ'ଣ କହିଦେଇ ଚାଲିଗଲା । ତା'ପରେ ସବୁ ସ୍ତବ୍‌ଧ । ନୀରବତା ସଂଚରିଲା ଚତୁଃପାର୍ଶ୍ୱକୁ । ଘଟଣା ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଗଲି । କେହି ବର ପକ୍ଷରେ କହି ଦେଇଛି ଯେ କଇଁ ସୂର୍ଯ୍ୟର ଝିଅ ନୁହେଁ । ତା'ର କୁଳଗୋତ୍ର କେହି ଜାଣନ୍ତିନାହିଁ । ସୂର୍ଯ୍ୟ ତାକୁ କେଉଁ ଅନାମଧେୟ ଅପରିଚ୍ଛିନ୍ନ ଗଳିରୁ ଉଠେଇ ଆଣି ପାଳିଛି । ବର ଫେରିବାକୁ ଉଦ୍ୟତ । ମୁଁ ଭୀତତ୍ରସ୍ତ ହୋଇ ଧାଇଁ ଗଲି ବର ପିତା ପାଖକୁ । ଦେଖିଲି ସୂର୍ଯ୍ୟ ମୁଣ୍ଡପିଟି ବିଳାପ କରୁଛି ବରପିତାର ପାଦତଳେ । ଆହାଃ....କି ନିଃସ୍ୱାର୍ଥପର ଉତ୍ସର୍ଗ !

ଆକଣ୍ଠ ସହାନୁଭୂତିରେ ମୁଁ ଗଦ୍‌ଗଦ୍ ହୋଇପଡିଲି ସୂର୍ଯ୍ୟ ପାଖରେ । କ'ଣ ସେ ଚାହେଁ ? ଗୋଟିଏ ପଙ୍କ ତଳୁ ମୁକୁଳାଇ ଆଣିଥିବା ପିଲାଟିକୁ ସେ ସଭ୍ୟ ସଂସାର ଭିତରେ ସୁଖୀ କରିବାକୁ ଚାହେଁ ତ ! ଏହାଛଡା ସେ କ'ଣ ଚାହିଁଛି ? କେଉଁଠି ଥିଲା ତା'ର ଭୁଲ୍ ଯାହା ପାଇଁ ଅକଥନୀୟ ଭାବେ ଲାଞ୍ଛିତ ହେଉଛି ନୀଚମନା ଲୋକଗୁଡାଙ୍କ ସମ୍ମୁଖରେ । କେତେ ନେହୁରା ହେଲା, ବିନତି ହେଲା ଅଥଚ ସବୁ ନିଃଷ୍ଫଳ ହୋଇଗଲା । ବର ବାହୁଡିଗଲା । ଯେ ସବୁ ଦୃଶ୍ୟ ଧୈର୍ଯ୍ୟହରା କରିଦେଲା ମୋତେ । ମୁଁ ଧାଇଁ ଆସି ଅଙ୍କିତ ପାଖରେ ଅସୀମ ଆତ୍ମବିଶ୍ୱାସର ସହ ଛିଡା ହେଲି ଏବଂ କହିଲି; ମୁଁ ଯଦି ଭୁଲ୍ ମାର୍ଗରେ ତୋତେ ପରିଚାଳିତ କରୁନଥାଏ ତେବେ ଆନ୍ତରିକତାର ସହ କହୁଛି ତୁ ସେ ଶୂନ୍ୟ ବେଦୀକୁ ମଣ୍ଡିତ କର ଅଂକିତ । ତୁ ଯାହା ଏବେ ଶୁଣିଲୁ ମୁଁ ଅନେକ ପୂର୍ବରୁ ତାହା ଶୁଣିଛି । ନଥାଉ ତା' ପାଖରେ କୁଳଗୋତ୍ରର ପରିଚୟ, ନଥାଉ ପିତାମାତାର ପ୍ରତୀକ, ନଥାଉ ତା' ଶିକ୍ଷା ସଭ୍ୟତା, କିମ୍ବା ନଥାଉ ସୁସ୍ଥ ସାମାଜିକ ପରିବେଶରେ ଜନ୍ମ ହେବାର ଯୋଗ୍ୟତା ହେଲେ ଏତିକି ଅଛିତ ସେ ଗୋଟିଏ ଝିଅ । କଇଁ କେବେ ମସୃଣ ପରିଷ୍କୃତ ଭୂଇଁରେ ଫୁଟେନିରେ । କଇଁ ଜନ୍ମିତ ପଙ୍କରୁ । ପଂକରୁ ଜନ୍ମ ନେବାରେ ତା'ର ଅପରାଧ କେଉଁଠି ? ସେ କ'ଣ ଚାହିଁଥିଲା ପଂକ ହେବ ତା'ର ଜନ୍ମଧାତ୍ରୀ ! ପଂକରୁ ଜନମିଲେବି ତା'ର ଜୀବନ ସାର୍ଥକ । ସେ ମନୋରମ ଓ ଅନୁପମ ।

କିନ୍ତୁ ବାବା...ଅଂକିତର ଗଳା ବାଷ୍ପାଚ୍ଛନ୍ନ ହୋଇଗଲା ।

ଆଉ ଦ୍ୱିଧା କରନା । "କିନ୍ତୁ" ଭଳି ଅନ୍ତରାୟଟିଏ ଆଉ ସୃଷ୍ଟି କରନା । କଇଁକୁ ଗ୍ରହଣ କର । ଏଥିରେ ମୁଁ ସୁଖି ହେବି । ମୋ ମନ କହୁଛି କଇଁ କେବେ ପର ନୁହେଁ । ସେ ମୋର ଅତି ଆପଣାର ନିରୁଦ୍ଦିଷ୍ଟ ସବିତାର ଝିଅ । ହଁ-ହଁ ସେ ସବିତାର ଝିଅ । ନଚେତ୍ ଏତେ ସାଦୃଶ୍ୟ ଆସନ୍ତା କେମିତି ? ଏ ଜନ୍ମରେ ତ ସବିତା ସହ ସଂପର୍କ ରଖି ହେଲାନି । ବିଚାରି ମୋ ପାଦ ତଳେ ମରିବ ମରିବ ବୋଲି ଅନବରତ ଘୋଷି ହେଉଥିଲା, ହେଲେ ନିୟତିର ବିଧାନ । ମରିଗଲା କେଉଁ ଅଜ୍ଞାତ ଗଳିରେ । ହୁଏତ ତା'ରି ସନ୍ତକଟିକୁ ଭଗବାନ୍ ଛାଡି ଯାଇଛନ୍ତି ମୋରି ଘରେ ସଂପର୍କ ଯୋଡିବାକୁ । ଯେଉଁ ସଂପର୍କକୁ ମୁଁ ବାନ୍ଧି ପାରି ନାହିଁ ତାକୁ ତୁ ହାତଛଡା କରନା ବାପା ।

